ସ୍ୱାଗତଂ ଓଡ଼ିଶା

# ଦୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook YouTube Twitter

ବର୍ଷ-୬ | ସଂଖ୍ୟା-୨୭ | ଶନିବାର | ୧୯ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-27 | Saturday | 19 April 2025 | Bhubaneswar | Pages-8 | Rs. 2.00

## ଶ୍ରୀଜିଉଙ୍କ ଦର୍ଶନକଲେ ରାଜ୍ୟପାଳ



ପୁରୀ, ୧୮।୪ (ଡିକେ ନ୍ୟୁଜ): ଶୁକ୍ରବାର ଅପରାହ୍ନରେ ରାଜ୍ୟପାଳ ଡ.ହରିବାବୁ କୁମ୍ଭବପାଟି ଶସ୍ତିକ ରାଜ୍ୟପାଳଙ୍କ ଦର୍ଶନ କରିଛନ୍ତି। ରାଜ୍ୟପାଳ ଓଡ଼ିଶାର ଫାଷ୍ଟ ଲେଡି ଜୟଶ୍ରୀ କୁମ୍ଭବପାଟିଙ୍କ ସହିତ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସମେତ ସେବାୟତମାନେ ସ୍ୱାଗତ ଜଣାଇ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ରାଜ୍ୟପାଳ ରତ୍ନସିଂହାସନରେ ବିରାଜମାନ କରୁଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ପାର୍ଶ୍ୱଦେବଦେବୀଙ୍କର ଦର୍ଶନ କରିଥିଲେ। ରାଜ୍ୟପାଳଙ୍କ ସହ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ମଧ୍ୟ ଶ୍ରୀଜିଉମାନଙ୍କୁ ଦର୍ଶନ କରିଥିଲେ। ଦର୍ଶନ ପରେ ରାଜ୍ୟପାଳ ଓ ଅନ୍ୟମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡୁଆ ପାଟ ପ୍ରଦାନ କରାଯାଇଥିଲା। ଦର୍ଶନ ସମୟରେ ଶ୍ରୀମନ୍ଦିର ସୁରକ୍ଷା ମୁଖ୍ୟ ହେମନ୍ତ କୁମାର ପାଢୀ, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ଅତିରିକ୍ତ ଏସପି ଦେବବ୍ରତ ଚକ୍ର, ସୁଶୀଲ କୁମାର ମିଶ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର ଓ ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶେଷ ପର୍ଯ୍ୟାୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ



ଭୁବନେଶ୍ୱର, ୧୮।୪ (ଡିକେ ନ୍ୟୁଜ୍): ଖୁବଶୀଘ୍ର ସରିବ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ। ଏନେଇ ସୂଚନା ଦେଇଛନ୍ତି ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ। ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ରତ୍ନଭଣ୍ଡାର ମରାମତି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସଆଇ ପକ୍ଷରୁ ଜାରି ରହିଥିବା ବେଳେ ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭିତର ରତ୍ନଭଣ୍ଡାରର କାନ୍ଥ ଏବଂ ଚଟାଣରେ ଫାଟ ଥିବା ଯୋଗୁଁ ଏହାର ମରାମତି ଓ ନଷ୍ଟ ହୋଇଯାଇଥିବା ପଥର ଗୁଡ଼ିକ ପରିବର୍ତ୍ତନ କରାଯାଇଛି। ସେହିପରି ବାହାର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ମଧ୍ୟ ଜାରି ରହିଛି। ଠାକୁରଙ୍କର ବିଭିନ୍ନ ସମୟରେ ସ୍ୱତନ୍ତ୍ର ନୀତି କାନ୍ତି ଏବଂ ଭକ୍ତଙ୍କ ପ୍ରବଳ ଭିଡ ଯୋଗୁଁ ବିଭିନ୍ନ ସମୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରଖାଯାଉଛି। ଏଣୁ ଡେଡ୍ ଲାଇନ ଅନୁସାରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ମହାପ୍ରଭୁଙ୍କର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସଆଇ ପକ୍ଷରୁ ଜାରି ରହିଥିବା ବେଳେ ଆଗାମୀ ଦୁଇଶହ ବର୍ଷକୁ ଦୃଷ୍ଟିରେ ରଖି ଏହାର କାର୍ଯ୍ୟ କରାଯାଉଛି।

## ଏଲନ ମସ୍କଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୮।୪ (ହି.ସ): ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲନ ମସ୍କଙ୍କ ସହ ଏକ ଟେଲିଫୋନିକ ଆଲୋଚନା କରିଛନ୍ତି, ଯେଉଁଥିରେ ଭାରତ ଏବଂ ଯୁକ୍ତରାଷ୍ଟ୍ର ମଧ୍ୟରେ ଟେକ୍ନୋଲୋଜି ଏବଂ ନୂତନତ୍ୱ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ପାରସ୍ପରିକ ଆଗ୍ରହକୁ ପୁନଃ ନିଶ୍ଚିତ କରାଯାଇଛି। ଏହି ଆଲୋଚନା ଏକ ଏପରି ସମୟରେ ହୋଇଛି ଯେତେବେଳେ ଟେସଲା ଭାରତୀୟ ଇଲେକ୍ଟ୍ରିକ ଗାଡ଼ି ବଜାରରେ ପ୍ରବେଶ କରିବାର ସମ୍ଭାବନା ଅନୁସନ୍ଧାନ କରୁଛି। ଉଭୟେ ଚଳିତ ବର୍ଷ ୱାଶିଂଟନ ଡିସିରେ ହୋଇଥିବା ସେମାନଙ୍କର ପୂର୍ବ ବୈଠକକୁ ଆଧାର କରି ବିସ୍ତୃତ ବିଷୟ ଉପରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ଭାରତର ଦ୍ରୁତ ବିକଶିତ ଟେକ୍ ଇକୋସିଷ୍ଟମ ଏବଂ ମସ୍କଙ୍କର ଅତ୍ୟାଧୁନିକ ନୂତନତ୍ୱ ଉଦ୍ୟୋଗ ମଧ୍ୟରେ ବୃଦ୍ଧି ପାଉଥିବା ସମନ୍ୱୟକୁ ଉଜାଗର କରିଛି। ଏକ୍ସରେ ଏହି ଆଲୋଚନାର ବିବରଣୀ ଶେୟାର କରି ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ଏଲନ ମସ୍କଙ୍କ ସହ କଥା ହୋଇଛି ଏବଂ ବିଭିନ୍ନ ବିଷୟ ସହିତ ଚଳିତ ବର୍ଷ ୱାଶିଂଟନ ଡିସିରେ ଆମର ବୈଠକ ସମୟରେ ଆଲୋଚିତ ବିଷୟଗୁଡ଼ିକ ଉପରେ କଥା ହୋଇଛି। ଆମେ ଟେକ୍ନୋଲୋଜି ଏବଂ ନୂତନତ୍ୱ କ୍ଷେତ୍ରରେ ସହଯୋଗର ବିପୁଳ ସମ୍ଭାବନା ବିଷୟରେ ଆଲୋଚନା କରିଛୁ। ଭାରତ ଏହି କ୍ଷେତ୍ରଗୁଡ଼ିକରେ ଯୁକ୍ତରାଷ୍ଟ୍ର ସହ ଆମର ଭାଗିଦାରୀକୁ ଆଗେ ବାଢ଼ିବା ପାଇଁ ପ୍ରତିବଦ୍ଧ ରହିଛି। ପ୍ରଧାନମନ୍ତ୍ରୀ ମୋଦି ଚଳିତ ବର୍ଷ ଫେବୃଆରୀରେ ତାଙ୍କର ଦୁଇ ଦିନିଆ ଯୁକ୍ତରାଷ୍ଟ୍ର ଗସ୍ତ ସମୟରେ ଏଲନ ମସ୍କଙ୍କୁ ଭେଟିଥିଲେ। ସ୍ପେସଏକ୍ସ ସିଇଓ ତାଙ୍କର ତିନି ପିଲା - ଏକ୍ସ, ଷ୍ଟ୍ରାଇଡର ଏବଂ ଆଜୁରଙ୍କ ସହ ଉପସ୍ଥିତ ଥିଲେ। ଏହି ବୈଠକ ସମୟରେ ଇଲୋନ ମସ୍କ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଷ୍ଟାରଶିପ ହେକ୍ସାଗୋନାଲ ହିଟଶିଲ୍ଡ ଟାଇଲ ଉପହାର ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କର ଏଲନ ମସ୍କଙ୍କ ସହ ଟେଲିଫୋନିକ ଆଲୋଚନା ଏକ ଏପରି ସମୟରେ ହୋଇଛି ଯେତେବେଳେ ଟେସଲା ନିକଟ ଭବିଷ୍ୟତରେ ମୁମ୍ବାଇ ନିକଟସ୍ଥ ଏକ ବନ୍ଦରକୁ କିଛି ହଜାର ଗାଡ଼ି ପଠାଇ ଭାରତୀୟ ବଜାରରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛି ବୋଲି ରିପୋର୍ଟ ଆସିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଯେଉଁ • ପୃଷ୍ଠା ୭ ଦେଖନ୍ତୁ...

## ଶ୍ରୀମଦ୍ ଭଗବତ ଗୀତା, ନାଟ୍ୟଶାସ୍ତ୍ର ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ସାମିଲ



ନୂଆଦିଲ୍ଲୀ, ୧୮।୪ (ହି.ସ): ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ରକୁ ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଏହା ଉପରେ ଖୁସି ପ୍ରକାଶ କରିଛନ୍ତି। ସେ ଏହାକୁ ବିଶ୍ୱର ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ମଧ୍ୟ ଏଥିରେ ଖୁସି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ଲେଖିଛନ୍ତି ଯେ ଏହା ବିଶ୍ୱବ୍ୟାପି ଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ଗୀତା ଏବଂ ନାଟ୍ୟ ଶାସ୍ତ୍ରର ଅନ୍ତର୍ଭୁକ୍ତି ଆମର କାଳଜୟୀ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିର ଏକ ବିଶ୍ୱସ୍ତରୀୟ ସ୍ୱୀକୃତିୟ ଗୀତା ଏବଂ ନାଟ୍ୟ ଶାସ୍ତ୍ର ଶତାବ୍ଦୀ ଶତାବ୍ଦୀ ଧରି ସଭ୍ୟତା ଏବଂ ଚେତନାକୁ ପୋଷଣ କରିଆସିଛି। ତାଙ୍କର ଅନ୍ତର୍ଦୃଷ୍ଟି ବିଶ୍ୱକୁ ପ୍ରେରଣା ଦେଇ ଚାଲିଛି। କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ଏକ ପୋଷ୍ଟ ସେୟାର କରି ପ୍ରଧାନମନ୍ତ୍ରୀ ମୋଦି ଏହା ଲେଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ଲେଖିଛନ୍ତି ଯେ ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ଗୀତା ଏବଂ ନାଟ୍ୟ ଶାସ୍ତ୍ରର ଅନ୍ତର୍ଭୁକ୍ତି ଆମର କାଳଜୟୀ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିର ଏକ ବିଶ୍ୱସ୍ତରୀୟ ସ୍ୱୀକୃତି। ନିଜ ପୋଷ୍ଟରେ ପର୍ଯ୍ୟଟନ ମନ୍ତ୍ରୀ ଲେଖିଥିଲେ, ଭାରତର ସଭ୍ୟତାର ଐତିହ୍ୟ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଶ୍ରୀମଦ୍ ଭଗବତ ଗୀତା ଓ ଭାରତ ମୁନିଙ୍କ ନାଟ୍ୟଶାସ୍ତ୍ର ଏବେ ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ସ୍ଥାନ ପାଇଛି। ଏହି ବିଶ୍ୱସ୍ତରୀୟ ସମ୍ମାନ ଭାରତର ଚିରନ୍ତନ ଜ୍ଞାନ ଏବଂ କଳାତ୍ମକ ପ୍ରତିଭାକୁ ପାଳନ କରୁଛି। ଏହି କାଳଜୟୀ କୃତିଗୁଡ଼ିକ ସାହିତ୍ୟିକ ସମ୍ପଦ ଠାରୁ ଅଧିକ - ଏଗୁଡ଼ିକ ହେଉଛି ଦାର୍ଶନିକ ଏବଂ ସୌନ୍ଦର୍ଯ୍ୟମୂଳକ ଭିତ୍ତିଭୂମି ଯାହା ଭାରତର ବିଶ୍ୱ ଦୃଷ୍ଟିକୋଣ ଏବଂ ଆମେ ଚିନ୍ତା କରିବା, ଅନୁଭବ କରିବା, ବଞ୍ଚିବା ଏବଂ ପ୍ରକାଶ କରିବାର ଶୈଳୀକୁ ଆକାର ଦେଇଛି। ଏହାକୁ ମିଶାଇ ଏବେ ଏହି ଅନ୍ତର୍ଜାତୀୟ ରେଜିଷ୍ଟରରେ ଆମ ଦେଶର ୧୪ଟି ପ୍ରାଚୀନ କୃତି ରହିଛି। ଗତ ବର୍ଷ ରାମଚରିତମାନସ, ପଞ୍ଚତନ୍ତ୍ର ଓ ଆଚାର୍ଯ୍ୟ ଆନନ୍ଦବର୍ଦ୍ଧନଙ୍କ ସହୃଦୟାଲୋକ-ଲୋଚନ ଏହି ତାଲିକାରେ ସ୍ଥାନ ପାଇଥିଲା।

## ଚନ୍ଦନ ଯାତ୍ରା ପାଇଁ ନୀତିକାନ୍ତି ଚୂଡ଼ାନ୍ତ: ଭୋର ୪ଟାରୁ ଦ୍ୱାର ଫିଟା

ପୁରୀ, ୧୮।୪ (ଡିକେ ନ୍ୟୁଜ୍): ଆସନ୍ତା ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେବ। ସେହିପରି ଅକ୍ଷୟ ତୃତୀୟାଠାରୁ ଦୀର୍ଘ ୨୧ଦିନ ବ୍ୟାପୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ତେବେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି କିଭଳି ଶୃଙ୍ଖଳିତ ହୋଇପାରିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୁଡାନ୍ତ କରାଯାଇଛି। ଚଳିତ ବର୍ଷ ନରେନ୍ଦ୍ର ପୁଷ୍କରିଣୀରେ ଭକ୍ତମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆତସବାଜି ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ତେବେ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ଜିଲ୍ଲାପାଳ ଓ ଏସପି ସୂଚନା ଦେଇଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତ ହୋଇଥିବା ଚୁଡାନ୍ତ ନୀତି କାନ୍ତି ଅନୁଯାୟୀ ଭୋର ୪ଟା ଠାରୁ ଦ୍ୱାର ଫିଟା, ୫ଟା ରେ ମଙ୍ଗଳ ଆଳତୀ ପରେ ମହାପ୍ରଭୁଙ୍କ ବିଭିନ୍ନ ନୀତି କାନ୍ତି ବଢ଼ିବା ପରେ ସକାଳ ୮ଟାରୁ ୧୦ଟା ମଧ୍ୟରେ ସକାଳ ଧୂପ ଅନୁଷ୍ଠିତ ହେବ। ପରେ ଭୋଗମଣ୍ଡପ, ଆଲଟଲାଗି, ଚନ୍ଦନଲାଗି ଓ ଜାତ ଭୋଗ ହୋଇ ଅପରାହ୍ନ ସାଢେ ତିନିଟାରେ ଚନ୍ଦନକୁ ଦିଅଁ ବିଜେ କରିବେ। ପରେ ମହାପ୍ରଭୁଙ୍କ ବିଭିନ୍ନ ନୀତି କାନ୍ତି ବଢିବା ପରେ ରାତ୍ର ୧୧ଟା ବେଳକୁ ଚନ୍ଦନ ଠାକୁର ବାହୁଡ଼ା ବିଜେ କରିବେ। ରାତ୍ର ୧୨ଟାରେ ବଡ଼ସିଂହାର ବେଶ ହୋଇ ରାତ୍ର ୧ଟାରେ ପହୁଡ଼ ନୀତି ଅନୁଷ୍ଠିତ ହେବ। ଏହି ଦିନ ରାତ୍ର ୩ଟାରେ ଦ୍ୱାର ଫିଟା ପରେ ଭୋର ୪ଟାରେ ମଙ୍ଗଳ ଆଳତି ନୀତି ଅନୁଷ୍ଠିତ ହେବ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି କାନ୍ତି ବଢ଼ିବା ପରେ ସକାଳ ୭ଟା ୩୦ରୁ ୯ ମଧ୍ୟରେ ସକାଳ ଧୂପ ଅନୁଷ୍ଠିତ ହେବ। ଏହାପରେ ବିଭିନ୍ନ ନୀତି କାନ୍ତି କରାଯାଇ ୩ଟା ୩୦ରେ ଦିଅଁ ବିମାନକୁ ବିଜେ କରିବା ସହିତ • ପୃଷ୍ଠା ୭ ଦେଖନ୍ତୁ...

## ଦ୍ୱିତୀୟଥର ପାଇଁ ମାଉସୀ ମା' ଘରକୁ ବିଜେ



ବ୍ରହ୍ମପୁର, ୧୮।୪ (ଡିକେ ନ୍ୟୁଜ): ମା' ବୁଢୀଠାକୁରାଣୀ ଯାତ୍ରା ଗୁରୁବାର ଥିଲା ୧୫ତମ ଦିବସ। ଯାତ୍ରା ପରମ୍ପରା ଅନୁସାରେ ସନ୍ଧ୍ୟାରେ ମା' ଦ୍ୱିତୀୟଥର ପାଇଁ ଜଉରା ସାହିସ୍ଥିତ ମାଉସୀ ମା' ଘରକୁ ବିଜେ ହୋଇଛନ୍ତି। ଦ୍ୱିତୀୟଥର ବିଜେ କରିବା ଅବସରରେ ମାଉସୀ ଘର କୁହାଯାଉଥିବା ଶ୍ରୀନିବାସ ପରିବାର ମା'ଙ୍କ ନିକଟରେ ଗଜା ଭୋଗ ଲଗାଇବା ସହ ପୂଜାର୍ଚ୍ଚନା କରିଥିଲେ। ମାଉସୀ ଘରେ ମା'ଙ୍କ ଦର୍ଶନ ପାଇଁ ଜଉରା ସାହିରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଅପରପକ୍ଷରେ ଠାକୁରାଣୀ ଯାତ୍ରା ୧୫ତମ ଦିବସ ଅତିକ୍ରାନ୍ତ କରିଥିବା ବେଳେ ଆଖପାଖର ସାହି ଏବେ ଉତ୍ସବ ମୁଖର ହୋଇପଡ଼ିଛି। ଗୁରୁବାର ପ୍ରାତଃରୁ ମା'ଙ୍କ ଦର୍ଶନ କରିବାକୁ ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମିଥିଲା। ଅସ୍ଥାୟୀ ପୀଠରେ ଭିନ୍ନ ଭିନ୍ନ ମାନସିକଧାରୀଙ୍କୁ ଦେଖିବାକୁ ମିଳିଥିଲା। ମହିଳାମାନେ ବହୁ ସଂଖ୍ୟାରେ ଆସିଥିଲେ ଧର୍ମଝଣ୍ଡା ମୂଳରେ ହଳଦୀ ପାଣି ଅର୍ପଣ କରିବା ସହ ମା'ଙ୍କୁ ଶାଢୀ, ନାଲି ଚୁଡି, ଗଜା ଭୋଗ ଅର୍ପଣ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ଆଳତି ହୋଇଥିଲା। ଏହାପରେ ବାଦ୍ୟ, ବାଜଣା, ହୁଳହୁଳି ନାଦ ମଧ୍ୟରେ ମା'ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରିଥିଲା। ରାଜବାଟିକୁ ପ୍ରଥମେ ଯାଇଥିଲା। ଦେବକୀ ମୁଖ୍ୟ ଘଟକୁ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ୱାମୀନେ ପାର୍ଶ୍ୱ ଘଟକୁ ମୁଣ୍ଡାଇଥିଲେ ଓ ରାଜବାଟିରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତି ସହ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଜଉରାସାହି ଅଭିମୁଖେ ବାହାରିଥିଲା ମା'ଙ୍କ ଘଟ। ସେଠାରେ ମାଉସୀ ଘରେ ରୀତିନୀତି ଶେଷ ହୋବା ପରେ ଅନ୍ୟ ସାହି ଅଭିମୁଖେ • ପୃଷ୍ଠା ୭ ଦେଖନ୍ତୁ...

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ନିକୁଞ୍ଜ ଧଳ

ଭୁବନେଶ୍ୱର, ୧୮।୪ (ଡିକେ ନ୍ୟୁଜ୍): ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ କେନ୍ଦ୍ରୀୟ ଡେପୁଟେସନରେ ଯିବେ। ତାଙ୍କୁ ସଂସଦୀୟ ବ୍ୟାପାର ମନ୍ତ୍ରାଳୟର ସଚିବ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ବର୍ତ୍ତମାନ ସଂସଦୀୟ ବ୍ୟାପାର ମନ୍ତ୍ରାଳୟର ସଚିବ ଥିବା ଆଇଏଏସ ଉମଙ୍ଗ ନରୁଲା ଆସନ୍ତା ଜୁନ ୩୦ ତାରିଖରେ ଅବସର ଗ୍ରହଣ କରୁଛନ୍ତି। ତାଙ୍କ ସ୍ଥାନରେ ଶ୍ରୀ ଧଳଙ୍କୁ ଅବସ୍ଥାପିତ କରାଯିବା ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ଶୁକ୍ରବାର ଓଡ଼ିଶା-କ୍ୟାଡର ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ କେନ୍ଦ୍ରୀୟ ଡେପୁଟେସନକୁ ଅନୁମୋଦନ କରିଛି। ୧୯୯୩ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଯିଏ ବର୍ତ୍ତମାନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଭାବରେ କାର୍ଯ୍ୟ କରୁଛନ୍ତି, ତାଙ୍କୁ • ପୃଷ୍ଠା ୭ ଦେଖନ୍ତୁ...

## ରୁଷ-ୟୁକ୍ରେନ ଯୁଦ୍ଧରେ ମଧ୍ୟସ୍ଥତା ଭୂମିକାରୁ ଓହରିଯିବ ଆମେରିକା !



ୱାଶିଂଟନ, ୧୮।୪ (ହି.ସ): ଦୀର୍ଘ ବର୍ଷ ଧରି ରୁଷ ଓ ୟୁକ୍ରେନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି। କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ଦୁଇ ଦେଶ ମଧ୍ୟରେ ଆପୋଷ ବୁଝାମଣା କରିବାକୁ ପ୍ରୟାସ କରିଥିଲେ। ଏପରି କି ଦୁଇ ଦେଶ ସହ ପୃଥକ ପୃଥକ ଭାବେ ବୈଠକ କରି ଆମେରିକା ମଧ୍ୟସ୍ଥତା ଭୂମିକାରେ ନଜର ଆସିଥିଲା। ଲାଗୁଥିଲା ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରତି ଲାଗୁ ହେବ। ହେଲେ ଏନେଇ କୌଣସି ସୁଫଳ ମିଳି ନଥିବା ବେଳେ ଏବେ ମଧ୍ୟସ୍ଥତା ଭୂମିକାରେ ଥିବା ଟ୍ରମ୍ପ ଏଥିରୁ ଓହରି ଯିବେ ବୋଲି ସଙ୍କେତ ମିଳିଛି। ଯଦି ଯୁଦ୍ଧ ବିରତି ଯଥାଶୀଘ୍ର ଲାଗୁ ହେବାର ସଙ୍କେତ ନ ମିଳିବ, ତା'ହେଲେ ଟ୍ରମ୍ପ ଆଉ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବେ ନାହିଁ ବୋଲି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି। ସେ କହିଛନ୍ତି, ଯେଉଁ ପର୍ଯ୍ୟନ୍ତ ଆପୋଷ ବୁଝାମଣା ହେବାର ସଙ୍କେତ ମିଳି ନାହିଁ, ସେଯାଏ ଆମେରିକା ଆଉ କିଛି ଦିନ ମଧ୍ୟରେ ରୁଷ-ୟୁକ୍ରେନ ଶାନ୍ତି ପ୍ରତିଷ୍ଠା ଉଦ୍ୟମକୁ ବନ୍ଦ କରିଦେବ। ୟୁରୋପୀୟ ଓ ୟୁକ୍ରେନୀୟ ପ୍ରତିନିଧିମାନଙ୍କ ସହ ବୈଠକ କରିବା ପରେ ରୁବିଓ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ବି ଦୁଇ ଦେଶ ମଧ୍ୟରେ ଶାନ୍ତି ବୁଝାମଣା ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ପୂରା ବିଶ୍ୱରେ ତାଙ୍କର ଆହୁରି ଅନେକ ପ୍ରମୁଖ କାମ ମଧ୍ୟ ରହିଛି। ତେଣୁ ଯେଉଁ ଯାଏ ରୁଷ-ୟୁକ୍ରେନ ମଧ୍ୟରେ ଶାନ୍ତି ପ୍ରତିଷ୍ଠାର ସଙ୍କେତ ମିଳିନି, ସେ ମଧ୍ୟସ୍ଥତା ଭୂମିକାରୁ ଓହରି ଯିବାକୁ ପ୍ରସ୍ତୁତ ରହିଛନ୍ତି। ଯଦି ଆସନ୍ତା କିଛି ସପ୍ତାହ ନୁହେଁ, ବରଂ ଆଉ କିଛି ଦିନ ମଧ୍ୟରେ କୌଣସି ସକାରାତ୍ମକ ସଙ୍କେତ ନ ମିଳିବ, ତା'ହେଲେ ଆମେରିକା ମଧ୍ୟସ୍ଥତାରୁ ଓହରିଯିବ। ରାଷ୍ଟ୍ରପତି ଶାନ୍ତି ପ୍ରତିଷ୍ଠାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ। ଏହି ପ୍ରସଙ୍ଗରେ ସେ ନିଜର ଶକ୍ତି, ସାମର୍ଥ୍ୟ ଓ ସମୟ ଖର୍ଚ୍ଚ କରିଛନ୍ତି। କିନ୍ତୁ ଏହା ବାଦ ବି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ସେଗୁଡ଼ିକ ମଧ୍ୟ ରାଷ୍ଟ୍ରପତିଙ୍କ ସମୟ ଆବଶ୍ୟକ କରନ୍ତି ବୋଲି ପ୍ୟାରିସରେ ରୁବିଓ କହିଛନ୍ତି। ଆମେରିକା ଓ ୟୁକ୍ରେନ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସଫଳ ହେବା ପରେ ରୁବିଓ ପରୋକ୍ଷରେ ରୁଷକୁ ସର୍ତ୍ତହୀନ ଶାନ୍ତି ପ୍ରତିଷ୍ଠା ପାଇଁ ଆଗେଇ ଆସିବାକୁ ଚେତାବନୀ • ପୃଷ୍ଠା ୭ ଦେଖନ୍ତୁ...

## ଝଡ଼ବର୍ଷା ପାଇଁ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୮।୪ (ଡିକେ ନ୍ୟୁଜ୍): କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଜାରି ରହିଛି। ଶୁକ୍ରବାର ରାଜଧାନୀ ଭୁବନେଶ୍ୱର ସମେତ ଅଧିକାଂଶ ଜିଲ୍ଲାରେ ଝଡ଼ବର୍ଷା ପ୍ରଭାବ ଦେଖିବାକୁ ମିଳିଛି। ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଝଡ଼ବର୍ଷା ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଶନିବାର ମୟୁରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ବିଶେଷକରି ଅପରାହ୍ନ ଓ ସନ୍ଧ୍ୟାରେ ଝଡ଼ପବନର ଆଶଙ୍କା ରହିଛି। ସେହପିରି କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ଅପରାହ୍ନ ଓ ସନ୍ଧ୍ୟାରେ ଘଡ଼ଘଡ଼ି ସହ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଏହି ସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପଟେ ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, • ପୃଷ୍ଠା ୭ ଦେଖନ୍ତୁ...



# ଦ୍ରୁତ ଗତିରେ ଆଗେଇ ଚାଲିଛି ଭାରତର ଅର୍ଥନୀତି



**ନୂଆଦିଲ୍ଲୀ,(ହି.ସ):** ଭାରତର ଅର୍ଥନୀତି ଆଗାମୀ ତିନି ବର୍ଷ ମଧ୍ୟରେ ଜର୍ମାନୀ ଓ ଜାପାନକୁ ପଛରେ ପକାଇ ଦେବ ଏବଂ ୨୦୪୭ ସୁଦ୍ଧା ଏହା ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ହେବାର ସମ୍ଭାବନା ରହିଛି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି.ଭି.ଆର. ସୁବ୍ରହ୍ମଣ୍ୟମ ଗୁରୁବାର ଏକ କାର୍ଯ୍ୟକ୍ରମରେ ସମ୍ବୋଧନ କରି କହିଛନ୍ତି, ଭାରତ ବିଶ୍ୱ ପାଇଁ ଶିକ୍ଷାର କେନ୍ଦ୍ର ହୋଇପାରେ କାରଣ ଅନ୍ୟ ସମସ୍ତ ଜିନିଷଠାରୁ ଏହାର ସବୁଠାରୁ ବଡ଼ ସୁବିଧା ହେଉଛି ଏହାର ଗଣତନ୍ତ୍ର। ଦ୍ରୁତ ଗତିରେ ଆଗେଇ ଚାଲିଛି ଭାରତୀୟ ଅର୍ଥନୀତି: ସେ କହିଛନ୍ତି, ବର୍ତ୍ତମାନ ଭାରତୀୟ ଅର୍ଥନୀତି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିୟ ଆଗାମୀ ବର୍ଷର ଶେଷ ସୁଦ୍ଧା ଆମେ ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବୁ୍ୟ ତା'ପରେ ପରବର୍ତ୍ତୀ ବର୍ଷରେ ଆମେ ତୃତୀୟ ବୃହତ୍ତମ ଅର୍ଥନୀତି ହେବୁ। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ଭାରତର ଅର୍ଥନୀତିର ଆକାର ବର୍ତ୍ତମାନ ୪.୩ ଟ୍ରିଲିୟନ ଆମେରିକୀୟ ଡଲାରୟ ବି.ଭି.ଆର. ସୁବ୍ରହ୍ମଣ୍ୟମ କହିଛନ୍ତି, ଆମେ ତିନି ବର୍ଷ ମଧ୍ୟରେ ଜର୍ମାନୀ ଓ ଜାପାନଠାରୁ ମଧ୍ୟ ବଡ଼ ହେବୁ। ୨୦୪୭ ସୁଦ୍ଧା ଆମେ ଦ୍ୱିତୀୟ ବୃହତ୍ତମ ଅର୍ଥନୀତି (୩୦ ଟ୍ରିଲିୟନ ଆମେରିକୀୟ ଡଲାର) ହେବାର ସମ୍ଭାବନା ରହିଛି। ଭାରତର ସମସ୍ୟା ନିମ୍ନ ଆୟ ଦେଶଗୁଡ଼ିକ ଠାରୁ ଭିନ୍ନ: ସେ ଆଇନ ଏବଂ ହିସାବ ନିକାଶ ସମେତ ସମସ୍ତ ଭାରତୀୟ କମ୍ପାନୀଙ୍କୁ ବିଶ୍ୱ ନେତା ହେବାର ଆକାଂକ୍ଷା ରଖିବାକୁ ଆହ୍ୱାନ ଦେଇଛନ୍ତି। ନୀତି ଆୟୋଗର ସିଇଓ କହିଛନ୍ତି ଯେ ମଧ୍ୟମ ଆୟ ଦେଶଗୁଡ଼ିକର ସମସ୍ୟା ନିମ୍ନ ଆୟ ଦେଶଗୁଡ଼ିକର ସମସ୍ୟାଠାରୁ ବହୁତ ଭିନ୍ନ। ଏହା ଗରିବଙ୍କୁ ଖାଦ୍ୟ ଦେବା କିମ୍ବା ସେମାନଙ୍କୁ ପୋଷାକ ଯୋଗାଇବା ବିଷୟ ନୁହେଁ, ଏହା ଜ୍ଞାନ ଆଧାରିତ ଅର୍ଥନୀତିକୁ କିପରି ଗଢ଼ି ତୋଳାଯାଇ ପାରିବ। ଜନସଂଖ୍ୟା ଏବଂ ଶ୍ରମଶକ୍ତିରେ ଭାରତର ଶକ୍ତି: ସୁବ୍ରହ୍ମଣ୍ୟମ କହିଛନ୍ତି ଯେ ବିଶ୍ୱରେ କେବେ ଏପରି ପରିସ୍ଥିତି ଦେଖାଯାଇ ନାହିଁ ଯେଉଁଠାରେ ଜନସଂଖ୍ୟା ହ୍ରାସ ପାଇବ। ସେ କହିଛନ୍ତି, ଜାପାନ ୧୫,୦୦୦ ଭାରତୀୟ ନର୍ସ ଏବଂ ଜର୍ମାନୀ ୨୦,୦୦୦ ସ୍ୱାସ୍ଥ୍ୟ କର୍ମୀଙ୍କ ସେବା ନେଉଛି କାରଣ ସେମାନଙ୍କ ପାଖରେ ପେସାଦାର ଲୋକଙ୍କ ଅଭାବ ରହିଛି ଏବଂ ପାରିବାରିକ ବ୍ୟବସ୍ଥା ମଧ୍ୟ ଭାଙ୍ଗି ପଡ଼ିଛି। ସେ ଆହୁରି କହିଛନ୍ତି, ଭାରତ ବିଶ୍ୱରେ କାର୍ଯ୍ୟକ୍ଷମ ବୟସର ଲୋକଙ୍କର ଏକ ସ୍ଥିର ଯୋଗାଣକାରୀ ହେବ ଏବଂ ଏହା ହିଁ ଆମର ସବୁଠାରୁ ବଡ଼ ଶକ୍ତି।

# ଅକ୍ଷୟ ତୃତୀୟାରେ ଓଡ଼ିଶାରେ କମିବ ନା ଲକ୍ଷେ ଛୁଇଁବ ସୁନା !

**ନୂଆଦିଲ୍ଲୀ,(ହି.ସ):** ଚଳିତ ବର୍ଷ ଅକ୍ଷୟ ତୃତୀୟା ୩୦ ଏପ୍ରିଲରେ ପାଳନ କରାଯିବ। ଲୋକମାନେ ଏହି ଦିନ ସୁନା କିଣିବାକୁ ବହୁତ ଶୁଭ ବୋଲି ଭାବନ୍ତି। କିନ୍ତୁ ଅନେକ ଦିନ ଧରି ସୁନାର ମୂଲ୍ୟ ଆକାଶଛୁଆଁ ହୋଇଛି। ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ ଅକ୍ଷୟ ତୃତୀୟାରେ ସୁନା କିଣିବା ଏକ ଲାଭଦାୟକ କାରବାର କି ନାହିଁ? ତେବେ ଆସନ୍ତୁ ଜାଣିବା ଅକ୍ଷୟ ତୃତୀୟାରେ ସୁନା କମିବ କି ନାହିଁ। ଗତ ୧୧ ମାସ ଧରି ସୁନାର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯଦି ଆମେ ଗତ ବର୍ଷ ବିଷୟରେ ଆଲୋଚନା କରିବା, ତେବେ ଅକ୍ଷୟ ତୃତୀୟା ଦିନ ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପ୍ରାୟ ୭୩,୨୪୦ ଟଙ୍କା ଥିଲା। ଏବେ ସୁନା ପ୍ରତି ୧୦ ଗ୍ରାମ ୯୬,୦୦୦ ଟଙ୍କା ଅତିକ୍ରମ କରିଛି। ଏହାର ଅର୍ଥ ହେଉଛି ସୁନା ପ୍ରାୟ ୩୧ ପ୍ରତିଶତ ରିଟର୍ଣ୍ଣ ଦେଇଛି। ଏହି ବୃଦ୍ଧି କେବଳ ଭାରତରେ ନୁହେଁ ବରଂ ବିଶ୍ୱ ସ୍ତରରେ ଦେଖାଯାଇଛି। ରିପୋର୍ଟ ଅନୁସାରେ, ଡଲାର ଦୁର୍ବଳ ହେବା ଯୋଗୁଁ ସୁନା ମୂଲ୍ୟ ବୃଦ୍ଧି ପାଉଛି। କାରଣ ବିଶ୍ୱ ସ୍ତରରେ ସୁନାର ମୂଲ୍ୟ ଆମେରିକୀୟ ଡଲାରରେ ସ୍ଥିର। ଏହା ବ୍ୟତୀତ କେନ୍ଦ୍ରୀୟ ବ୍ୟାଙ୍କ ଗୁଡ଼ିକ ଦ୍ୱାରା ସୁନା କ୍ରୟ, ଡଲାର ସୂଚକାଙ୍କରେ ଦୁର୍ବଳତା, ମୁଦ୍ରାସ୍ଫୀତି ଏବଂ ମାନ୍ଦାବସ୍ଥାର ଭୟ, ଭୂରାଜନୈତିକ ଉତ୍ତେଜନା ମଧ୍ୟ ସୁନା ମୂଲ୍ୟ ଉପରେ ପ୍ରଭାବ ପକାଇଛି। ଯଦି ଆପଣ ଏହି ଅକ୍ଷୟ ତୃତୀୟାରେ ସୁନାରେ ନିବେଶ କରିବାକୁ ଭାବୁଛନ୍ତି, ତେବେ ଏହି କଥାଗୁଡ଼ିକ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁୟ ସୁନା ଆପଣଙ୍କ ନିବେଶ ପୋର୍ଟଫୋଲିଓକୁ ବିବିଧ କରିଥାଏ ଏବଂ ବିପଦ ହ୍ରାସ କରିଥାଏୟ ସୁନା ଏକ ନିବେଶ ଯାହା ସମୟ ସହିତ ଏହାର ମୂଲ୍ୟ ବଜାୟ ରଖେୟ ଏହି ସମୟରେ ବିଶ୍ୱ ଅର୍ଥନୈତିକ ପରିସ୍ଥିତି ଏବଂ କେନ୍ଦ୍ରୀୟ ବ୍ୟାଙ୍କ ନୀତି ସୁନା ସପକ୍ଷରେ ଅଛି। ଅକ୍ଷୟ ତୃତୀୟା ଦିନ, ଆପଣ ସୁନା ସହିତ ଭୌତିକ ସୁନା ମଧ୍ୟ କିଣିପାରିବେ ଯେଉଁଥିରେ ଅଳଙ୍କାର, ମୁଦ୍ରା, ବାର୍ ଅନ୍ତର୍ଭୁକ୍ତୟ ଆପଣ ଗୋଲ୍ଡ ଋଣ୍ଡର, ଡିଜିଟାଲ ଗୋଲ୍ଡରେ ମଧ୍ୟ ନିବେଶ କରିପାରିବେ। ନିବେଶ ଦୃଷ୍ଟିକୋଣରୁ, ଗୋଲ୍ଡ ଏବଂ ଡିଜିଟାଲ ସୁନା ଏକ ଭଲ ବିକଳ୍ପ କାରଣ ଏଥିରେ ଚାର୍ଜ କରିବା ଏବଂ ସଂରକ୍ଷଣ କରିବାର କୌଣସି ଅସୁବିଧା ନାହିଁ ଏବଂ ଏଗୁଡ଼ିକ ଆପଣଙ୍କୁ ଟିକସ ଲାଭ ମଧ୍ୟ ଦିଅନ୍ତି। ଯଦି ଆପଣ ଏହି ଅକ୍ଷୟ ତୃତୀୟାରେ ସୁନା କିଣିବାକୁ ଯୋଜନା କରୁଛନ୍ତି, ତେବେ ଆପଣ ସୁନା କିଣିପାରିବେ କାରଣ ସୁନାକୁ କେବଳ ଏକ ଅଳଙ୍କାର ଭାବରେ ବିବେଚନା କରାଯାଏ ନାହିଁ ବରଂ ଏକ ଦୃଢ଼ ନିବେଶ ବିକଳ୍ପ ମଧ୍ୟ। ତେବେ ଆଜି ଓଡ଼ିଶାରେ ୨୪କ୍ୟାରେଟ ସୁନାର ମୂଲ୍ୟ ୯୫ହଜାର ୫୫୦ଟଙ୍କା ରହିଛି। ଗତ ଦୁଇ ସପ୍ତାହ ମଧ୍ୟରେ, ଦେଶର ଫ୍ୟୁଚର୍ସ ମାର୍କେଟ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟ ପ୍ରାୟ ୧୦ ପ୍ରତିଶତ ବୃଦ୍ଧି ପାଇଛି। ଯଦି ଆମେ ଚଳିତ ବର୍ଷ ବିଷୟରେ କହିବା, ତେବେ ସୁନା ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଇଛି। ଯାହା ଯୋଗୁଁ ସୁନାର ମୂଲ୍ୟ ବର୍ତ୍ତମାନ ୯୫ ହଜାର ଟଙ୍କା ଅତିକ୍ରମ କରିଛି। ଏବେ, ସୁନା ମୂଲ୍ୟ ୧ ଲକ୍ଷ ଟଙ୍କାରେ ପହଞ୍ଚିବା ପାଇଁ ୫ ପ୍ରତିଶତରୁ କମ ବୃଦ୍ଧି ପାଇବା ଆବଶ୍ୟକ। ଯଦି ଏହି ଊର୍ଦ୍ଧ୍ୱଗାମୀ ଧାରା ଜାରି ରହେ, ତେବେ ଆସନ୍ତା ସପ୍ତାହରେ ଅକ୍ଷୟ ତୃତୀୟା



ପୂର୍ବରୁ ସୁନା ମୂଲ୍ୟ ୧ ଲକ୍ଷ ଟଙ୍କା ଅତିକ୍ରମ କରିବ। ତଥାପି, ସୁନା ମୂଲ୍ୟ ବୃଦ୍ଧିର ମୁଖ୍ୟ କାରଣ ହେଉଛି ବିଶ୍ୱ ସ୍ତରରେ ନିବେଶକଙ୍କ ମନରେ ରହିଥିବା ଅନିଶ୍ଚିତତା। ଡଲାରର ଦୁର୍ବଳତା, ବାଣିଜ୍ୟ ଯୁଦ୍ଧ ଯୋଗୁଁ ଉତ୍ତେଜନା, ଟ୍ରମ୍ପ ଶୁଳ୍କ ଯୋଗୁଁ ବିଶ୍ୱ ଅର୍ଥନୀତି ମାନ୍ଦାବସ୍ଥା ଆଡ଼କୁ ଯିବାର ଭୟ ଭଳି କାରଣଗୁଡ଼ିକ ନ୍ୟୁୟର୍କରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସୁନା ମୂଲ୍ୟକୁ ସମର୍ଥନ କରିଛି। ଏହା ପରେ କିଛି ପ୍ରଶ୍ନ ମଧ୍ୟ ଉଠିଛି। ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ବଜାରରେ ଅସ୍ଥିରତା ନିବେଶକଙ୍କ ଭାବନାକୁ ପ୍ରଭାବିତ କରିପାରିବ କି? ଏହାର ଏକ କାରଣ ଅଛି। ଟ୍ରମ୍ପଙ୍କ ସହ ବାଣିଜ୍ୟ ଆଲୋଚନା ସମ୍ପର୍କରେ ଜାପାନ ଏବଂ ଚୀନ ଉଭୟ ପଦକ୍ଷେପ ନେଇଛନ୍ତି। ଯାହା ଯୋଗୁଁ ଟ୍ରମ୍ପଙ୍କ ଶୁଳ୍କରେ କିଛିଟା ସହଜ ହେବାର ସମ୍ଭାବନା ରହିଛି, ବିଶେଷକରି ଚାଇନା ସହିତ। ଯାହା ଫଳରେ ନିରାପଦ ସ୍ଥାନର ଚାହିଦା ହ୍ରାସ ପାଇବାର ସମ୍ଭାବନା ରହିଛି। ଯାହାର କିଛି ଉଦାହରଣ ଆମେ ଗତ ୨୪ ଘଣ୍ଟା ଧରି ଅନ୍ତର୍ଜାତୀୟ ବଜାରରେ ଦେଖୁଛୁ। ଯେଉଁଠାରେ ସୁନା ମୂଲ୍ୟରେ ହ୍ରାସ ଦେଖାଯାଉଛି। ତଥାପି, ସୁନାକୁ ନେଇ ଷଣ୍ଢ ଏବଂ ଭାଲୁ ମଧ୍ୟରେ ମଧ୍ୟ ପାର୍ଥକ୍ୟ ଦେଖାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପୂର୍ବରୁ ସୁନା ମୂଲ୍ୟ ବୃଦ୍ଧି ପାଇଥିଲା, ଯାହାର ନେତୃତ୍ୱ କେନ୍ଦ୍ରୀୟ ବ୍ୟାଙ୍କର ଅତ୍ୟଧିକ କ୍ରୟ ଏବଂ ପ୍ରମୁଖ ବାଣିଜ୍ୟ ଅଂଶୀଦାରମାନଙ୍କ ଠାରୁ ପ୍ରତିଶୋଧର ଭୟ ଏବଂ ଏକ ପୂର୍ଣ୍ଣାଙ୍ଗ ବାଣିଜ୍ୟ ଯୁଦ୍ଧର ସମ୍ଭାବନା ଥିଲା, ଯାହା ସୁରକ୍ଷିତ ଆଶ୍ରୟସ୍ଥଳର ଚାହିଦାକୁ ବୃଦ୍ଧି କରିଥିଲା ଏବଂ ସୀମିତ କ୍ଷତି କରିଥିଲା। ନିବେଶକମାନେ ନଗଦ ସମାଧାନ ଅପେକ୍ଷା ଭୌତିକ ସୁନା ବିତରଣକୁ ପସନ୍ଦ କରିଥିଲେ କାରଣ ସେମାନେ ଚିନ୍ତିତ ଥିଲେ ଯେ ଶୁଳ୍କରେ ବାଧା ସୃଷ୍ଟି କରିପାରେ। ଆସନ୍ତୁ ବୁଝିବାକୁ ଚେଷ୍ଟା କରିବା ଯେ ଏହି ବିଶେଷଜ୍ଞଙ୍କ ମତ କ'ଣ? ବିଶେଷଜ୍ଞଙ୍କ ମତରେ, ଭବିଷ୍ୟତରେ ସୁନାର ମୂଲ୍ୟ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି, ବ୍ୟାଙ୍କ ଅଫ ଆମେରିକା ବିଶ୍ଳେଷକମାନେ ଆକଳନ କରିଛନ୍ତି ଯେ ଆଗାମୀ ଦୁଇ ବର୍ଷ ମଧ୍ୟରେ ସୁନା ମୂଲ୍ୟ ଆଉନ୍ସ ପ୍ରତି ୩,୫୦୦ ପହଞ୍ଚିପାରେ, ଯେତେବେଳେ ଗୋଲ୍ଡମ୍ୟାନ ସାକ୍ସ ଆଶା କରୁଛନ୍ତି ଯେ ୨୦୨୫ ଶେଷ ସୁଦ୍ଧା ସୁନା ଆଉନ୍ସ ପ୍ରତି ୩,୩୦୦ ପହଞ୍ଚିବୟ ଅନ୍ୟପକ୍ଷରେ, ଇକ୍ୱିଟି, ବଣ୍ଡ ଏବଂ ମୁଦ୍ରା ଭଳି ବିପଦପୂର୍ଣ୍ଣ ସମ୍ପତ୍ତିରେ ବ୍ୟାପକ ବିକ୍ରୟ ଦେଖାଯାଇଛି, ଯାହା ସୁନାର ମୂଲ୍ୟକୁ ଆହୁରି ବୃଦ୍ଧି କରିଛିୟ ତଥାପି, ସୁନା ମୂଲ୍ୟରେ ବୃଦ୍ଧି ସହିତ, କିଛି ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ସମ୍ପତ୍ତି ଅତ୍ୟଧିକ କିଣାଯାଇଛି ଏବଂ ଏଥିରେ ସଂଶୋଧନ ହେବାର ସମ୍ଭାବନା ଅଛି। ଏହି ଗବେଷଣା ସଂସ୍ଥା ମର୍ଣ୍ଣିଂଷ୍ଟାର ବିଶ୍ୱାସ କରେ ଯେ ଆଗାମୀ କିଛି ବର୍ଷ ମଧ୍ୟରେ ସୁନା ମୂଲ୍ୟ ୪୦ ପ୍ରତିଶତ ହ୍ରାସ ପାଇପାରେ। ମର୍ଣ୍ଣିଂଷ୍ଟାରର ଜଣେ ବିଶ୍ଳେଷକଙ୍କ ଅନୁସାରେ, ଆଗାମୀ କିଛି ବର୍ଷ ମଧ୍ୟରେ ସୁନା ମୂଲ୍ୟ ୧୮୨୦ ଟଙ୍କାରେ ପହଞ୍ଚିପାରେ। ଯଦି ଏହି ହ୍ରାସକୁ ଘରୋଇ ସ୍ତରରେ ପରିବର୍ତ୍ତନ କରାଯାଏ, ତେବେ ଗଡଢରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୫୫,୦୦୦-୫୬,୦୦୦ ଟଙ୍କା ସ୍ତରରେ ଦେଖାଯାଇପାରିବ। ଧରିନିଆଯାଉ ଯେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ବର୍ତ୍ତମାନର ଟଙ୍କା ସ୍ତର ଉପରେ ବୃଦ୍ଧି ପାଇବାରେ ଲାଗିଛି। ମର୍ଣ୍ଣିଂଷ୍ଟାର ଅନୁଯାୟୀ, ସୁନାର ବୃଦ୍ଧି ପାଉଥିବା ଯୋଗାଣ ମୂଲ୍ୟରେ ହ୍ରାସ ଆଣିବ କାରଣ ଚାହିଦା ବୃଦ୍ଧି ପାଇପାରିବ ନାହିଁୟ ସୁନା ଖଣିର ବୃଦ୍ଧି ପାଉଥିବା ଲାଭ ହେତୁ, ବିଶ୍ୱର ବିଭିନ୍ନ ଦେଶ ଉତ୍ପାଦନ ବୃଦ୍ଧି କରିଛନ୍ତି, ଯେତେବେଳେ ସୁନା ପୁନଃଚକ୍ରଣ ମଧ୍ୟ ବୃଦ୍ଧି ପାଇଛି। ଏହା ବ୍ୟତୀତ, ଗବେଷଣା ସଂସ୍ଥା ବିଶ୍ୱାସ କରେ ଯେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନାର ସେମାନଙ୍କର ନିରନ୍ତର କ୍ରୟକୁ ହ୍ରାସ କରିପାରନ୍ତି। ମର୍ଣ୍ଣିଂଷ୍ଟାର ରିପୋର୍ଟରେ କୁହାଯାଇଛି ଯେ ଅର୍ଥନୀତି ବିଷୟରେ ଚିନ୍ତା ସାଧାରଣତଃ ଏକ କ୍ଷଣସ୍ଥାୟୀ କାରଣ ଯାହା ସୁନା ମୂଲ୍ୟକୁ ପ୍ରଭାବିତ କରେ, ତେଣୁ ନିବେଶକଙ୍କ ଆଗ୍ରହ ମଧ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି।

# ମେ'୧ରୁ ଲାଗୁ ହେବ ନୂଆ ଟୋଲ ସିଷ୍ଟମ ?



**ନୂଆଦିଲ୍ଲୀ,(ହି.ସ):** ସାଟେଲାଇଟ-ଆଧାରିତ ଟୋଲିଂ ସିଷ୍ଟମ ୧ ମଇ, ୨୦୨୫ ରୁ ଆରମ୍ଭ ହେବ। ଏହି ସିଷ୍ଟମ ପୂର୍ବରୁ ଥିବା ଆଧାରିତ ଟୋଲ ସଂଗ୍ରହ ସିଷ୍ଟମକୁ ବଦଳାଇବ। ଆଜିକାଲି ଏପରି ଅନେକ ଖବର ଦ୍ରୁତ ଗତିରେ ପ୍ରସାରିତ ହେଉଛିୟ ଏ ସମ୍ପର୍କରେ ସରକାରଙ୍କ ଦ୍ୱାରା ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ କିମ୍ବା ଏପରି କୌଣସି ନିଷ୍ପତ୍ତି ନିଆଯାଇନାହିଁ। 'ଟୋଲ ପ୍ଲାଜା ମାଧ୍ୟମରେ ଯାନବାହାନଗୁଡ଼ିକର ଅସୁବିଧାମୁକ୍ତ ଏବଂ ସୁଗମ ଗତିବିଧିକୁ ସକ୍ଷମ କରିବା ଏବଂ ଯାତ୍ରା ସମୟ ହ୍ରାସ କରିବା ପାଇଁ କିଛି ଟୋଲ ପ୍ଲାଜାଗୁଡ଼ିକରେ ଆଧାରିତ ପ୍ରତିବନ୍ଧକ-ମୁକ୍ତ ଟୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।' ଟୋଲିଂ ପ୍ରଯୁକ୍ତିବିଦ୍ୟା 'ଅଟୋମେଟିକ ନମ୍ବର ପ୍ଲେଟ ରେକଗ୍ନିସନ' ପ୍ରଯୁକ୍ତିବିଦ୍ୟାକୁ ମିଶ୍ରଣ କରିଥାଏ। ଏହି କୌଶଳ ସାହାଯ୍ୟରେ, ଟୋଲ ପ୍ଲାଜାରେ ନ ଅଟକି ଟୋଲ ଶୁଳ୍କ କଟାଯିବ। ସିଷ୍ଟମ ଅଧୀନରେ ସ୍ଥାପିତ ଉଚ୍ଚ କ୍ଷମତାସମ୍ପନ୍ନ କ୍ୟାମେରା ଏବଂ ରିଡରଗୁଡ଼ିକ ଏହି କାର୍ଯ୍ୟକୁ ସହଜ କରିବ। ବିଶେଷ କଥା ହେଉଛି ନିୟମ ଉଲ୍ଲଂଘନ କରୁଥିବା ଲୋକଙ୍କୁ ଇ-ନୋଟିସ ପଠାଯିବ। ଯଦି ଏହା ପୈଠ ନହୁଏ, ତେବେ ସ୍ଥଗିତ ରହିବ। 'ଆଧାରିତ ବାଧାହୀନ ଟୋଲିଂ ସିଷ୍ଟମ' ପାଇଁ ନିଲାମ କରିଛି। ସୂଚନାଯୋଗ୍ୟ, ଏହି ପ୍ରଯୁକ୍ତି ବିଦ୍ୟା କେବଳ ମନୋନୀତ ଟୋଲ ପ୍ଲାଜାରେ ସଂସ୍ଥାପିତ ହେବ। ଏହା ବର୍ତ୍ତମାନ ଏକ ପାଇଲଟ ପ୍ରୋଜେକ୍ଟ। ଯଦି ଏହି ସିଷ୍ଟମର ଦକ୍ଷତା ଏବଂ କାର୍ଯ୍ୟଦକ୍ଷତା ଭଲ ବୋଲି ଜଣାପଡ଼େ, ତେବେ ସାରା ଦେଶରେ ଏହି ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯିବ।

# ଲଗାତର ୬ଷ୍ଠ ସପ୍ତାହ ପାଇଁ ବଢ଼ିଲା ବିଦେଶୀ ମୁଦ୍ରା ଭଣ୍ଡାର; ଆରବିଆଇ

ନୂଆଦିଲ୍ଲୀ, (ହି.ସ): ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଦିନ କହିଛି ଯେ, ଏପ୍ରିଲ ୧୧ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୧.୫୬୭ ବିଲିୟନ ଡଲାର ବୃଦ୍ଧି ପାଇ ୬୭୭.୮୩୫ ବିଲିୟନ ଡଲାରରେ ପହଞ୍ଚିଛି। ଏହା ଲଗାତାର ଷଷ୍ଠ ସପ୍ତାହ ଧରି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ପାଇଛିୟ ପୂର୍ବରୁ, ଏପ୍ରିଲ ୪ ତାରିଖରେ ଶେଷ ହୋଇଥିବା ପୂର୍ବ ରିପୋର୍ଟିଂ ସପ୍ତାହରେ, ମୋଟ ବିଦେଶୀ ମୁଦ୍ରା ଭଣ୍ଡାର ୧୦.୮୭୨ ବିଲିୟନ ଡଲାର ବୃଦ୍ଧି ପାଇ ୬୭୬.୨୬୮ ବିଲିୟନ ଡଲାରରେ ପହଞ୍ଚିଥିଲା। ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ବିଦେଶୀ ମୁଦ୍ରା ସମ୍ପତ୍ତି ୮୯୨ ନିୟୁତ ଡଲାର ବୃଦ୍ଧି ପାଇ ୫୭୪.୯୮ ବିଲିୟନ ଡଲାରରେ ପହଞ୍ଚିଛି। ସେପ୍ଟେମ୍ବର ୨୦୨୪ ରେ ବିଦେଶୀ ମୁଦ୍ରା ଭଣ୍ଡାରର ସର୍ବୋଚ୍ଚ ସ୍ତର ୭୦୪.୮୮୫ ବିଲିୟନ ଡଲାର ରେକର୍ଡ କରାଯାଇଥିଲା। ଡଲାରରେ ପ୍ରକାଶିତ ବିଦେଶୀ ମୁଦ୍ରା ସମ୍ପତ୍ତି ମଧ୍ୟରେ ବିଦେଶୀ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ୍ ଭଳି ଅଣ-ଆମେରିକୀୟ ମୁଦ୍ରାର ମୂଲ୍ୟବୃଦ୍ଧି ଅନ୍ତର୍ଭୁକ୍ତ। ଆରବିଆଇ କହିଛି ଯେ ଏହି ସମୟ ମଧ୍ୟରେ ଦେଶର ସୁନା ଭଣ୍ଡାର ମଧ୍ୟ ବୃଦ୍ଧି ପାଇଛି। ଏହା ୬୩୮ ନିୟୁତ ଡଲାର ବୃଦ୍ଧି ପାଇ ୭୯.୯୯୭ ବିଲିୟନ ଡଲାରରେ ପହଞ୍ଚିଛିୟ ତଥାପି, ସ୍ପେଶାଲ ଡ୍ରଇଂ ରାଇଟ୍ସ ୬ ନିୟୁତ ଡଲାର ହ୍ରାସ ପାଇ ୧୮.୩୫୬ ବିଲିୟନ ଡଲାର ହୋଇଛି। ସମୀକ୍ଷାଧୀନ ସପ୍ତାହରେ ଆଇଏମ୍ଏଫ୍ ପାଖରେ ଭାରତର ରିଜର୍ଭ ସ୍ଥିତି ୪୩ ନିୟୁତ ଡଲାର ବୃଦ୍ଧି ପାଇ ୪.୫୦୨ ବିଲିୟନ ଡଲାର ହୋଇଛି ବୋଲି ଆରବିଆଇ ତଥ୍ୟ କହିଛି।

# ୪ ଦିନରେ ୪୭୦୦ ପଏଣ୍ଟ ବିଲା ସେନ୍ସେକ୍ସ



**ମୁମ୍ବାଇ, (ହି.ସ):** ଷ୍ଟକ୍ ବଜାର କାରବାର ଲାଗି ଚଳିତ ସପ୍ତାହ ବେଶ୍ ଭଲ ସାବ୍ୟସ୍ତ ହୋଇଛି। ଚାରିଟି କାରବାର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୪୭୦୦ ପଏଣ୍ଟ ବୃଦ୍ଧି ପାଇଛି। ସେହି ସମୟରେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୪୫୩ ପଏଣ୍ଟ ବିଛିୟ କେବଳ ଗୁରୁବାର ଦିନ ସେନ୍ସେକ୍ସ ୧୫୦୮ ପଏଣ୍ଟ ବୃଦ୍ଧି ପାଇ ୭୮,୫୫୩ ପଏଣ୍ଟରେ ଓ ନିଫ୍ଟି ୪୧୪ ପଏଣ୍ଟ ବୃଦ୍ଧି ପାଇ ୨୩,୮୫୧ ପଏଣ୍ଟରେ ବନ୍ଦ ହୋଇଛି। ଗତ ଚାରିଟି କାରବାର ଦିନରେ ସେନ୍ସେକ୍ସ ଓ ନିଫ୍ଟିରେ ହୋଇଥିବା ବୃଦ୍ଧି ଗତ ଦୁଇ ବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ସପ୍ତାହ ମଧ୍ୟରେ ସର୍ବାଧିକ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଟିକସକୁ ତିନି ମାସ ସ୍ଥଗିତ ଘୋଷଣା କରିବା ପରଠାରୁ ଷ୍ଟକ୍ ବଜାର କାରବାରରେ ଉତ୍ସାହ ଫେରିଛି। ଗୁରୁବାର ବଜାର ଖୋଲିବା ବେଳେ କାରବାର ମାନ୍ଦା ଥିଲାୟ ୭୬ ପଏଣ୍ଟ ହ୍ରାସ ସହ ଯାତ୍ରା ଆରମ୍ଭ କରିଥିବା ସେନ୍ସେକ୍ସ ଅପରାହ୍ନରେ ଦ୍ରୁତ ଗତିରେ ଆଗକୁ ବିଥିଲାୟ ନିବେଶକମାନେ ବ୍ୟାଙ୍କ ଓ ଆର୍ଥିକ ସେବା ସଂସ୍ଥାର ସେୟାର ବିପୁଳ ମାତ୍ରାରେ କିଣିବାରୁ ସେନ୍ସେକ୍ସ ୧୫୦୦ ପଏଣ୍ଟରୁ ଅଧିକ ବୃଦ୍ଧି ସହ ବନ୍ଦ ହୋଇଥିଲା। ଏହାର ପ୍ରଭାବରେ ନିବେଶକଙ୍କ ସମ୍ପତ୍ତିରେ ବୃଦ୍ଧି ଘଟିଛି।

# ପଦ୍ମପୁରରେ ୟୁନିୟନ୍ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ

**ସମ୍ବଲପୁର, (ଡିକେ ନ୍ୟୁଜ୍):** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପଦ୍ମପୁର ଶାଖା ବରଗଡ ଜିଲ୍ଲାର ପଦ୍ମପୁର ଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉତ୍କର୍ଷ ଭିତ୍ତିଭୂମି ଏବଂ ଅତ୍ୟାଧୁନିକ ବ୍ୟାଙ୍କିଙ୍ଗ୍ ସୁବିଧା ଥିବା ଏହି ଶାଖା ବରଗଡ ଜିଲ୍ଲାର ୨୧ତମ ଶାଖା ଅଟେ। ଏହି ଉଦ୍‌ଘାଟନ ଉତ୍ସବରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ, ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ ଏଚ୍ କେ ଦାସ, ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିୟା, ସହରର ବରିଷ୍ଠ ନାଗରିକ, ବ୍ୟବସାୟିକ ସହଯୋଗୀ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ପଦ୍ମପୁର ତଥା ଏହାର ଆଖପାଖ ଅଞ୍ଚଳର ବ୍ୟାଙ୍କିଙ୍ଗ୍ ଆବଶ୍ୟକତା ଏହି ଶାଖା ପୂରଣ କରିବା ସହିତ ରିଟେଲ, କୃଷି, ଏମ୍ଏସ୍ଏମ୍ଇ ଗ୍ରାହକମାନଙ୍କୁ ବିଶେଷ ଅଗ୍ରାଧିକାର ଦେବ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକ ଏବଂ ଜମାକାରୀଙ୍କ ଆବଶ୍ୟକତା ପୂରଣ କରିବା ସହିତ ଆର୍ଥିକ ଅର୍ନ୍ତଭୁକ୍ତିକରଣ ଓ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଏହି ଶାଖା ପ୍ରାଥମିକତା ଦେବ ବୋଲି ଡଃ ମହାଲିଙ୍ଗ୍ ପ୍ରକାଶ କରିଥିଲେ। ରାଜ୍ୟରେ ୨ୟ ବୃହତ୍ତମ ବ୍ୟାଙ୍କିଙ୍ଗ୍ ନେଟୱାର୍କ ଥିବା ଏହି ବ୍ୟାଙ୍କ ରାଜ୍ୟର ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଆସିଥିବାରୁ ଡଃ ମହାଲିଙ୍ଗ୍ ବ୍ୟାଙ୍କର ଅବଦାନକୁ ଭୂୟସି ପ୍ରଂଶସା କରିଥିଲେ। ଏହି ଶାଖାରେ ଉନ୍ନତମାନର ଭିତ୍ତିଭୂମି, ଅତ୍ୟାଧୁନିକ



ଡିଜିଟାଲ ବ୍ୟାଙ୍କିଙ୍ଗ୍ ସୁବିଧା, ବ୍ୟାପକ ବ୍ୟାଙ୍କିଙ୍ଗ୍ ପ୍ରଡକ୍ଟ ଗ୍ରାହକମାନଙ୍କୁ ଉନ୍ନତମାନର ବ୍ୟାଙ୍କିଙ୍ଗ୍ ସୁବିଧା ପ୍ରଦାନର କରିବାରେ ଏକ ଦାୟିତ୍ୱଶୀଳ ଶାଖା ହେବ ବୋଲି ଶ୍ରୀ ରାଜୋରିୟା ପ୍ରକାଶ କରିଥିଲେ। ରାଜ୍ୟରେ ୨ୟ ସର୍ବବୃହତ୍ତ ଶାଖା ନେଟୱାର୍କ ଥିବା ୟୁନିୟନ୍ ବ୍ୟାଙ୍କର ଶାଖାଗୁଡିକ ୧୦୦% ବୈଷୟିକ ସୁରକ୍ଷିତ, ଜନସାଧାରଣ ଲକର ସୁବିଧା, ମୋବାଇଲ ବ୍ୟାଙ୍କିଙ୍ଗ୍, ଡିଜିଟାଲ ପ୍ରୋସେସଡ ଲୋନ୍ ଏବଂ ଅନ୍ୟାନ୍ୟ ଉତ୍ପାଦ ସହିତ ଆକର୍ଷଣୀୟ ଅଫରମାନ ଏହି ଶାଖାରୁ ପାଇପାରିବେ।

ଡୁମାଣୀ ଖବର

## ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

# ଛତିଶଗଡ଼ ବିଜାପୁରରେ ବିସ୍ଫୋଟକ ସହିତ ୩ ନକ୍ସଲ ଗିରଫ

**ବିଜାପୁର, (ହି.ସ.):** ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲା ଅନ୍ତର୍ଗତ ବାୟାଗୁଡ଼ା ଜଙ୍ଗଲରୁ ବିସ୍ଫୋଟକ ସାମଗ୍ରୀ ସହିତ ୩ ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି । ଥାନା ଆବାପଲ୍ଲୀରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗିରଫ ୩ ଜଣ ନକ୍ସଲଙ୍କୁ ଆଜି ବିଜାପୁର କୋର୍ଟରେ ହାଜର କରାଯାଇଛି। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ଦମନ ଅଭିଯାନ କ୍ରମେ ଆବାପଲ୍ଲୀ ଥାନା ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ୨୨୯ ବାହିନୀ ମୁରଦଣ୍ଡାର ସଂଯୁକ୍ତ ବଳ ବାୟାଗୁଡ଼ା ଆଡକୁ ଏରିଆ ଡାମିନେସନ ନିମନ୍ତେ ବାହାରିଥିଲେ । ଏହି ସମୟରେ ବାୟାଗୁଡ଼ା ଜଙ୍ଗଲରେ ସୁରକ୍ଷା ବଳକୁ ଦେଖି ପଳାୟନ କରିବାକୁ ଉଦ୍ୟମ କରୁଥିବା ୩ ଜଣ ନକ୍ସଲ ଜୋଗା ମଡ଼କମ, ମହେଶ ବାରସେ, ହେମଲା ହଡ଼ମାକୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ବିସ୍ଫୋଟକ ସହିତ ଟିଫିନ୍ ବୋମା, ୱାୟରଲେସ ସେଟ୍, କାର୍ଡେକ୍ସ ତାର, ଇଲେକଟ୍ରିକ୍ ତାର ଓ ନକ୍ସଲଙ୍କ ପାମ୍ଫ୍ଲେଟ୍ ଜବତ କରିଛି । ବିଜାପୁର ଏସପି ଜିତେନ୍ଦ୍ର ଯାଦବ ଏନେଇ ସୂଚନା ଦେବା ସହ କହିଛନ୍ତି ଯେ, ଗିରଫ ନକ୍ସଲଙ୍କ ବିରୁଦ୍ଧରେ ଆବାପଲ୍ଲୀ ଥାନାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରିମାଣ୍ଡ ନିମନ୍ତେ ବିଜାପୁର କୋର୍ଟରେ ହାଜର କରାଯାଇଛି ।

# ମୋଦୀ ସରକାରଙ୍କ ଆତ୍ମସମର୍ପଣ ନୀତି ଗ୍ରହଣ ଓ ମୁଖ୍ୟଧାରାରେ ସାମିଲ ଲାଗି ନକ୍ସଲମାନଙ୍କୁ ଅନୁରୋଧ କଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ

**ନୂଆଦିଲ୍ଲୀ, (ହି.ସ):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ, ଯଥାଶୀଘ୍ର ଅସ୍ତ୍ରଶସ୍ତ୍ର ତ୍ୟାଗ ସହିତ ମୋଦୀ ସରକାରଙ୍କ ଆତ୍ମସମର୍ପଣ ନୀତି ଗ୍ରହଣ କରି ମୁଖ୍ୟଧାରାରେ ସାମିଲ ହେବା ଲାଗି ନକ୍ସଲମାନଙ୍କୁ ନିବେଦନ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ ମନ୍ତ୍ରୀ 'ଏକ୍ସ' ରେ ତାଙ୍କ ପୋଷ୍ଟରେ କହିଛନ୍ତି ଯେ କୋବ୍ରା କମାଣ୍ଡୋ ଏବଂ ଛତିଶଗଡ଼ ପୋଲିସ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ବିଭିନ୍ନ ଅପରେସନରେ ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ସହିତ ୨୨ ଜଣ କୁଖ୍ୟାତ ନକ୍ସଲଙ୍କୁ ଗିରଫ କରିଛନ୍ତି। ସେ କହିଥିଲେ ଯେ ସୁକମାର ବଡେସେଟ୍ଟି ପଞ୍ଚାୟତରେ ମଧ୍ୟ ୧୧ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି,



ଯେଉଁଥିପାଇଁ ଏହି ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ନକ୍ସଲ ମୁକ୍ତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ସେ ଲୁଚି ରହିଥିବା ନକ୍ସଲମାନଙ୍କୁ ଯଥାଶୀଘ୍ର ଅସ୍ତ୍ରଶସ୍ତ୍ର ସମର୍ପଣ କରିବା ଏବଂ ମୋଦୀ ସରକାରଙ୍କ ଆତ୍ମସମର୍ପଣ ନୀତି ଗ୍ରହଣ କରି ମୁଖ୍ୟଧାରାରେ ସାମିଲ ହେବା ପାଇଁ ନିବେଦନ କରାଯାଇଛି। ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଦେଶକୁ ନକ୍ସଲବାଦର ଅଭିଶାପରୁ ମୁକ୍ତ କରିବା ଲାଗି ଆମେ ସଂକଳ୍ପବଦ୍ଧ। ଶ୍ରୀ ଅମିତ ଶାହ କହିଥିଲେ ଯେ ସୁକମାରେ ଆଉ ୨୨ ଜଣ ନକ୍ସଲ ମଧ୍ୟ ଆତ୍ମସମର୍ପଣ କରିଥିଲେ, ଯାହାଦ୍ୱାରା ଆତ୍ମସମର୍ପଣ କରିଥିବା ମୋଟ ନକ୍ସଲଙ୍କ ସଂଖ୍ୟା ୩୩ରେ ପହଞ୍ଚିଛି। ନକ୍ସଲ୍ ମୁକ୍ତ ଭାରତ ଅଭିଯାନର ଏହି ସଫଳତା ପାଇଁ ମୁଁ ସୁରକ୍ଷା ବାହିନୀ ଏବଂ ଛତିଶଗଡ଼ ପୋଲିସକୁ ଅଭିନନ୍ଦନ ଜଣାଉଛି।

## ମାଲେସିଆ ଗସ୍ତରେ ଗଲେ ଓଡ଼ିଶାର କୃଷକ ଓ ଅଧିକାରୀ

# ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆର୍‌ଏ) ଅଧୀନରେ ୨୮ ଜଣିଆ କୃଷକ ଏବଂ ଅଧିକାରୀଙ୍କ ପ୍ରଶିକ୍ଷଣ ଭିତ୍ତିକ ମାଲେସିଆ ଗସ୍ତକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକାରେ କୃଷି ଭବନ ଅଡିଟୋରିଅମ୍ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୪ ଜଣ କୃଷକଙ୍କ ସମେତ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ୨୮ ଜଣିଆ ଟିମ କାଲିଠାରୁ ସପ୍ତାହବ୍ୟାପୀ ମାଲେସିଆ ଗସ୍ତରେ ଯାଇ କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ (ବିଆଇଆରଡି) ଏବଂ ନାବାର୍ଡର ମିଳିତ ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ ମାଲେସିଆ ଗସ୍ତ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରି ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଶିଖିବା ପାଇଁ ଉତ୍ସାହିତ କରିଥିଲେ। ଶ୍ରୀ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ରହିଛି। ପ୍ରଶିକ୍ଷାର୍ଥୀମାନେ ଗସ୍ତରୁ ଯାହା ଶିଖିବେ ତାହାକୁ ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରନ୍ତୁ। ଉନ୍ନତ କୌଶଳକୁ ଶିଖି ନିଜ ଅଞ୍ଚଳରେ ତାହାକୁ କାର୍ଯ୍ୟକାରୀ କରନ୍ତୁ। ଏହା ଆମ ଚାଷୀ ଭଉଣୀଙ୍କ ଆୟକୁ ଦୁଇଗୁଣା କରିବାରେ ସହାୟକ ହେବ। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ.ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ। ଆଜିର ସମୟରେ ଓଡ଼ିଶା ଦେଶର ୪ର୍ଥ ସର୍ବବୃହତ ରାଜ୍ୟ ଭାବେ ଏଫସିଆଇକୁ ଚାଉଳ ଯୋଗାଉଛି। ଗତବର୍ଷ ୧୪.୩ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା। ସେହିପରି, ୧୪.୪୮ ମିଲିୟନ୍ ଟନର କେବଳ ଫଳ ଓ ପନିପରିବା (ଉଦ୍ୟାନ ଫସଲ) ଉତ୍ପାଦିତ ହୋଇଛି। ଏତଦବ୍ୟତୀତ, ଓଡ଼ିଶା ଆଜି ପୋଟଳ, ଭେଣ୍ଡି, ସଜନା ଛୁଇଁ, ଅମୃତଭଣ୍ଡା, ଆମ୍ବ ଆଦିର ରପ୍ତାନୀ ଦୁବାଇ ଓ ଅନ୍ୟାନ୍ୟ ଦେଶକୁ କରିବାରେ ସକ୍ଷମ ହୋଇଛି। କେବଳ ଅଧିକାରୀ ନୁହଁନ୍ତି, ଏଥର ଚାଷୀମାନେ ବି ବିଦେଶ ଯାତ୍ରା କରିପାରିବେ। ଏହି ପ୍ରଶିକ୍ଷଣ ସେମାନଙ୍କ ବିଦେଶ ଯାତ୍ରାର ସ୍ୱପ୍ନକୁ ସାକାର କରିବା ସହିତ ଜ୍ଞାନ ଆହରଣର ଅବସର ଆଣି ପାରିଛି। ଡ.ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ଚାଷୀମାନେ ହେଉଛନ୍ତି ଆମର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡ଼ର୍ ବୋଲି କହିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ବାର୍ଡ (ବିଆଇଆରଡି) ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ନିରୂପମ ମେହେରୋତ୍ରା, ନାବାର୍ଡ ସିଜିଏମ୍ ଡ଼.ସୁଧାଂଶୁ ମିଶ୍ର, ଓପିକ୍ରା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି କୃଷକ ଏବଂ ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ।

# ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବା ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ଣରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପ୍ରସ୍ତୁତିରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହିତ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ୱାଇବି ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ତଥା ପୋଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ଜିଲ୍ଲାପାଳ, ପୁରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପୁରୀ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବା ପାଇଁ ଟ୍ରାଫିକ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ତଥା ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ପାଇଁ ଇଣ୍ଟିଗ୍ରେଟେଡ଼ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ଯାନ ବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥ ନିର୍ମାଣ ପ୍ରସ୍ତୁତି, ରଥଟଣା ସୁବ୍ୟବସ୍ଥା, ବଡଦାଣ୍ଡର ପ୍ରସ୍ତୁତି, ବିଶିଷ୍ଟ ଅତିଥିମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

# ଅଚ୍ୟୁତ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ୨୦୨୫



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଆଜି ଆସାମର କୋକ୍ରାଝରଠାରେ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଏବଂ ସାମାଜିକ ସଶକ୍ତିକରଣ ଜରିଆରେ ସମାଜ ପ୍ରତି ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆସାମରେ 'ମେଚ ଗାନ୍ଧୀ' ଭାବେ ପରିଚିତ ବୋଡ଼ୋ ସଂପ୍ରଦାୟର ବିଶିଷ୍ଟ ସମାଜ ସଂସ୍କାରକ ତଥା ଆଧ୍ୟାତ୍ମିକ ଗୁରୁ ଗୁରୁଦେବ କାଳୀଚରଣ ବ୍ରହ୍ମା ଶିକ୍ଷାର ପ୍ରସାର, ସଂରକ୍ଷଣ ଓ ପ୍ରଚାର ଦିଗରେ ନିଜକୁ ସମର୍ପିତ କରିଦେଇଥିଲେ। ପ୍ରତିବର୍ଷ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ଖ୍ୟାତି ସଂପନ୍ନ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଏହି ଆଧ୍ୟାତ୍ମିକ ଗୁରୁଙ୍କ ୧୬୬ତମ ଜନ୍ମବାର୍ଷିକୀ ଅବସରରେ ଶ୍ରୀ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବୋଡୋଲ୍ୟାଣ୍ଡର ସମ୍ମାନଜନକ ସମ୍ମାନ ହୋଇଥିବା ବେଳେ ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଏହି ପୁରସ୍କାରର ଲକ୍ଷ୍ୟ ହେଉଛି ଗୁରୁଦେବ କାଳୀଚରଣ ବ୍ରହ୍ମାଙ୍କ ଦ୍ୱାରା ପ୍ରଦତ୍ତ ଶାନ୍ତି, ସାମାଜିକ ସଂସ୍କାର ଏବଂ ଅହିଂସାର ମୂଲ୍ୟବୋଧକୁ ବଜାୟ ରଖିବା। ସମ୍ମାନ ବାବଦରେ ଶ୍ରୀ ସାମନ୍ତଙ୍କୁ ମାନପତ୍ର, ଉପଢ଼ୌକନ ଓ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ଶ୍ରୀ ସାମନ୍ତ ଏହି ପୁରସ୍କାର ରାଶିକୁ ଉକ୍ତ ଟ୍ରଷ୍ଟର ଉନ୍ନତିକରଣ ଲାଗି ଦାନ କରିଦେଇଥିଲେ। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହା ସହ ଶିକ୍ଷା ଜରିଆରେ ସମାଜକୁ ସଶକ୍ତ କରିବା ଦିଗରେ ତାଙ୍କର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଅଜିତ ବୋରୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ୨ ଘଣ୍ଟାରେ ରିଷିକେଶରୁ କର୍ଣ୍ଣପ୍ରୟାଗ ମଧ୍ୟରେ ଯାତ୍ରା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ପ୍ରଥମ ଥର ପାଇଁ ପାହାଡ଼ି ଅଞ୍ଚଳରେ ଏହି ପ୍ରକଳ୍ପରେ ଟିବିଏଲ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ୯.୧୧ ମିଟର ବ୍ୟାସ ବିଶିଷ୍ଟ ସିଙ୍ଗଲ୍-ସିଲ୍ଡ ପଥର ଟିବିଏମ୍ ଦ୍ୱାରା କାର୍ଯ୍ୟକାରୀ କରାଯାଇ ଉଭୟ ଗତି ଏବଂ ସଠିକତା ପାଇଁ ଭାରତର ନିର୍ମାଣ କ୍ଷେତ୍ରରେ ଏକ ନୂତନ ଉଦାହରଣ ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଯୋଗ ସହର ଋଷିକେଶରୁ ତପୋ ସହର କର୍ଣ୍ଣପ୍ରୟାଗ ଯାତ୍ରା ଏବେ ମାତ୍ର ଦୁଇ ଘଣ୍ଟାରେ ସମାପ୍ତ ହେବାକୁ ଯାଉଛି। ଦେବଭୂମିରେ 'ଶିବ' ଏବଂ 'ଶକ୍ତି'ଙ୍କ ଆଶୀର୍ବାଦରେ ଭାରତୀୟ ରେଳବାଇ ଦେଶର ସବୁଠାରୁ ଦୀର୍ଘ ରେଳ ସୁଡ଼ଙ୍ଗ ନିର୍ମାଣରେ ଏକ ସଫଳ ସଫଳତା ହାସଲ କରିଛି। ୧୨୫ କିଲୋମିଟରରୁ ଅଧିକ ଲମ୍ବ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଉତ୍ତରାଖଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ, ତୀର୍ଥସ୍ଥଳ ଏବଂ ଆଧାତ୍ମିକ ଗୁରୁତ୍ୱକୁ ପୁନଃପରିଭାଷିତ କରିବାକୁ ଯାଉଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଯମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଦର୍ଶନ ପାଇଁ ତୀର୍ଥଯାତ୍ରାରେ ଯାଆନ୍ତି। କିନ୍ତୁ ଭୌଗୋଳିକ ଗଠନ ଏବଂ ସୀମିତ ସଂଯୋଗୀକରଣ ସର୍ବଦା ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଚ୍ୟାଲେଞ୍ଜ ଗୁଡ଼ିକୁ ଦୂର କରିବା ଏବଂ ଉତ୍ତରାଖଣ୍ଡର ଦୁର୍ଗମ ଅଞ୍ଚଳଗୁଡ଼ିକୁ ରେଳ ନେଟୱାର୍କ ସହିତ ସଂଯୋଗ କରିବା ପାଇଁ ଭାରତୀୟ ରେଳବାଇ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଆରମ୍ଭ କରିଥିଲା। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସହିତ, କୋଟି କୋଟି ଭକ୍ତଙ୍କ ଚାରିଧାମ ଦର୍ଶନ କରିବାର ଇଚ୍ଛା ପୂରଣ ହେବ। ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ହିମାଳୟର ଏକ କଷ୍ଟକର ଏବଂ ଭୌଗୋଳିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ (ଭୂମିକମ୍ପ ଜୋନ୍ ୪)ରେ ନିର୍ମାଣ କରାଯାଉଛି। ଏହି ରେଳ ଲାଇନରେ ଦେଶର ସବୁଠାରୁ ଦୀର୍ଘତମ ୧୪.୫୭୭ କିଲୋମିଟର (୪୭୮୨୫ ଫୁଟ) ରେଳ ସୁଡ଼ଙ୍ଗ ଅନ୍ତର୍ଭୁକ୍ତ ଯାହା ଦେବପ୍ରୟାଗ ଏବଂ ଜନସୁ ମଧ୍ୟରେ ନିର୍ମାଣ କରାଯାଉଛି। ୧୬ ଏପ୍ରିଲ୍ ୨୦୨୫ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ୧୪.୫୮ କିଲୋମିଟର ଲମ୍ବା ସୁଡ଼ଙ୍ଗ ଟି-୮ର ଖନନ କାର୍ଯ୍ୟ ଉଦଘାଟନ କରିଥିଲେ ଯାହା ଦେଶର ସବୁଠାରୁ ଲମ୍ବା ରେଳ ସୁଡ଼ଙ୍ଗ। ଏହା ସହିତ, ଯୋଜନାବଦ୍ଧ ୩୮ଟି ସୁଡ଼ଙ୍ଗ ଖନନ କାର୍ଯ୍ୟ ମଧ୍ୟରୁ ୨୮ଟି ସମାପ୍ତ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ୨୦୨୬ ଶେଷ ସୁଦ୍ଧା ସମାପ୍ତ



କରିବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ୨୦୨୭ ମଧ୍ୟଭାଗ ସୁଦ୍ଧା ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଆସ କରାଯାଉଛି। ଏହି ପ୍ରକଳ୍ପରେ ଟନେଲ୍ ବୋରିଂ ମେସିନ୍ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ଯାହା ସୁଡ଼ଙ୍ଗ ନିର୍ମାଣରେ ଅଭୂତପୂର୍ବ ପ୍ରଗତି ହାସଲ କରିଛି। ଅଗଷ୍ଟ ୨୦୨୪ରେ, 'ଶିବ' ଏବଂ 'ଶକ୍ତି' ଟନେଲ୍ ବୋରିଂ ମେସିନ୍ ଗୋଟିଏ ମାସରେ ୧୦୮୦.୧୧ ରନିଂ ମିଟର ଟନେଲ୍ ଖୋଳି ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲା। ଏହି ପ୍ରକଳ୍ପରେ ରେଳ ସେତୁ ନମ୍ବର ୮ ହେଉଛି ଇଞ୍ଜିନିୟରିଂର ଆଉ ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ। ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ହେଉଛି ଏକ ୧୨୫.୨ କିଲୋମିଟର ଲମ୍ବା ବ୍ରଡ ଗେଜ୍ ରେଳ ଲାଇନ ଯାହା ଯୋଗ ନଗରୀ ଋଷିକେଶକୁ କର୍ଣ୍ଣପ୍ରୟାଗ ସହିତ ସଂଯୋଗ କରିବ। ଏହି ପ୍ରକଳ୍ପ ଭାରତୀୟ ରେଳବାଇର ଚାରିଧାମ ରେଳ ପ୍ରକଳ୍ପର ଏକ ଅଂଶ, ଯାହାର ଲକ୍ଷ୍ୟ ଉତ୍ତରାଖଣ୍ଡର ଚାରୋଟି ପବିତ୍ର ତୀର୍ଥସ୍ଥଳକୁ ରେଳ ନେଟୱାର୍କ ଦ୍ୱାରା ସଂଯୋଗ କରିବା ଏହି ରେଳ ଲାଇନର ମୋଟ ମୂଲ୍ୟ ୧୬ ହଜାର କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏହି ପ୍ରକଳ୍ପର ସବୁଠାରୁ ବିଶେଷ କଥା ହେଉଛି ଏହାର ୮୩ ପ୍ରତିଶତ ସୁଡ଼ଙ୍ଗ ଦେଇ ଯିବ ଯେଉଁଥିରେ ୧୭ଟି ମୁଖ୍ୟ ସୁଡ଼ଙ୍ଗ ଏବଂ ୧୨ଟି ଏସ୍କେପ୍ ସୁଡ଼ଙ୍ଗ ଅନ୍ତର୍ଭୁକ୍ତ। ଏହାର ମୋଟ ଲମ୍ବ ୨୧୩ କିଲୋମିଟର ଯାହା ମଧ୍ୟରୁ ୧୯୩ କିଲୋମିଟର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ଋଷିକେଶରୁ କର୍ଣ୍ଣପ୍ରୟାଗକୁ ସଡ଼କ ପଥରେ ୬-୭ ଘଣ୍ଟା ସମୟ ଲାଗେ ଯାହା ପାଗ ଏବଂ ଭୂସ୍ଖଳନ ଯୋଗୁଁ ଆହୁରି ବଢ଼ିପାରେ। ଚାରଧାମ ରେଳ ପ୍ରକଳ୍ପ ଅଧୀନରେ ନିର୍ମିତ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ଲାଇନ ଏହି ଦୂରତାକୁ ପ୍ରାୟ ଦୁଇ ଘଣ୍ଟାରେ ଅତିକ୍ରମ କରିବ। ଏହା ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଯାତ୍ରାକୁ ଦ୍ରୁତ, ସୁରକ୍ଷିତ ଏବଂ ସୁବିଧାଜନକ କରିବ। ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା, ତୁଷାରପାତ ଏବଂ ଭୂସ୍ଖଳନ ଯୋଗୁଁ ପ୍ରାୟତଃ ରାସ୍ତା ଅବରୋଧ ହୋଇଯାଏ। ଏହା ମୌସୁମୀ ଏବଂ ଶୀତ ଋତୁରେ ପ୍ରାୟତଃ ଘଟେ ପ୍ରକଳ୍ପର ୮୩ ପ୍ରତିଶତ ସୁଡ଼ଙ୍ଗ ମଧ୍ୟ ଦେଇ ଗତି କରୁଛି ଯାହା ଏହାକୁ ପାଣିପାଗ ପ୍ରତିରୋଧୀ ରଖିବ ଏବଂ ସୁଗମ ସଂଯୋଗୀକରଣ ସୁନିଶ୍ଚିତ କରିବ, ଯାହା ଦ୍ୱାରା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନେ ବର୍ଷସାରା ଚାରିଧାମ ପରିଦର୍ଶନ କରିପାରିବେ। ଏହି ପ୍ରକଳ୍ପ ଉତ୍ତରପ୍ରଦେଶର ପାଞ୍ଚଟି ପ୍ରମୁଖ ଜିଲ୍ଲା- ଡେରାଡୁନ, ଟେହେରୀ ଗଢ଼ୱାଲ୍, ତିହଡ଼ି ଗଢ଼ୱାଲ୍, ରୁଦ୍ରପ୍ରୟାଗ ଏବଂ ଚମୋଲିକୁ ରେଳ ନେଟୱାର୍କ ସହିତ ସଂଯୋଗ କରିବ। ଯୋଗ ସହର ଋଷିକେଶ, ମୁନି କି ରେଟି, ଦେବପ୍ରୟାଗ, ଶ୍ରୀନଗର, ରୁଦ୍ରପ୍ରୟାଗ, ଗୌଚର ଏବଂ କର୍ଣ୍ଣପ୍ରୟାଗ ଭଳି ସହର ଏବଂ ଛୋଟ ବଡ଼ ବଜାର ରେଳ ଦ୍ୱାରା ସଂଯୋଗ ହେବ। ଏହା ଦ୍ୱାରା ଦୁର୍ଗମ ପାହାଡ଼ି ଅଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତି ଏବଂ ବଜାର ଚାହିଦା ସହଜରେ ପାଇପାରିବେ। ଚାରଧାମ ରେଳ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥକୁ ରେଳ ନେଟୱାର୍କ ସହିତ ସଂଯୋଗ କରିବା। ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଉତ୍ତରାଖଣ୍ଡରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାକୁ ଯାଉଛି। ଚାରିଧାମ ଯାତ୍ରା ବ୍ୟତୀତ, ଉତ୍ତରାଖଣ୍ଡର ଋଷିକେଶ, ହରିଦ୍ୱାର ଏବଂ ଆଉଲି ଭଳି ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀରେ ପହଞ୍ଚିବା ସହଜ ହୋଇଯିବ। ଏହା ସ୍ଥାନୀୟ ବାଣିଜ୍ୟ, ହୋଟେଲ ଶିଳ୍ପ ଏବଂ ପରିବହନ ସେବାକୁ ପ୍ରୋତ୍ସାହିତ କରିବ ଏବଂ ଉତ୍ତରାଖଣ୍ଡର ଦୁର୍ଗମ ଅଞ୍ଚଳରେ ନୂତନ ବ୍ୟବସାୟ କେନ୍ଦ୍ରର ବିକାଶକୁ ପ୍ରୋତ୍ସାହିତ କରିବ। ଦେବପ୍ରୟାଗ, ଶ୍ରୀନଗର, ରୁଦ୍ରପ୍ରୟାଗ ଏବଂ ଗୌଚର ଭଳି ସହରରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ଯାହା ଫଳରେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ନାବାଳକଙ୍କ ଛାତିରେ ପଶିଗଲା ଲୁହା ଗ୍ରୀଲ୍

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଭୁବନେଶ୍ୱରରେ ଆଇଆରସି ଭିଲେଜ୍ ଏନ୍ ୧ରେ ଅଭାବନୀୟ ଘଟଣା। ପାଚେରୀ ଉପରେ ଚାଲୁଥିବାବେଳେ ଖସି ପଡ଼ିଲେ ନାବାଳକ। ଛାତିରେ ପଶିଲା ଲୁହା ଗ୍ରୀଲ୍। କଟର୍ ମେସିନ ଦ୍ୱାରା କାଟିଲେ ଅଗ୍ନିଶମ ବାହିନୀ। ଲୁହା ଗ୍ରୀଲ୍ ସହ ନାବାଳକଙ୍କୁ ଏମ୍ସ ପଠାଇଲା ଅଗ୍ନିଶମ ବାହିନୀ। ସୂଚନାଯୋଗ୍ୟ ଯେ, ଆଇଆରସି ଭିଲେଜ୍ ଏନ୍ ୧-୩୧୨ରେ ପରିବାର ସହ ରହୁଥିଲେ ନାବାଳକ ସୋହନ ଦିଗାଲ। ସେ ଘର ପାଚେରୀରେ ଚଢ଼ିଥିବାବେଳେ ହଠାତ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ପାଚେରୀରେ ଲାଗିଥିବା ଲୁହା ଗ୍ରୀଲ୍ ତାଙ୍କ ଛାତିରେ ପଶି ଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ କଟର ସାହାଯ୍ୟରେ ଗ୍ରୀଲ୍ କାଟି ନାବାଳକଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଏମ୍ସକୁ ପଠାଇଥିଲେ। ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି।

# ସୋଆ ପ୍ରତିଷ୍ଠାତା ସଭାପତି ଓ ସ୍ପେନ୍ ରାଷ୍ଟ୍ରଦୂତଙ୍କ ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜ ରଞ୍ଜନ ନାୟକ ଏବଂ ସ୍ପେନ୍‌ର ରାଷ୍ଟ୍ରଦୂତ ହିଜ ଏକ୍ସିଲେନ୍ସି ଜୁଆନ୍ ଆନ୍‌ଟୋନିଓ ମାର୍ଚ ପୁଜୋଲଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ହୋଇଛି । ସ୍ପେନର ରାଷ୍ଟ୍ରଦୂତ ଭାବେ ସେ ଏକାସଂଗେ ଭାରତ, ଭୁଟାନ, ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପକୁ ପ୍ରତିନିଧିତ୍ୱ କରୁଛନ୍ତି । ଶୁକ୍ରବାର ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଫେସର ନାୟକଙ୍କ ସହ ସାକ୍ଷାତ ସମୟରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗ ସହ ଆଲୋଚନା କରିବା ସହ ସୋଆରେ ସ୍ପାନିଶ ଭାଷାର ଶିକ୍ଷାକୁ ନେଇ ମଧ୍ୟ ଆଲୋଚନା କରିଥିଲେ । ଏହି ସାକ୍ଷାତ ଆଲୋଚନା ସମୟରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉପସ୍ଥିତ ଥିଲେ ।

# କଟକ, ଭୁବନେଶ୍ୱର, ପୁରୀ ମଧ୍ୟରେ ଚାଲିବ ହାଇ-ଟେକ୍ ଇଲେକ୍ଟ୍ରିକ ବସ୍

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସ୍ଥାୟୀ ଏବଂ ହାଇ-ଟେକ୍ନୋଲୋଜି ସମ୍ପନ୍ନ ସାର୍ବଜନୀନ ପରିବହନ ଆଡ଼କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, କେନ୍ଦ୍ରୀୟ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଓଡ଼ିଶାରେ ଫ୍ଲାସ୍-ଚାର୍ଜିଂ ଇଲେକ୍ଟ୍ରିକ ବସ୍ ପରିଚାଳନର ପ୍ରସ୍ତାବ ଦେଇଛନ୍ତି। ଏହି ପଦକ୍ଷପ ଦ୍ୱାରା ଭୁବନେଶ୍ୱର ଓ କଟକର ଯୁଗ୍ମ ନଗରୀକୁ ତୀର୍ଥନଗରୀ ପୁରୀ ସହ ସିଧାସଳଖ ଇଲେକ୍ଟ୍ରିକ ବସ୍ ସେବା ସହଜ ହେବ। ଏହି ଅତ୍ୟାଧୁନିକ ବସଗୁଡ଼ିକ ଫ୍ଲାସ୍-ଚାର୍ଜିଂ ପ୍ରଯୁକ୍ତିବିଦ୍ୟାରେ ପରିପୂର୍ଣ୍ଣ, ଯାହା ବସ୍ ଷ୍ଟପରେ ଲାଗିଥିବା ୬୦୦ କିଲୋୱାଟର ଓଭରହେଡ୍ ଚାର୍ଜର ମାଧ୍ୟମରେ ୩୦ ସେକେଣ୍ଡରୁ କମ୍ ସମୟରେ ପୂର୍ଣ୍ଣ ଚାର୍ଜ ହେବାର କ୍ଷମତା ରଖିଛି। ଏହି ବ୍ୟବସ୍ଥା ବସ୍ ପହଞ୍ଚିବା ମାତ୍ରେ ସ୍ୱୟଂଚାଳିତ ଭାବେ ଚାର୍ଜିଂ ଆରମ୍ଭ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଅଳ୍ପ ସମୟ ଅପେକ୍ଷା ସୁନିଶ୍ଚିତ କରେ। ଏହି ବସଗୁଡ଼ିକ ପାଇଁ ପାଇଲଟ ପ୍ରକଳ୍ପ ମହାରାଷ୍ଟ୍ରର ନାଗପୁରରେ ଆରମ୍ଭ ହେବାକୁ ଯାଉଛି। ପ୍ରତ୍ୟେକ ବସ୍ ୧୮ ମିଟର ଲମ୍ବା ଏବଂ ଏହାରେ ଏକ୍ଜିକ୍ୟୁଟିଭ୍-




ଶ୍ରେଣୀର ଆସନ, ବ୍ୟକ୍ତିଗତ ଟିଭି ସ୍କ୍ରିନ୍, ଏୟାର କଣ୍ଡିସନିଂ, ଲାପଟପ୍ ଟ୍ରେ, ମୋବାଇଲ ଚାର୍ଜିଂ ପଏଣ୍ଟ ଏବଂ ଅନବୋର୍ଡ ସ୍ନାକ୍ସ ଭଳି ଉଚ୍ଚମାନର ସୁବିଧା ରହିଛି, ଯାହା ଯାତ୍ରୀମାନଙ୍କୁ ଉଡ଼ାଣ ଭଳି ଅନୁଭବ ପ୍ରଦାନ କରେ। ଏହା ବ୍ୟତୀତ, ଏହି ଇଲେକ୍ଟ୍ରିକ ବସଗୁଡ଼ିକ ପାରମ୍ପରିକ ଡିଜେଲ ବସ୍ ତୁଳନାରେ ଯାତ୍ରୀମାନଙ୍କ ପାଇଁ ୩୦% କମ୍ ଖର୍ଚ୍ଚ ହେବାର ଆଶା କରାଯାଉଛି। ଏଥିସହିତ ପରିବେଶ ସଂରକ୍ଷଣରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଯଦି ନାଗପୁର ମଡେଲ ସଫଳ ହୁଏ, ତେବେ ଓଡ଼ିଶାରେ ମଧ୍ୟ ଏହି ଧରଣର ସେବା ଶୀଘ୍ର ଆରମ୍ଭ ହୋଇପାରେ, ଯାହା ଦୋତ ନଗରୀ-ପୁରୀ କରିଡ଼ରରେ ଯାତ୍ରୀମାନଙ୍କ ପାଇଁ ପରିବେଶ ଅନୁକୂଳ, ଆରାମଦାୟକ ଏବଂ ସୁଲଭ ଯାତ୍ରା ପ୍ରଦାନ କରିବ।

# ଆଗାମୀ ୫ ବର୍ଷରେ କ୍ରୀଡ଼ା ବିକାଶ ପାଇଁ ୪,୨୧୪ କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଓଡ଼ିଶା ସରକାର ଆଗାମୀ ପାଞ୍ଚ ବର୍ଷରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୪,୧୨୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୁଧବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ ପାଞ୍ଚ ଦିନିଆ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନ ସମୟରେ ଏହି ଘୋଷଣା କରିଛନ୍ତି। ଭଲିବଲ୍, କ୍ରିକେଟ୍, ଫୁଟବଲ୍ ଏବଂ ଆଥଲେଟିକ୍ସ ଆଦି ବିଭିନ୍ନ କ୍ରୀଡ଼ା ପାଇଁ ଆଧୁନିକ ସୁବିଧା ରାଜ୍ୟର ପ୍ରତ୍ୟେକ ବ୍ଲକରେ ସୃଷ୍ଟି କରାଯିବ। କ୍ରୀଡ଼ା ବିକାଶ ପାଇଁ ପାଞ୍ଚ ବର୍ଷରେ ମୋଟ ୪,୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ, ମାଝୀ କହିଛନ୍ତି। ସରକାର ଚଳିତ ବର୍ଷର ବଜେଟରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପାଇଁ ୧,୩୧୯ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ପ୍ରତ୍ୟେକ ପଇସା ଓଡ଼ିଶାର




ଯୁବ ପ୍ରତିଭାଙ୍କ ବିକାଶ ପାଇଁ ଖର୍ଚ୍ଚ କରାଯିବ। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଏବଂ କୋରାପୁଟକୁ ରାଜ୍ୟର କ୍ରୀଡ଼ା କେନ୍ଦ୍ର ଭାବେ ବିକଶିତ କରାଯାଉଛି, ସେ ଆହୁରି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଟ୍ରଫି ସମୁଦାୟ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଏବଂ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ପାଇଁ ଏକ ବୈପ୍ଳବିକ ପଦକ୍ଷେପ ଭାବେ ଆରମ୍ଭ କରାଯାଇଛି। ବ୍ଲକ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ, ଲକ୍ଷ ଲକ୍ଷ କ୍ରୀଡ଼ାବିତ ଫୁଟବଲ୍, ଆଥଲେଟିକ୍ସ, ହକି ଏବଂ ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ଏହି ଟ୍ରଫି ପାଇଁ ଭାଗ ନେବେ, ସେ ଯୋଗ କରିଛନ୍ତି।

## ସଂପାଦକୀୟ

# ମଣିଷ ଓ ଇତର ଜଗତ

ଧାରୟତେ ଇତି ଧର୍ମ। ସତ୍ୟ ଯେତେବେଳେ କର୍ମ ଓ ଆଚରଣରେ ପରିବର୍ତ୍ତିତ ହୁଏ ତାହା ଧର୍ମରେ ପରିଣତ ହୁଏ। ଥରେ ସ୍କୁଲରେ ଶିକ୍ଷକ ସମବ୍ୟବହାର ଉଦାହରଣ ଦେବା ପାଇଁ କହିଲେ। ନଚିକେତା କହିଲା ଆମେ ଖାଦ୍ୟ ଖାଉ। ଆରୁଣୀ କହିଲା ପଶୁମାନେ ବି ଖାଦ୍ୟ ଗ୍ରହଣ କରନ୍ତି। ତନ୍ଦ୍ରା କହିଲା ମଣିଷ ଶୁଏ। ମହିନ୍ଦ୍ରା କହିଲା ପଶୁମାନେ ବି ଶୁଅନ୍ତି। ହିରଣମୟୀ କହିଲା ମନୁଷ୍ୟ ଭିତରେ ଭୟ ଅଛି। କୃପାଳୁ କହିଲା ପଶୁମାନଙ୍କ ମଧ୍ୟରେ ବି ଭୟ ଅଛି। ଭାଗ୍ୟଲକ୍ଷ୍ମୀ କହିଲା ମଣିଷ ପିଲା ଜନ୍ମ କରେ। ରୋମା କହିଲା ପଶୁମାନେ ବି ପିଲା ଜନ୍ମ କରନ୍ତି। ସାର କହିଲେ ମଣିଷ ଓ ପଶୁ ମଧ୍ୟରେ ଫରକ କ'ଣ?

ମହେନ୍ଦ୍ର ନାମକ ଏକ ଛାତ୍ର କହିଲା ମୋର ବାପା ଗତକାଲି ମନଦୁଃଖ କରୁଥିଲେ। କହୁଥିଲେ ଲତାଟିଏ ଲଗାଇଲି ତାହା ସୁଗନ୍ଧ ପ୍ରଦାନ କଲା। ଚାଳ ଘରଟିଏ ତିଆରି କରି ତାର ଭିତର ଦେଇ ପବନ ଗଲେ ଛନ୍ଦ ସୃଷ୍ଟି କରୁଛି। ଗଛଟିଏ ଲଗାଇଥିଲି ତାହା ଶୀତଳତା ପ୍ରଦାନ କରୁଛି। ପଶୁଟିଏ ପାଳିଥିଲି ସେ ମୁକ ହେଲେ ମଧ୍ୟ ମୋର ହୃଦୟର ଭାଷାକୁ ବୁଝି ସ୍ନେହ ଶୁଝାଇବାକୁ ଚେଷ୍ଟା କରୁଛି ହେଲେ ମଣିଷକୁ ପରମ ସ୍ନେହ ଦେଇଥିଲେ ମଧ୍ୟ ସେ ମୋର ହୃଦୟରେ ପଦାଘାତ କରୁଛି।

ଆଶ୍ଚର୍ଯ୍ୟର କଥା ପ୍ରକୃତି ଉଦ୍ଭିଦଜଗତ, ପଶୁପକ୍ଷୀଗଣ, ମଣିଷର ସେବା କରୁଛନ୍ତି। ସେମାନଙ୍କ ପାଖରେ ଅନେକ ଭଲ ଗୁଣ ଅଛି ଯାହା ମଣିଷ ପାଇଁ ଶିକ୍ଷଣୀୟ। ପିମ୍ପୁଡ଼ି ନିକଟରେ ଶୃଙ୍ଖଳା, କଠିନ ପରିଶ୍ରମ, ସଞ୍ଚୟ ଅଭ୍ୟାସ ବାଲିକୁ ଚିନିରୁ ଅଲଗା କରିବାର ଶକ୍ତି ଇତ୍ୟାଦି ଅଛି। ମହୁମାଛି ଫୁଲରେ ଗର୍ଭ ସଂଚାର କରୁଛି। ଫୁଲରୁ ମହୁ ସଂଚୟ କରି ସଞ୍ଚୟ କରୁଛି। ଗାଇ ମା'ପରି କ୍ଷୀର ପ୍ରଦାନ କରୁଛି। ହାତୀ ଜଙ୍ଗଲରେ ଦଳବଦ୍ଧ ହୋଇଯାଇ ପଥପ୍ରଦର୍ଶନ କରେ। ସେ ସାହାସୀ, ବଳବାନ ଓ ବୁଦ୍ଧିମାନ। ସିଂହ ଅତ୍ୟନ୍ତ ରାଜକୀୟ ଓ ନେତୃତ୍ୱ ନେବାର କ୍ଷମତା ରଖିଥାଏ। ବୁଢ଼ୀଆଣି ଅସୀମ ଧୈର୍ଯ୍ୟର ପ୍ରତୀକ। ହଂସ କ୍ଷୀରରୁ ପାଣିକୁ ଅଲଗା କରିପାରେ କୁକୁର ଅତ୍ୟନ୍ତ ବିଶ୍ୱସ୍ତ ଓ ଶତ୍ରୁ ଠାରୁ ମୁନୀବକୁ ରକ୍ଷା କରେ। ଅଶ୍ୱଶକ୍ତି ମଡ଼ା ସଫାକରେ ଓ ପ୍ରକୃତିକୁ ପ୍ରଦୂଷଣରୁ ରକ୍ଷା କରେ। ଅଶ୍ୱଶକ୍ତି ପ୍ରଦର୍ଶନ କରେ ଓ ମଣିଷର ପରିବହନରେ ସାହାଯ୍ୟ କରେ। ମୟୁର ଘନନୀଳ ମେଘ ଦେଖିଲେ କୃଷ୍ଣଙ୍କ ଭାବରେ ନାଚି ଉଠେ। କୃଷ୍ଣ ତେଣୁ ମୟୁର ପୁଚ୍ଛ ଧାରଣ କରିଥାନ୍ତି। ବିଲେଇ ସଫା ସୁତୁରାର ପ୍ରତୀକ। ମାଛ ଜଳର ବିପରୀତ ଦିଗରେ ପହଁରିପାରେ। ବଳଦ କଠିନ ପରିଶ୍ରମୀ କାଉ ରାବ ଦେଇ ଏକାଠି ମିଶି ଖାଏ। ସାପର ବିଷରୁ ଔଷଧ ତିଆରି ହୁଏ। ଗଛ ସହନଶୀଳତାର ପ୍ରତୀକ ଓ ଅମ୍ଳଜାନ ଦିଏ। ନଦୀ ନିଜର ଲକ୍ଷସ୍ଥଳ ଆଡ଼କୁ ଗତି କରେ ଓ ପଛକୁ ଚାହିଁ ଦେଖେନା। ପେଚା ଅନ୍ଧାରରେ ଦେଖିପାରେ। ପାରା ଓ ଛଞ୍ଚାଣଙ୍କର ତୀକ୍ଷ୍ଣ ଦୃଷ୍ଟି ଥାଏ। ବାଘ ନିର୍ଭୀକତାର ପ୍ରତୀକ। ଫୁଲ ସୁଗନ୍ଧ ଓ ସୁନ୍ଦରତାର ପ୍ରତୀକ। ମାଙ୍କଡ଼ ନିଜ କୋଳରେ ପିଲାକୁ ଧାରଣ କରି ଲମ୍ଫ ପ୍ରଦାନ କରେ। ସାଧବ ବୋହୁ ସୁନ୍ଦରତାର ପ୍ରତୀକ। ହରିଣ ନିକଟରେ କ୍ଷୀପ୍ରତା ଓ ମୃଗନାଭି କସ୍ତୁରୀର ସୂଚନା ଦିଏ।

ଏତେ ସବୁ କଥା ପ୍ରକୃତି ଓ ଇତର ଜଗତ ଠାରୁ ଆଜି କାଲିର ପିଲାମାନେ ଶିକ୍ଷା କରିପାରୁ ନାହାନ୍ତି। ପ୍ରକୃତରେ ପ୍ରକୃତି ଓ ଇତର ଜଗତ ଏକ ବିଶ୍ୱବିଦ୍ୟାଳୟ। ଇନ୍ଦ୍ରିୟ ଯଦି ଆମର ଶିକ୍ଷକ ହୁଅନ୍ତି ତେବେ ଆତ୍ମା ଆମ ଶରୀରର ଅଧକ୍ଷ। ଦତ୍ତାତ୍ରେୟ ପ୍ରକୃତିର ଚବିଶ ଗୁରୁ ବାଛି ଥିଲେ ଆଜିର ଛାତ୍ରଛାତ୍ରୀମାନେ ପ୍ରକୃତି ଓ ଇତର ଜଗତରୁ ମହାନ ଶିକ୍ଷା ଲାଭ କରି ମହତପଣିଆ ଦେଖାଇବେ ବୋଲି ଆଶା।

**ଅନୀତା ପଟ୍ଟନାୟକ**
**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଦାମ୍ପତ୍ୟ କଳହରେ ସନ୍ତାନର ଅସହାୟତା

**ପ୍ରଦୀପ୍ତ ଆଚାର୍ଯ୍ୟ**

କଥାରେ ଅଛି, ଦାମ୍ପତ୍ୟ କଳହରେ ମଧ୍ୟସ୍ଥତା ଏକ ବୋକାମୀ କାର୍ଯ୍ୟ। କାରଣ ଏହା ଅତ୍ୟନ୍ତ କ୍ଷଣସ୍ଥାୟୀ। ସକାଳର କଳହ ସନ୍ଧ୍ୟାରେ ମୀମାଂସା। ସାଧାରଣତଃ ସମାଜରେ ପତି ପତ୍ନୀର ସମ୍ପର୍କ, ଅନ୍ୟ ସମସ୍ତ ସମ୍ପର୍କ ତୁଳନାରେ ନିବିଡ ଏବଂ ଆବେଗିକ। ସମ୍ପର୍କର ନିବିଡତା ନିମନ୍ତେ, ପ୍ରକୃତି ସୃଷ୍ଟ ଯୌନ ସମ୍ବନ୍ଧ ଯେତିକି ଗୁରୁତ୍ୱପୂର୍ଣ, ତାଠାରୁ ଅଧିକ ଗୁରୁତ୍ୱପୂର୍ଣ ହେଉଛି, ସଂସାର ନାବକୁ ସୁଚାରୁ ରୂପେ ବାହି ନେବା ପାଇଁ ଉଭୟଙ୍କର ସହଭାଗିତା ଏବଂ ପ୍ରତିବଦ୍ଧତା।

ବିବାହ ବନ୍ଧନ ଗୋଟିଏ ଜନ୍ମର ନୁହେଁ ସାତ ଜନ୍ମ ପାଇଁ ବନ୍ଧନ ବୋଲି ଲୋକ କଥା ପ୍ରଚଳିତ। ପତି ନିକଟରେ ପତ୍ନୀର ଦୁର୍ବାର ଆକର୍ଷଣ ବେଳେ ବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥାଏ। ପତ୍ନୀଙ୍କର ଅବାଞ୍ଛିତ, ସ୍ୱାର୍ଥପର ଅଳି ଅନୁରୋଧକୁ ରକ୍ଷା କରିବାକୁ ଯାଇ ବିଚରା ନିର୍ବୋଧ ପତିଟି ନିଜର ଜନ୍ମଦାତା, ଜନ୍ମଦାତ୍ରୀ ଓ ଆତ୍ମୀୟ ସ୍ୱଜନଙ୍କୁ ମଧ୍ୟ ହେୟ ମନେକରି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବାକୁ ପଶ୍ଚାତପଦ ହୁଏନାହିଁ। ପ୍ରାଚୀନ କାଳର ବଧୂଟିର ଶାଶୁ ଶଶୁରଙ୍କ ପ୍ରତି ଭକ୍ତି ଭାବ ଓ ସମ୍ଭ୍ରମତା ବୋଧ, ପରିବାରର କନିଷ୍ଠଙ୍କ ପ୍ରତି ଶ୍ରଦ୍ଧାପୂର୍ଣ ବ୍ୟବହାର ତଥା ସ୍ୱାମୀଙ୍କ ସୁଖ ଦୁଃଖରେ ଭାଗୀଦାର ହେବାର ପଟ୍ଟ ପରିବର୍ତନ ହୋଇ ଯାଇଛି। ପୂର୍ବ କାଳରେ ବୋହୁଟିଏ ଭାବୁଥିଲା, ମୋ ଶାଶୁ କେମିତିକା ହୋଇଥିବ। ମୋତେ ହଇରାଣ କରିବ ନାହିଁତ? ଏବେ ଶାଶୁଟି ଭଲ ବୋହୁଟିଏ ପାଇବା ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି। ଅପର ପକ୍ଷରେ ପୂର୍ବ କାଳରେ ପୁରୁଷଟି ଏକପତ୍ନୀ ବ୍ରତ ଉପରେ ଅଧିକ ଗୁରୁତ୍ୱ ଆରୋପ କରୁଥିଲା। ପତ୍ନୀ ବ୍ୟତିରେକେ କାହା ସହିତ ଶାରୀରିକ ସମ୍ପର୍କତ ଦୁରର କଥା, କାହାକୁ କୁଦୃଷ୍ଟିରେ ନଜର କରିବାକୁ ମଧ୍ୟ ଅପରାଧ ଓ ପାପ ବୋଲି ବିବେଚନା କରୁଥିଲା। କିନ୍ତୁ ଆଜିର ସମାଜରେ ପରିସ୍ଥିତି ସମ୍ପୂର୍ଣ ଭିନ୍ନ। ଉଗ୍ର ଆଧୁନିକତା ଏସବୁ ପୁରୁଣା ପ୍ରଥାକୁ ହେୟଜ୍ଞାନ କରି ଉଶୃଙ୍ଖଳତାର ସୀମା ଅତିକ୍ରମ କରିଯାଇଛି। ପ୍ରେମ ବିବାହ ଯେତିକି ମାତ୍ରାରେ ବୃଦ୍ଧି ପାଇଛି, ବିବାହ ବିଛେଦ ମଧ୍ୟ ସମ ପରିମାଣରେ ବୃଦ୍ଧି ପାଇଛି। ସହମତି ଭିତିକ ଯୌନ ସମ୍ପର୍କ, ସମଲିଙ୍ଗୀ ବିବାହ ଏବଂ ସର୍ବୋପରି ବିବାହ ପୂର୍ବରୁ ପୁଅ ଝିଅ ଏକତ୍ର ସହବସ୍ଥାନ ନିୟମର ବୈଧତା, ଅଗ୍ନିରେ ଘୃତ ପ୍ରଦାନ ସଦୃଶ କାର୍ଯ୍ୟ କରୁଛି। ପରକୀୟା ପ୍ରୀତିର କରୁଣ ପରିଣତି, ପ୍ରତ୍ୟେକ ଦିନ ସମ୍ବାଦ ପତ୍ରର ପୃଷ୍ଠା ମଣ୍ଡନ କରୁଛି। ଦାମ୍ପତ୍ୟ କଳହ ଆଜି ଚରମ ସୀମାରେ ଉପନୀତ ହୋଇ ଯାଇଛି। ପତି ପତ୍ନୀ ମଧ୍ୟରେ ନିଜ ନିଜର ଜିଦ୍, ଅହଂକାର, ନିଜକୁ ଅନ୍ୟ ଠାରୁ ଶ୍ରେଷ୍ଠ ପ୍ରମାଣିତ କରିବାର ପ୍ରଚେଷ୍ଟା, ଅତି ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ପରସ୍ପର ମଧ୍ୟରେ ବୁଝାମଣା, ଧୈର୍ଯ୍ୟ, ସହନଶୀଳତା କ୍ରମଶଃ ତୀବ୍ର ବେଗରେ ହ୍ରାସ ପାଇବାରେ ଲାଗିଛି। ପ୍ରାଚୀନ କାଳର ପୁରୁଷ ପ୍ରାଧାନ୍ୟ ସମାଜରେ ଥିବା ଆଧିପତ୍ୟକୁ ପୁରୁଷ ମାନେ ଏବେବି ତ୍ୟାଗ କରିବାର ମାନସିକତାରେ ପହଂଚି ପାରୁ ନାହାନ୍ତି। ନାରୀ ମାନେ ମଧ୍ୟ, ସ୍ୱାମୀଙ୍କୁ ଦେବତା ଆସନରେ ବସାଇ ସେମାନଙ୍କ ଆନୁଗତ୍ୟ ସ୍ୱୀକାର କରିବା ପରି ପ୍ରାଚୀନ ପରମ୍ପରାକୁ ଗ୍ରହଣ କରି ପାରୁ ନାହାନ୍ତି। ଆଜିର ଯୁଗରେ ନାରୀ ମାନେ ସମସ୍ତ କ୍ଷେତ୍ରରେ ପୁରୁଷଙ୍କ ସମକକ୍ଷ ହୋଇ, ସ୍ୱାବଲମ୍ବୀ ହେବା ପରେ, ଏହା ହେବା ମଧ୍ୟ ସ୍ୱାଭାବିକ୍। ସର୍ବେକ୍ଷଣ ତଥ୍ୟାନୁଯାୟୀ ଗ୍ରାମୀଣ, ସ୍ୱଳ୍ପ ଶିକ୍ଷିତ, ବେରୋଜଗାରୀ ଦମ୍ପତିଙ୍କ ଅପେକ୍ଷା ସହରୀ, ଶିକ୍ଷିତ, ରୋଜଗାରୀ ଦମ୍ପତିଙ୍କ ମଧ୍ୟରେ କଳହ ଏବଂ ଛାଡପତ୍ରର ସଂଖ୍ୟା ଅଧିକ। ଏହାର ପ୍ରଥମ ଏବଂ ମୁଖ୍ୟ କାରଣ ହେଲା, ଉଭୟେ ନିଜ ନିଜକୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିବାର ଅଦମ୍ୟ ପ୍ରଚେଷ୍ଟା। ଅହଂକାର ଓ ଜିଦ୍ ଯୋଗୁ ଛାଡପତ୍ର ହୋଇଯାଏ ସତ୍ୟ, କିନ୍ତୁ ଉଭୟଙ୍କର ଜୀବନ ଦୁର୍ବିସହ ହୋଇଯାଏ। ଅନେକ କାର୍ଯ୍ୟ ଅଛି, ଯାହା ଜଣେ ନାରୀ ପକ୍ଷରେ କରିବା କଷ୍ଟ,ଏବଂ ଅନେକ କାର୍ଯ୍ୟ ଅଛି, ଯାହା ଜଣେ ପୁରୁଷ ପକ୍ଷରେ ତୁଲାଇବା ମଧ୍ୟ ସହଜସାଧ୍ୟ ନୁହେଁ। ପତ୍ନୀ ପରିତ୍ୟକ୍ତା ପତିଟିକୁ ସମାଜରେ ଲକ୍ଷ୍ମୀଛଡା କୁହାଯାଏ। ସାମାଜିକ କ୍ଷେତ୍ରରେ ତାର ଯଥେଷ୍ଟ ମର୍ଯ୍ୟାଦା ହାନୀ ହୋଇଥାଏ। ନାରୀ ବିନା ଗୋଟିଏ ପୁରୁଷର ପରିବାର ବିପର୍ଯ୍ୟସ୍ତ ହୋଇଯାଏ।

ଅପର ପକ୍ଷରେ ସ୍ୱାମୀ ପରିତ୍ୟକ୍ତା ନାରୀଟିଏ ମଧ୍ୟ ସମାଜର ଭ୍ରୁକୁଟଂନ କୁ ସାମ୍ନା କରିବା ଅତ୍ୟନ୍ତ ଦୁର୍ବିସହ ହୋଇପଡେ। ଅସହାୟତାର ସୁଯୋଗରେ, ଯେଉଁମାନେ ସହାୟତାର ହସ୍ତ ପ୍ରସାରଣ କରିବାକୁ ଆଗେଇ ଆସିବେ, ସେମାନଙ୍କ ମଧ୍ୟରୁ ଅନେକଙ୍କର ସ୍ୱାର୍ଥ ଓ ଦୁରଭିସନ୍ଧି ସର୍ବଜନବିଦିତ। ଛାଡପତ୍ରର ପରବର୍ତୀ ଅବସ୍ଥା ଉଭୟଙ୍କ କ୍ଷେତ୍ରରେ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ହୋଇପଡେ, ଯାହା ବିଛେଦ ପୂର୍ବରୁ ସେମାନଙ୍କ କଳ୍ପନାର ପରିସର ମଧ୍ୟରେ ନଥାଏ। ସେତେବେଳକୁ ନେଡିଗୁଡ କହୁଣୀକୁ ବୋହି ଯାଇଥାଏ। ସବୁଠାରୁ ଦୁଃଖ ଓ ପରିତାପର ବିଷୟ ହେଉଛି, ଯଦି ସେମାନଙ୍କର ସନ୍ତାନ ଥାନ୍ତି, ବିଛେଦ ପରେ ସେମାନଙ୍କର ଅସହାୟ ଓ ଦୟନୀୟ ଅବସ୍ଥାର ଚିତ୍ର ଅତ୍ୟନ୍ତ ହୃଦୟ ବିଦାରକ। ସାଧାରଣତଃ ଯଦି ପିଲାଟି ବାଲ୍ୟାବସ୍ଥାରେ ଥାଏ, ତେବେ ନ୍ୟାୟାଳୟ ପ୍ରାୟ ପିଲାକୁ ମାତା ପାଖରେ ରହିବାର ଅନୁମତି ଦେଇଥାନ୍ତି, କାରଣ ପିଲାଟିକୁ ମାତାହିଁ ଉପଯୁକ୍ତ ଭାବରେ ଲାଳନ ପାଳନ କରିପାରିବ, ଏହା ଏକ ପ୍ରକୃତିଦତ ଦକ୍ଷତା। ମାତା ବିନା, ପିତା ସନ୍ତାନଟିର ଉପଯୁକ୍ତ ଲାଳନ ପାଳନ କରିବା ଏକ ଅସାଧ୍ୟ ବା କଷ୍ଟକର କାର୍ଯ୍ୟ ଅଟେ। କିନ୍ତୁ ସନ୍ତାନଟିର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପିତାର ଭୂମିକା ମଧ୍ୟ ଗୌଣ ନୁହେଁ। ସନ୍ତାନଟି ଯଦି ମାଆ ପାଖରେ ରହେ, ତେବେ ପିତାର ସଶ୍ରଦ୍ଧ ଅନୁଶାସନରୁ ବଂଚିତ ହୋଇ, କୁମାର୍ଗରେ ପରିଚାଳିତ ହେବା ସମ୍ଭାବନା ମଧ୍ୟ ଅଧିକ ଥାଏ। ସାଧାରଣତଃ ପାଖରେ ପିତା ରହୁ ନଥିବାରୁ, ମାତା ଅଭିମାନ ଭରା ମାନସିକତା ଏବଂ ପିଲାଟିକୁ ଏକା ଭଲ ମଣିଷ କରିପାରିବାର ଦକ୍ଷତା ପ୍ରଦର୍ଶିତ କରିବାକୁ ଯାଇ, ନିଜର ସନ୍ତାନଟିକୁ ଅତ୍ୟଧିକ ସ୍ନେହ ଶ୍ରଦ୍ଧା ପ୍ରଦାନ କରେ, ଯାହା ବେଳେ ବେଳେ ଓଲଟା ଫଳ ପ୍ରଦାନ କରିଥାଏ। ଅପର ପକ୍ଷରେ ଯଦି ସନ୍ତାନଟି ପିତା ପାଖରେ ରହେ, ତେବେ ମାତୃ ସ୍ନେହ ବ୍ୟତିରେକେ ତାର ଜୀବନ ଏକ ଶୁଷ୍କ ନିର୍ଝର ସଦୃଶ ହୋଇଯାଏ। ପିତା କୌଣସି ପରିପ୍ରେକ୍ଷୀରେ, ମାତୃ ସ୍ନେହର ବିକଳ୍ପ ପ୍ରଦାନ କରି ପାରିବ ନାହିଁ। ଅନାଶକ୍ତ, ନିରୁତ୍ସାହିତ, ଅନାଗ୍ରହ, କଠୋରତା ଇତ୍ୟାଦି ଗୁଣର ପ୍ରାବଲ୍ୟ ତାଠାରେ ପରିଲକ୍ଷିତ ହୁଏ।

ସବୁଠାରୁ ବଡ କଥାହେଲା, ପିଲାଟି ଯଦି ମାତା ପାଖରେ ରହେ, ତେବେ ମାତା ତା ମନରେ ପିତୃ ବିରୋଧୀ ଚେତନା ଜାଗ୍ରତ କରାଇ ଦିଅନ୍ତି ଏବଂ ପିତାଙ୍କ ପାଖରେ ରହିଲେ, ପିତା ତା ମନରେ ମାଆ ପ୍ରତି ଘୃଣାର ବିଷ ବୀଜ ବପନ କରି ଦିଅନ୍ତି। ଉଭୟେ ନିଜର ଅହଂକାର, ଜିଦ୍ ଏବଂ ପରସ୍ପର ମଧ୍ୟରେ ଅବୁଝାମଣା ଯୋଗୁ, ସଠିକ୍ ମାର୍ଗ କଣ, ଜାଣି ପାରନ୍ତି ନାହିଁ। ସନ୍ତାନଟିର ମାନସିକ ପ୍ରତିକ୍ରିୟାକୁ କେହି ଅନୁଭବ କରିବାର ସାମାନ୍ୟତମ ପ୍ରୟାସ କରନ୍ତି ନାହିଁ। ପିଲାଟି ସେତେବେଳେ ଭୀଷଣ ଭାବରେ ମାନସିକ ଆଘାତପ୍ରାପ୍ତ ହୁଏ, ଯେତେବେଳେ ବିଦ୍ୟାଳୟରେ ଅନୁଷ୍ଠିତ ପିତୃମାତୃ ସମ୍ମିଳନୀରେ ,ଉଭୟଙ୍କ ମଧ୍ୟରୁ କେହି ଅନୁପସ୍ଥିତ ରୁହନ୍ତି। କୋମଳମତି, ନିଷ୍କପଟ ସାଥୀ ମାନଙ୍କର ପ୍ରଶ୍ନବାଚୀ ଦୃଷ୍ଟି ରେ ନିର୍ବାକ ହୋଇ ଯାଇଥିବା ପିଲାଟିର ଅବ୍ୟକ୍ତ ଅନ୍ତର୍ଦାହ ଅତ୍ୟନ୍ତ ହୃଦୟ ବିଦାରକ ପରିସ୍ଥିତି ସୃଷ୍ଟି କରିଥାଏ। ସମୟେ ସମୟେ ଏହିଭଳି ପିଲାମାନେ ଯୌବନରେ ପଦାର୍ପଣ କଲେ, ନିଜ ନିଜର ସୁଗୁଣ ପରିତ୍ୟାଗ କରି, ମାନସିକ ନିୟନ୍ତ୍ରଣ ହରାଇ, ନକରାତ୍ମକ ଚରିତ୍ରରେ ଅବତୀର୍ଣ ହୁଅନ୍ତି, ଯାହାକି କେବଳ ସମାଜ ପ୍ରତି ନୁହେଁ, ଜନ୍ମଦାତା ଓ ଜନ୍ମଦାତ୍ରୀଙ୍କ ନିମନ୍ତେ ମଧ୍ୟ ଘୋର ବିପଦ ସୃଷ୍ଟି କରିଥାଏ। ପ୍ରାଚୀନ ଭାରତର ମହାନ୍ ସାଂସ୍କୃତିକ ପରମ୍ପରାନୁଯାୟୀ, ଗୋଟିଏ ଆଦର୍ଶ ସନ୍ତାନ ଗଠନରେ, ଦମ୍ପତି ମାନଙ୍କର ଭୂମିକା ଅତ୍ୟନ୍ତ ସ୍ୱର୍ଣକାତର ଓ ଗୁରୁତ୍ୱପୂର୍ଣ। ଉଗ୍ର ଆଧୁନିକତାର ବଶବର୍ତୀ ହୋଇ କ୍ଷଣିକ ଉତେଜନାରେ,ଦାମ୍ପତ୍ୟ ଜୀବନର ପରିସମାପ୍ତି ଘଟାଇ, ଜୀବନର ପ୍ରକୃତ ଶାନ୍ତିକୁ ଧ୍ୱଂସ ବିଧ୍ୱଂସ କରି, ଉତର ଦାୟାଦ ମାନଙ୍କ ସୁନେଲି ଭବିଷ୍ୟତକୁ ନଷ୍ଟ କରିଦେବା କଣ ବିଜ୍ଞତାର ପରିଚୟ? ଅନ୍ଧ ସେହି ନୁହେଁ, ଯାହାର ଚକ୍ଷୁଦ୍ୱୟ ନଷ୍ଟ ହୋଇ ଯାଇଛି, ଅନ୍ଧ ସେହି, ଯିଏ ନିଜର ଦୋଷ ଦୁର୍ବଳତାକୁ ଅଧ୍ୟୟନ କରି ପାରେ ନାହିଁ। ଅଗ୍ନିର ତିବ୍ରତା ଜାଣି ମଧ୍ୟ ପତଙ୍ଗ ଆକର୍ଷିତ ହୋଇ, ନିଜକୁ ନିଃଶେଷ କରି ଦେବା ପରି, ଆମେ ସ୍ରଷ୍ଟାଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ବିବେକି ମନୁଷ୍ୟ କଣ ସେହି ପଥର ପଥିକ ହେବା? ସୁଖୀ ଦାମ୍ପତ୍ୟ ଜୀବନକୁ ପଦାଘାତ କରି, ଭବିଷ୍ୟତ ବଂଶଧରଙ୍କ ସୁନେଲି ସ୍ୱପ୍ନରେ ଅଗ୍ନି ସଂଯୋଗ କରିବା କାହିଁକି? ନିଷ୍ପତି ଆମ ମାନଙ୍କ ହାତରେ। ନାଁ ଆପଣ କଣ କହୁଛନ୍ତି କୁହନ୍ତୁନା!

*ଶିକ୍ଷାବିତ୍, ଇଶାଣୀ ବ୍ରହ୍ମପୁର, କଟକ*
*ମୋ-୬୩୭୧୫୯୩୨୨୦*

# ଗ୍ରୀଷ୍ମ ପ୍ରବାହର ଚେତାବନୀ

**ସୌଭାଗ୍ୟ ରଂଜନ ମହାନ୍ତି**

ଚଳିତ ବର୍ଷ ୨୦୨୫ ଉତପ୍ତର ବର୍ଷ ହେବା ନେଇ ବହୁ ପାଣିପାଗ ସଂସ୍ଥା ଆକଳନ କରିଥିବାବେଳେ 'ଗାଁ ନିରମଳ ଧୋବା ତୁଠ' ସୂଚନା ଦେବା ପରି ଗତ ଜାନୁୟାରୀ ଏବଂ ମାର୍ଚ୍ଚ ମାସର ତାପମାତ୍ରା ଏହାର ପ୍ରାକ୍ ସଂକେତ ପ୍ରଦାନ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ସୂଚନା ଦିଆଯାଇପାରେ ଯେ, ୨୦୨୪ରେ ପୂର୍ବ ଓ ଦକ୍ଷିଣ ଭାରତରେ ଏପ୍ରିଲ ୫ରେ ପ୍ରଥମ ହିଟ୍‌ୱେଭ୍ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ୨୦୨୫ରେ ମୁମ୍ବାଇରେ ଫେବୃୟାରୀରେ ବର୍ଷର ପ୍ରଥମ ହିଟ୍‌ୱେଭ୍ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୪ ସବୁଠାରୁ ଉତପ୍ତ ବର୍ଷ ଥିଲା ବୋଲି ରେକର୍ଡ ରହିଛି। କିନ୍ତୁ ୨୦୨୫ର ଗ୍ରୀଷ୍ମ ପ୍ରବାହ ବା ତାପମାତ୍ରା ଦୀର୍ଘକାଳୀନ ରେକର୍ଡ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ଗତ ମାର୍ଚ୍ଚ ଓ ଏପ୍ରିଲ ମାସ ଆରମ୍ଭରେ ଯେଉଁଭଳି ତାପମାତ୍ରା ବୃଦ୍ଧି ପାଇଥିଲା, ତାହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବିଶେଷ କରି ଓଡିଶା, ମହାରାଷ୍ଟ୍ର ମଧ୍ୟପ୍ରଦେଶ ଦିଲ୍ଲୀ, ପଶ୍ଚିମବଙ୍ଗ ସମେତ ଦେଶର କେତେକ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇ ଉଠିଥିଲା। ଏବେ ଆମ ରାଜ୍ୟର ଉପକୂଳବର୍ତୀ ଅଂଚଳରେ କାଳବୈଶାଖୀ ପ୍ରଭାବରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବାବେଳେ ପଶ୍ଚିମ ଓଡିଶାର ସ୍ଥିତି ଏବେ ବି ଅପରିବର୍ତିତ ରହିଛି। ପଶ୍ଚିମବଙ୍ଗରେ ତାପମାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟି ଘୋଷଣା କରିଥିବାବେଳେ ବହୁ ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିସାରିଲେଣି। ଚଳିତ ବର୍ଷ ଅଧିକରୁ ଅଧିକ ହିଟ୍‌ୱେଭ୍ ପ୍ରବାହିତ ହେବା ନେଇ ପାଣିପାଗ ସଂସ୍ଥାଗୁଡିକ ଚେତାବନୀ ଦେଇଥିବାବେଳେ ଆଗାମୀ ଦଶନ୍ଧିରେ ଦେଶର ୭୦ଭାଗ ଅଂଚଳରେ ଅସହ୍ୟ ହିଟ୍‌ୱେଭ୍‌ରେ ପ୍ରଭାବିତ ହୋଇପାରେ ବୋଲି ପୂର୍ବାନୁମାନ କରିସାରିଲେଣି। ହିଟ୍‌ୱେଭ୍ ପ୍ରଭାବରେ ଜୀବନଯାତ୍ରା ଠାରୁ ଆରମ୍ଭ କରି ପାନୀୟ ଜଳ ଠାରୁ ଆରମ୍ଭ କର କୃଷି, ଅର୍ଥନୀତି, ଶ୍ରମ ସବୁକିଛି ବିପର୍ଯ୍ୟାସ୍ତ ହୋଇପଡିବ। କେବଳ ଏତିକି ନୁହେଁ, ମଣିଷର ସ୍ୱାସ୍ଥ୍ୟ ଉପରେ ଗ୍ରୀଷ୍ମ ପ୍ରବାହ ଗୁରୁତ୍ୱର ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି ହୋଇଥିବାବେଳେ ବିଦ୍ୟୁତ ସଂକଟ ମଧ୍ୟ ଉତ୍କଟ ହୋଇପାରେ। ଅସହ୍ୟ ତାପମାତ୍ରା ଯୋଗୁଁ ଏପ୍ରିଲରୁ ଜୁନ ମଧ୍ୟରେ ଶକ୍ତି ଚାହିଦା ଶୀର୍ଷରେ ପହଁଚିପାରେ। କହିବା ବାହୁଲ୍ୟ ଯେ, ଗତ କିଛି ଦଶନ୍ଧି ଧରି ଭାରତରେ ଅତ୍ୟଧିକ ଶକ୍ତି ଚାହିଦା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରହିଛି। ଦେଶର ୭୦ ପ୍ରତିଶତ ବିଦ୍ୟୁତ ତାପଜ ବିଦ୍ୟୁତ କେନ୍ଦ୍ର ତଥା କୋଇଲାରୁ ମିଳିଥାଏ। ଅନ୍ୟପକ୍ଷରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ବା ତାପମାତ୍ରା ଯୋଗୁଁ ଦେଶରେ ଏୟାର କଣ୍ଡିସନର (ଏ.ସି.) ବ୍ୟବହାରକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏକ ରିପୋର୍ଟରୁ ଜଣାଯାଇଛି ଯେ, ଦେଶରେ ବାର୍ଷିକ ୧୦ ମିଲିଅନରୁ ୧୫ମିଲିଅନ ନୂତନ ଏସି ସାମିଲ ହେଉଛି। ଅର୍ଥାତ ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବଢିଚାଲିଛି। ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ପ୍ରତିବର୍ଷ ଯେପରି ଯେପରି ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବଢିଚାଲିଛି, ୨୦୦୭ ମସିହା ବେଳକୁ ଭାରତ ବିଶ୍ୱର ସର୍ବବୃହତ ବଜାରରେ ପରିଣତ ହେବା ସମ୍ଭାବନା ରହିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଭାରତରେ ପ୍ରତି ୧୫ ସେକେଣ୍ଡରେ ଗୋଟିଏ ନୂତନ ଏସି ବିକ୍ରୀ ହେଉଛି। ଏହା ନିସନ୍ଦେହ ଯେ, ତାପମାତ୍ରା ବୃଦ୍ଧିଯୋଗୁଁ ବିଦୁତ ଚାହିଦା ମଧ ବଢିବାରେ ଲାଗିଛି। ଗତ ୨୦୨୩ ତୁଳନାରେ ୨୦୨୪ର ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ବିଦ୍ୟୁତ ଚାହିଦା ୬.୧ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଏପ୍ରିଲରୁ ଜୁନ୍ ମଧରେ କେବଳ ୧୦.୪ ପ୍ରତିଶତ ବଢିଥିବା ରେକର୍ଡ କରାଯାଇଛି। ତେବେ ଶକ୍ତି ଚାହିଦା ବୃଦ୍ଧିର ମୁଖ୍ୟକାରଣ ଏସି ହୋଇଥିବାବେଳେ କେବଳ ଏକ ତୃତୀୟାଂଶ ବୃଦ୍ଧି ଏସି ପାଇଁ ହୋଇଥିବା ରିପୋର୍ଟ କହେ। ଗତ ୨୦୨୪ରେ ଦେଶରେ ଶକ୍ତି ଚାହିଦା ୨୫୦ ଗେଗାୱାଟ ଥିବାବେଳେ ଚଳିତ ବର୍ଷ ୨୭୦ ଗେଗାୱାଟକୁ ବଢିବା ଆକଳନ କରାଯାଇଛି। ଗୋଟିଏ ପଟେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ତାପଜ ବିଦ୍ୟୁତ କେନ୍ଦ୍ରରେ ଅତ୍ୟଧିକ କୋଇଲା ବ୍ୟବହାର ହେଉଥିବାରୁ ଅନ୍ୟପଟରେ କୋଇଲା ଜାଳେଣୀ ବାୟୁମଣ୍ଡଳକୁ ଉତପ୍ତ କରିବା ସହ ପରିବେଶ ତଥା ଜଳବାୟୁକୁ ପ୍ରଦୁଷିତ କରୁଛି। ଦୃତ ଜଳବାୟୁ ପରିବର୍ତନର କାରଣ ହୋଇଛି। ବିଶ୍ୱ ଜଳବାୟୁ ଶିଖର ସଂଗଠନ କୋଇଲା ତଥା ଅନ୍ୟାନ୍ୟ ଜାଳେଣୀକୁ ନିୟନ୍ତ୍ରଣ କରିବାକୁ ପ୍ରସ୍ତାବ ଗ୍ରହଣ କରିଥିବା ସମୟରେ ତାପମାତ୍ରାକୁ ବଢାଇବାରେ ସହାୟକ ହୋଇଛି। ଏଥିପ୍ରତି ଅଗ୍ରାଧିକାର ଭିତିରେ ଧ୍ୟାନ ଦେବା ଏବେ ଜରୁରୀ ହୋଇପଡିଛି। ଯାହାକି ବର୍ତମାନ ସମୟରେ ସବୁଠାରୁ ବଡ ଚେତାବନୀ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ, ୭୫୧୦୦୨ ମୋବାଇଲ ନଂ- ୭୯୭୮୬୬୬୪୦୩*

# ବାସ୍ତୁ ଓ ବେଡ଼ରୁମ୍

**ଅଜୟ କୁମାର ବେହେରା**

ବଢ଼ିଛି ଜୀବନର ବ୍ୟସ୍ତତା। ଅନିୟମିତ ହୋଇଛି ଦିନଚର୍ଯ୍ୟା। ତା ସହିତ ସୃଷ୍ଟି ହୋଇଛି ଅନିଦ୍ରାର ସମସ୍ୟା। ମଣିଷ ଆଜି ଟିକେ ସୁଖନିଦ୍ରା ପାଇଁ ହେଉଛି ଛଟପଟ। ତେବେ ଯଦି ବାସ୍ତୁଶାସ୍ତ୍ର ଅନୁଯାୟୀ ବେଡ଼ରୁମ୍ ସଜାଯାଏ ଏହି ସମସ୍ୟାରୁ ପାଇପାରିବେ ନିସ୍ତାର। ବେଡ଼ରୁମ୍‌ରେ ଖଟକୁ ଏମିତି ରଖନ୍ତୁ, ଯଦ୍ୱାରା ଶୋଇବା ସମୟରେ ମୁଣ୍ଡ ସର୍ବଦା ଦକ୍ଷିଣ ଦିଗ ଓ ଗୋଡ଼ ଉତ୍ତର ଦିଗକୁ ରହିବ। କାରଣ ବୈଜ୍ଞାନିକ କାରଣ କହେ, ଉତ୍ତର ଦିଗ ହେଉଛି ଚୁମ୍ବକତ୍ୱ ଦିଗ। ଏହି ଦିଗକୁ ମୁଣ୍ଡକରି ଶୋଇଲେ ରାତି ସାରା ଚୁମ୍ବକତ୍ୱର ପ୍ରଭାବ ମୁଣ୍ଡ ଉପରେ ପଡ଼ିଥାଏ। ବିଶେଷକରି ରକ୍ତରେ ଥିବା ଲୌହାଂଶ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ମୁଣ୍ଡ ଟାଣିହେବା ପ୍ରତି ଲାଗିବା ସହ ସକାଳେ ଉଠିବା ପରେ ମୁଣ୍ଡ ଭାରି ଭାରି ଲାଗେ। ଏତଦ୍‌ବ୍ୟତୀତ ଆପଣ ମୁଣ୍ଡକୁ ପୂର୍ବ କିମ୍ବା ପଶ୍ଚିମ ଦିଗକୁ ବି ରଖି ଶୋଇପାରିବେ। ଖଟର ମୁଣ୍ଡ ପଟେ କାନ୍ଥ ରହିବା ଭଲ, କୌଣସି ଝରକା କିମ୍ବା କବାଟ ରହିବା ଭଲ ନୁହେଁ। କାରଣ କବାଟ କି ଝରକା ଥିଲେ ମନରେ ଅସୁରକ୍ଷିତ ଭାବ ଉତ୍ପନ୍ନ ହୋଇଥାଏ।

ବେଡ଼ରୁମ୍‌ରେ କୌଣସି ଦର୍ପଣ ରହିବା ମଧ ଭଲ ନୁହେଁ। ଯଦି ଦର୍ପଣ ଥାଏ ତାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଦିଅନ୍ତୁ କିମ୍ବ ରାତିରେ ଏହାକୁ କପଡ଼ାରେ ଢ଼ାଙ୍କି ଦିଅନ୍ତୁ। କାରଣ ରାତିରେ ଦର୍ପଣକୁ ଦେଖିଲେ ରୁମ୍‌ରେ ଆଉ କେହି ଥିବା ପରି ମନେହୋଇଥାଏ। ଏହାଦ୍ୱାରା ବ୍ୟକ୍ତିଙ୍କ ଶରୀରର ଉର୍ଜା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଏଥିସହିତ ବେଡ୍‌ରୁମ୍‌ରେ କୌଣସି ବଡ଼ ଜଳପାତ୍ର, ଆକ୍ୱାରିୟମ୍ ରଖନ୍ତୁ ନାହିଁ। କାରଣ ଏହା ବେଡ୍‌ରୁମ୍‌ର ଶାନ୍ତ ପରିବେଶରେ ବ୍ୟାଘାତ ସୃଷ୍ଟି କରିଥାଏ। ଘର ସଜାଇବାବେଳେ ଏମିତି କିଛି ଫଟୋ କାନ୍ଥରେ ଲଗାନ୍ତୁ ନାହିଁ ଯାହା ଦୁଃଖ ଓ ଯନ୍ତ୍ରଣାର ଭାବକୁ ବ୍ୟକ୍ତ କରୁଥିବ। ଏହା ବଦଳରେ ଆପଣ ଭଲପାଇବା, ସ୍ନେହ, ପ୍ରେମ, ନିଜସ୍ୱ ପଣର ପ୍ରତୀକ ଥିବା ପେଣ୍ଟିଂ ଲଗାନ୍ତୁ। ଏଥିସହିତ ଧ୍ୟାନ ଦେବା ଜରୁରୀ ଯେ, ବେଡ଼ରୁମ୍ କାନ୍ଥକୁ ଅନେକଗୁଡ଼ିଏ ପେଣ୍ଟିଂ, ଶୋ'ପିସ୍ ଆଦିରେ ସଜାଇ ଭର୍ତ୍ତି କରନ୍ତୁ ନାହିଁ। ବେଡ଼ରୁମ୍ କାନ୍ଥରେ ଉତ୍ତେଜିତ ରଙ୍ଗ ଯେମିତିକି ଗାଢ଼ ଲାଲ, ଗାଢ଼ ସବୁଜ ରଙ୍ଗରେ ପେଣ୍ଟ କରନ୍ତୁ ନାହିଁ। ବରଂ ହାଲ୍‌କା ହଳଦିଆ, ଆଇଭରି ଅଫ୍ ହ୍ୱାଇଟ, ଲାଇଟ ପିଙ୍କି ଭଳି ରଙ୍ଗରେ ପେଣ୍ଟ କରନ୍ତୁ। ଆଉ ଛାତକୁ ସବୁବେଳେ ଧଳା ରଙ୍ଗରେ ପେଣ୍ଟ କରନ୍ତୁ। ଯଦି ଚାହାନ୍ତି ଛାତର ବର୍ଡ଼ରରେ କାନ୍ଥ ସହ ମ୍ୟାଚିଂ କରି କିମ୍ବା କଣ୍ଟ୍ରାଷ୍ଟ କଲର୍‌ର ପେଣ୍ଟ ଲଗାଇପାରିବେ। ବେଡ଼ରୁମ୍‌ରେ ଅଧିକ ଗାଢ଼ ଓ ଏକରୁ ଅଧିକ ରଙ୍ଗ ବ୍ୟବହାର କଲେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଅଫିସର୍ ରେକର୍ଡ଼, ଫାଇଲ କିମ୍ବା ବ୍ୟବସାୟ ସମ୍ବନ୍ଧିତ କାଗଜପତ୍ରକୁ ରଖନ୍ତୁ ନାହିଁ। କାରଣ ଅଫିସ୍‌ର କାଗଜପତ୍ର ଦେଖିଲେ ବାକି ଥିବା କାମ ମନେପଡ଼େ ଓ ଦିନ ସାରା କରିଥିବା ପରିଶ୍ରମ ମାନସପଟରେ ଭାସିଉଠେ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ଗୋଷ୍ଠିଗତ ପ୍ରବଞ୍ଚନାରେ ବିପର୍ଯ୍ୟସ୍ତ ମଣିଷ ସମାଜ-୩

**ପଙ୍କଜ କୁମାର ପାଣିଗ୍ରାହୀ**

ପୂର୍ବ ବର୍ଣ୍ଣିତ ଅନ୍ୟୁନ ୩୮ଟି ଜଣାଶୁଣା ଗୋଷ୍ଠୀର ମଣିଷଙ୍କ ମଧ୍ୟରୁ କେବଳ କୃଷକ, ଶ୍ରମିକ, ବାହାନ ଚାଳକ ତଥା ସୁରକ୍ଷା ବାହିନୀ ଗୋଷ୍ଠୀ ହିଁ ସମାଜରେ ସବୁ ବର୍ଗର ମଣିଷଙ୍କ ସାଧାରଣ ଜୀବନ ଯାତ୍ରାର ସାରଥୀ ଭଳି କାର୍ଯ୍ୟ କରିଥା'ନ୍ତି ଯାହାଙ୍କ ସାହାଯ୍ୟରେ ଆମେ ଆନନ୍ଦରେ ବଂଚିବାର ସୁଯୋଗ ପାଇଥାଉ। ସେମାନେ କି'ନ୍ତୁ ସମାଜରେ ସବୁଠାରୁ ନିମ୍ନରେ ରହି ସମସ୍ତଙ୍କ ଠାରେ ଆଜି ଅବହେଳିତ। ଦ୍ୱିତୀୟତଃ ଶିକ୍ଷକ, ଚିକିତ୍ସକ, ଲେଖକ, ସାହିତ୍ୟିକ, ଗବେଷକ, ବୈଜ୍ଞାନିକ, ଖବରଦାତା ତଥା ସମାଜ ସେବକଙ୍କ ଦ୍ୱାରା ସମାଜରେ କେତେକ ମାତ୍ରାରେ ମଙ୍ଗଳ କାର୍ଯ୍ୟ ସାଧିତ ହୋଇଥାଏ ଯାହା ମଣିଷକୁ ଜ୍ଞାନ ପ୍ରଗତିର ପଥ ପ୍ରଦର୍ଶକ ଭଳି କାର୍ଯ୍ୟ କରିଥାଏ। ଏମାନଙ୍କ ସାମାଜିକ ମାନ୍ୟତା ଆଜି ପୋଥି ତଳେ ରହିଛି କାରଣ ସେମାନେ ମଧ ମଙ୍ଗଳ କାର୍ଯ୍ୟ କମ୍ କରି ବ୍ୟକ୍ତିଗତ ସ୍ୱାର୍ଥର ମାତ୍ରାକୁ ଯଥେଷ୍ଟ ଉତ୍କଣ୍ଠାର ସହିତ ପ୍ରୟୋଗ କରୁଛନ୍ତି। ଏହା ବ୍ୟତୀତ ଆଉ ଯେତେସବୁ ଦଳ ବା ଗୋଷ୍ଠୀ ସମାଜରେ ଉଦୟମାନ ହୋଇ କାର୍ଯ୍ୟରତ ସେମାନେ ସମାଜର ଅନାବଶ୍ୟକ ଗୋଟିଏ ଗୋଟିଏ କଳଙ୍କ ସଦୃଶ୍ୟ ଯାହା ମଣିଷକୁ ଅହରହ ଅଶାନ୍ତି ଘେରରେ ରଖି କେବଳ ଶୋଷଣର ଶିକାର କରିଥା'ନ୍ତି ବିଭିନ୍ନ ଉପାୟ / ମାର୍ଗରେ। ସେମାନଙ୍କ ସାମାଜିକ ମାନ୍ୟତା / ମର୍ଯ୍ୟାଦା ଆଜି ସର୍ବାଗ୍ରେ ରହିଛି, କାରଣ ମିଥ୍ୟା / ଅଲୌକିକ ପ୍ରବଞ୍ଚନା ସହିତ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇ ଜୀବନରେ କେବେହେଲେ କୌଣସି ଉନ୍ନତିରେ ସହଯୋଗ କରିବାରେ ଅସମର୍ଥ ରହି ମଧ ସର୍ବମଙ୍ଗଳକାରୀ ଭଳି ପ୍ରଦର୍ଶନ ସେମାନଙ୍କର ଆମ ନିର୍ବୋଧ ସାଧାରଣ ଜନତାଙ୍କୁ ଏମିତି ଅନ୍ଧ ମାୟାରେ ମୋହିତ କରି ରଖିଛି ଯେ ପ୍ରାୟତଃ ସମସ୍ତେ ସେମାନଙ୍କୁ ହିଁ ଜଗତ୍‌ଗୁରୁ ଭଳି ମାନ୍ୟତା ଦେଇ ସମାଜର ଶୀର୍ଷରେ ସ୍ଥାପନ କରି ସେମାନଙ୍କ ଦ୍ୱାରା ବ୍ୟାପକ ଲୁଣ୍ଠନର ଶିକାର ହେଉଛନ୍ତି। ତଥାପି ଚେତା ନାହିଁ କାହାର କି କହିଲେ ମଧ ସହଜରେ ଗ୍ରହଣୀୟ ହେବନାହିଁ କେବଳ ସେମାନଙ୍କ ମାୟାର ବଶବର୍ତ୍ତୀତା କାରଣରୁ। ଏମାନେ ସମାଜରେ ନରହିଲେ ଯେ ଆମେ ଚଳିପାରିବା ତା'ନୁହେଁ ବରଂ ଅତ୍ୟନ୍ତ ଆନନ୍ଦରେ ସୁଖ ସମୃଦ୍ଧି ସହିତ ନିରୋଳା ଜୀବନ ଯାପନ କରିବାରେ ୧୦୦ ପ୍ରତିଶତ କୃତକାର୍ଯ୍ୟ ହୋଇ ପାରିବା। ତେଣୁ ଆମକୁ ଏହି କଳଙ୍କିତ ଗୋଷ୍ଠୀ ଗୁଡିକ ସହିତ ଟିକେ ସନ୍ତର୍ପଣର ସହିତ ବ୍ୟବହାର କରିବା ବିଧେୟ। ଆଜିର ମଣିଷ କି'ନ୍ତୁ ସେମାନଙ୍କ ସହିତ ହିଁ ସମ୍ପୂର୍ଣ୍ଣ ଭାବେ ଜଡିତ ଯଦ୍ୱାରା ସମସ୍ତେ ପ୍ରାୟ ଆଜି ନିରାନନ୍ଦରେ ରହିବାକୁ ବାଧ୍ୟ ହେଉଛନ୍ତି।

ସମ୍ପୃକ୍ତ ଲୁଟେରା ଗୋଷ୍ଠୀ ଗୁଡିକର କାର୍ଯ୍ୟଧାରା, ଶୈଳୀ ତଥା ମାର୍ଗ ଗୁଡିକ ଭିନ୍ନ ଭିନ୍ନ ଦିଗରେ ଗତିଶୀଳ ରହିଥିବା ବେଳେ ଲକ୍ଷ କି'ନ୍ତୁ ଏକ ହୋଇଥାଏ ଯେ ନିରୀହ ନିର୍ବୋଧଙ୍କୁ ବଶବର୍ତ୍ତୀ କରି ସେମାନଙ୍କ ସମ୍ବେଦନଶୀଳ ବିଚାରକୁ କୁଠାରାଘାତ କରି ଯଥେଷ୍ଟ ସ୍ୱାର୍ଥ ଆଦାୟ କରିବା। ସେମାନଙ୍କ ପାରିଶ୍ରମିକକୁ ଲୁଣ୍ଠନ କରି ନିଜର ପ୍ରତିପତ୍ତି ବୃଦ୍ଧି କରିବା ସହିତ ଆର୍ଥିକ ସମ୍ଭାର ବୃଦ୍ଧିକରି ସେମାନଙ୍କୁ ନିଜ ପାଦ ତଳର କ୍ରୀତଦାସ, ଚାକର ଭଳି ରଖିବା। ସାଧାରଣ ନିର୍ବୋଧଙ୍କୁ ମଧୁର ବଚନ କହି ସେମାନଙ୍କ ନିର୍ବୋଧ ମନକୁ କୁଠାରାଘାତ କରି ଶୂନ୍ୟରେ ଅଲୌକିକ ଦିବାସ୍ୱପ୍ନ ଦେଖାଇବା। ଏମିତି କି ଜଣେ ସାଧାରଣ ନିରୀହ ନିର୍ବୋଧ ମଣିଷ ମରିଯିବା ପର୍ଯ୍ୟନ୍ତ ନିଜର ସମସ୍ତ ପାରିଶ୍ରମିକ ପ୍ରଦାନ କଲେ ମଧ କୌଣସି ମାତ୍ରାରେ ଦୟାମାୟା ନଥାଏ ସେମାନଙ୍କ ହୃଦୟରେ ଯେ ଆଉ ଅଧିକ ଶୋଷଣ କରିବା ନାହିଁ ବୋଲି। ତଥାପି ସାଧାରଣ ଲୋକେ ସେମାନଙ୍କ ଷଡ଼ଯନ୍ତ୍ରକୁ ବୁଝିବା ତ ବହୁତ ଦୂର ବରଂ ସେମାନଙ୍କୁ ସମାଜର ଜଣେ ଜଣେ ଶୀର୍ଷ ସ୍ଥାନିତ ଉଚ୍ଚ କୋଟିର ମଣିଷ ବୋଲି ମାନ୍ୟତା ଦେଇ ଜୀବନ ସମାପ୍ତ ହେବା ପର୍ଯ୍ୟନ୍ତ ନିଜର ସର୍ବ ସୁଖ ଜଳାଳି ଦେବା ପାଇଁ ମଧ ଆଦୌ କୁଣ୍ଠିତ ହେଉ ନଥିବା ଦେଖିବାକୁ ମିଳୁଛି ଆଜି ସମୟରେ। ଏମିତି ମାନେ ହେଉଛି ଯେ ସତେ ଯେମିତି ଏ ଦୁଷ୍କର୍ମକାରୀଙ୍କ ଆଉ କେବେହେଲେ ପର୍ଦାଫାଶ ହେବନାହିଁ କିମ୍ବା ସାଧାରଣ ଲୋକେ ସତ୍ୟର ପଥଚାରୀ ହୋଇପାରିବେ ନାହିଁ ! ତଥାପି କିଂଚିତ ଆଶା ଜାଗ୍ରତ ହୁଏ ଆମ ମନରେ ଯେ କେବେହେଲେ ଏମାନଙ୍କ କ୍ରୁର ଚାତୁରୀ ନିଶ୍ଚିତ ପଦାରେ ପଡିବ ଏବଂ ସାଧାରଣ ନିର୍ବୋଧ ସେଗୁଡିକୁ ଜାଣିପାରି ସେମାନଙ୍କୁ ନିଶ୍ଚିତ ପ୍ରତ୍ୟାଖ୍ୟାନ କରିବେ। ଏହି କ୍ରୁର ଚତୁରଙ୍କ ମଧ୍ୟରୁ ବ୍ୟବସାୟୀ ସମାଜକୁ କିଛି ବସ୍ତୁବାଚକ ଦ୍ରବ୍ୟ ପ୍ରଦାନ ପୂର୍ବକ ପ୍ରାୟତଃ ତା'ର ଦଶଗୁଣ ମୂଲ୍ୟ ନେଇ ଲୁଣ୍ଠନ କରିଥା'ନ୍ତି। ବ୍ୟବସାୟୀ ବ୍ୟତୀତ ପ୍ରାୟତଃ ଅନ୍ୟାନ୍ୟ ଗୋଷ୍ଠୀ ଗୁଡିକର ସଦସ୍ୟ ମାନେ ସମାଜକୁ କିଛି ନଦେଇ କେବଳ ଶୂନ୍ୟରେ ୫୦-୧୦୦ ଶତକଡା ଅର୍ଥ ଲୁଣ୍ଠନ କରିଥା'ନ୍ତି ସାଧାରଣ ଲୋକଙ୍କ ଠାରୁ ! ପ୍ରତ୍ୟେକ ସାଧାରଣ ବ୍ୟକ୍ତି ଏକ ନିରୋଳା ସମୟରେ କେବେ ଚିନ୍ତା କରି ଦେଖିଲେ ହୁଏତ ନିଜେ କିଛି ବୁଝି ପାରିବେ ଯେ ଏସବୁ ଦଳ ବା ଗୋଷ୍ଠୀ ମାନଙ୍କ ସହିତ ସଂଯୋଜିତ ହୋଇ କେବେ କିଛି ଲାଭ ପାଇବା ତ ବହୁତ ଦୂର ବରଂ ମାନସିକ ଅଶାନ୍ତି ଏବଂ ଆର୍ଥିକ କ୍ଷତି ପୂର୍ବକ କେବଳ ଦିବା ସ୍ୱପ୍ନ ଛଡା ଆଉ କିଛି ମିଳେନାହିଁ ସେମାନଙ୍କ ଠାରୁ ! ଏ ବିଷୟକୁ ଆମେ କେବେ ଗୁରୁତର ସହିତ ନେଇ ନିରୀକ୍ଷଣ କରି ଅନୁସନ୍ଧିତ୍ସା ପ୍ରକଟ କରିନଥିବା କାରଣରୁ କ୍ରୁର ଚତୁର ଅତି ସହଜରେ ଆମକୁ ପାର କରିଥା'ନ୍ତି ଭୁଆଁ ବୁଲାଇ ପ୍ରତାରିତ ଲୁଣ୍ଠିତ କରିବା ପାଇଁ।

ଆମର ଏହି କଥାରେ ହୁଏତ ସାଧାରଣ ଲୋକେ ଏକମତ ହୋଇପାରିବେ ନାହିଁ, କାରଣ ଏସବୁ ଦଳଗତ କାର୍ଯ୍ୟ ଗୁଡିକ ସହିତ ଆଜିର ମଣିଷ ଏକ ପ୍ରକାର ଓତପ୍ରୋତଃ ଭାବେ ଏମିତି ଜଡିତ ହୋଇ ଗଲାଣି ଯେ ସେଗୁଡିକର ବିପରୀତମୁଖୀ ଉଦ୍ଦେଶ୍ୟ ଗୁଡିକ ଆଉ ସହଜରେ ଅନ୍ତର୍ଦ୍ଧାନ ହେବା ସମ୍ଭବ ନୁହେଁ। କି'ନ୍ତୁ ଏହା କୌଣସି ଅସମ୍ଭବ କାର୍ଯ୍ୟ ମଧ୍ୟ ନୁହେଁ ! ଜଣେ ମଣିଷ ଯଦି ଅନୁସନ୍ଧିତ୍ସା ଉଦେଶ୍ୟରେ ଏସବୁ ଦଳୀୟ କାର୍ଯ୍ୟ ଗୁଡିକ ଉପରେ ସମୀକ୍ଷା କରି ତାର ଅନ୍ତର୍ନିହିତ ଉଦ୍ଦେଶ୍ୟ, ରହସ୍ୟ ଗୁଡିକ ବୁଝିବା ପାଇଁ ଆଗ୍ରହ ପ୍ରକାଶ କରିବେ ତା ହେଲେ ଅନେକ ବାଟ ରହିଛି ସେଗୁଡିକୁ ଜାଣିବା ପାଇଁ। କି'ନ୍ତୁ ବିଡମ୍ବନାର ବିଷୟ ଏହାକି, ଯେ ଆଜି ସମୟର ମଣିଷଙ୍କ ମାନସିକ ଅସ୍ଥିରତା କାରଣରୁ ତାହା ଆଉ ସମ୍ଭବ ହେଉନାହିଁ କାହା ପାଖରେ। ବାସ୍ତବିକ ଏହି କ୍ରୁର ଚତୁରଙ୍କ ଷଡ଼ଯାନ୍ତ୍ରୀକ ପ୍ରବଞ୍ଚନାରୁ ମୁକୁଳି ଏକ ଭାର୍ତୃଭାବାପନ୍ନ ସମାଜ ଗଠନରେ ସାଧାରଣ ଲୋକଙ୍କ ଆନ୍ତରିକ ସହଭାଗିତା ଉଦ୍ଦେଶ୍ୟ ରହିଲେ ଯେ ସବୁ ବିଷୟ ସାର୍ବଜନୀନ କରି ଲୋକଙ୍କୁ ପ୍ରତାରଣାରୁ ରକ୍ଷା କରାଯାଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ। କି'ନ୍ତୁ ଯଥେଷ୍ଟ ଇଚ୍ଛାଶକ୍ତି ସହିତ ଆନ୍ତରିକ ମନୋଭାବର ଯଥେଷ୍ଟ ଆବଶ୍ୟକତା ରହିଛି ଏସବୁ କରିବା ପାଇଁ ଯାହା ଆଜି କାହା ପାଖରେ ଆଉ ଦେଖିବାକୁ ମିଳୁନାହିଁ ! ତଥାପି ଆମେ ଆମ ଲକ୍ଷରେ ଅଟଳ ରହିଛୁ ଯେ କଳେ ବଳେ କୌଶଳେ ସାଧାରଣ ନିର୍ବୋଧଙ୍କ ପାଖରେ ଏସବୁ ଦଳ ବା ଗୋଷ୍ଠୀ ମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ତଥା ଷଡ଼ଯନ୍ତ୍ରର ପର୍ଦାଫାଶ କରି ଏକ ସୁନ୍ଦର ଭାତୃଭାବାପନ୍ନ ସମାଜ ଗଠନ କରିବୁ। ସମୟ କହିବ ତାହା କେତେଦୂର ସମ୍ଭବ ହେବ।

ଆପଣ ମାନଙ୍କ ମହତ୍ୱପୂର୍ଣ୍ଣ ପ୍ରଶ୍ନ /ଉତ୍ତର କିମ୍ବା ଉପଦେଶ ଥିଲେ ନିଶ୍ଚିତ ଭାବେ ଆମ ସହିତ ବ୍ୟକ୍ତ କରି ଏକ ନୂତନ ଦିଗନ୍ତରେ ମଣିଷ ସମାଜକୁ ପ୍ରଗତିଶୀଳ କରିବାରେ ସହଯୋଗ କରିବା ପାଇଁ ଆମର ଆହ୍ୱାନ। ଦୟାକରି ଆପଣଙ୍କ ମହତ୍ୱପୂର୍ଣ୍ଣ ମନ୍ତବ୍ୟ ଦେବାରେ କୁଣ୍ଠା ବୋଧ ନକରି ଆମ ସହିତ ଯୋଡି ହୁଅନ୍ତୁ। ଧନ୍ୟବାଦ। (ସମାପ୍ତ)

*ୟୁଟ୍ୟୁବ - ସାମାଜିକ ଜନମଂଚ (ଭାରତ)*
*ଛତ୍ରପୁର, ଗାମ- ୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*

# ସହିଦ ଲକ୍ଷ୍ମଣ ନାୟକ ମେଡିକାଲରେ ମେଡ଼ିସିନ କମ୍ପାନୀଙ୍କୁ ଡାକ୍ତରଙ୍କ ଅନୁକମ୍ପା ଅଭିଯୋଗ



କୋରାପୁଟ, (ଡିକେ ନ୍ୟୁଜ୍): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ସବୁ ବେଳେ ବିବାଦ ଘେରରେ ରହି ଆସୁଛି। କେତେବେଳେ ଚିକିତ୍ସା ଅବହେଳା ତ ଆଉ କେତେବେଳ ରୋଗୀଙ୍କୁ କଲବଲ କରୁଛି ମୂଷା। ମେଡିକାଲ କଲେଜକୁ ନେଇ ବିଗତ ଜିଲ୍ଲା ପରିଷଦ ବୈଠକରେ ସାଂସଦଙ୍କ ସମେତ ବିଧାୟକ ଓ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ ଅଧିକ୍ଷକଙ୍କୁ ତାଗିଦ କରିଥିଲେ। ବାରମ୍ବାର ତାଗିଦ ହେବା ସତ୍ତ୍ୱେ ମଧ୍ୟ ମେଡିକାଲ କଲେଜରେ ସୁଧାର ଆସୁନି। ମେଡିକାଲ କଲେଜର ଅଧିକ୍ଷକ ଡାକ୍ତର ସୁଶାନ୍ତ ସାହୁଙ୍କ ଆନ୍ତରିକତା ଅଭାବ ଯୋଗୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଯାହାର ଫାଇଦା ଡାକ୍ତରମାନେ ଉଠାଉଛନ୍ତି। ଅନେକ ଡାକ୍ତରୀ ପଦ ଖାଲି ପଡି ଥିବା ବେଳେ ହାତ ଗଣତି କେତୋଟି ଡାକ୍ତର ରହିଛନ୍ତି। ଯାହାକୁ ନେଇ ମେଡିକାଲ କଲେଜ ଚଳିଛି। ଯେଉଁ ହାତ ଗଣତି ଡାକ୍ତରମାନେ ରହିଛନ୍ତି। ସେମାନେ ରୋଗୀ ଦେଖିବା କମ ମେଡ଼ିସିନ କମ୍ପାନୀମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇବା ବେଶୀ। ଯାହା ମେଡିକାଲ କଲେଜର ଚକ୍ଷୁ ବିଭାଗରେ ଜଳ ଜଳ ହୋଇ ଦେଖା ଯାଉଛି। ଡାକ୍ତରମାନେ କିଛି ନିର୍ଦ୍ଦିଷ୍ଟ ମେଡ଼ିସିନ କମ୍ପାନୀମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି। ମେଡ଼ିସିନ କମ୍ପାନୀର ପ୍ରତିନିଧିମାନେ ଡାକ୍ତରଙ୍କ ପାଖେ ପାଖେ ରହୁଛନ୍ତି। ଯାହା ଫଳରେ ରୋଗୀମାନେ ଚିକିତ୍ସା ପାଇବାରୁ ବଞ୍ଚିତ ରହୁଛନ୍ତି। ମେଡିକାଲ ଭିତରକୁ ମେଡ଼ିସିନ କମ୍ପାନୀର ପ୍ରତିନିଧିମାନଙ୍କୁ ପ୍ରବେଶ ନିଷେଧ ରହିଥିବା ବେଳେ ଚକ୍ଷୁ ବିଭାଗରେ କିଛି ମେଡ଼ିସିନ କମ୍ପାନୀ ପ୍ରତିନିଧିମାନେ କିପରି ଡାକ୍ତରଙ୍କ ପାଖେ ପାଖେ ରହୁଛନ୍ତି। ଯାହାକୁ ନେଇ ଏକ ସାଙ୍ଘାତିକ ଅଭିଯୋଗ ଆସିଛି। ଏ ନେଇ ଆମେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧିକ୍ଷକ ଡାକ୍ତର ସୁଶାନ୍ତ ସାହୁଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏଥିରୁ ସମ୍ପୂର୍ଣ୍ଣ ବାରି ହେଇ ପଡୁଛି।

# ଜିଲ୍ଲା ନୋଡାଲ ସଚିବ ତଥା ସ୍ୱତନ୍ତ୍ର ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗଙ୍କ ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର, (ହି.ସ.): ସ୍ୱତନ୍ତ୍ର ସଚିବ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ତଥା ଜିଲ୍ଲା ନୋଡାଲ ସଚିବ ଶ୍ରୀମତୀ ସୌଦାମିନୀ ସେଠୀ ସୁବର୍ଣ୍ଣପୁର ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନ ତଥା ଲୋକାଭିମୁଖୀ ଯୋଜନା ଓ ପ୍ରକଳ୍ପ ଗୁଡିକର ସଫଳ କାର୍ଯ୍ୟକାରିତାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେ ଏହି ପରିପ୍ରେକ୍ଷୀରେ ଗୁରୁବାର ସୋନପୁର ବ୍ଲକ ଅନ୍ତର୍ଗତ ବାବୁପାଲି ସ୍ଥିତ ବନ ସୁରକ୍ଷା ସମିତି ଗୃହ, ରାଧା କୃଷ୍ଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ମାଛ ଯାଆଁଳା କେନ୍ଦ୍ର, ଧଉରାଖମନ, ବ୍ୟାଙ୍କି ସୁବିଧା କେନ୍ଦ୍ର, ହରଡଖୋଲ, ଅଙ୍ଗନବାଡି କେନ୍ଦ୍ର, ଖମ୍ଭେଶ୍ୱରିପାଲୀ, ଖଜିଆପାଲି ଠାରେ ଅନ୍ତୋଦୟ ଯୋଜନାରେ ସର୍ଭେ କାର୍ଯ୍ୟର ସମୀକ୍ଷା ସହ ତରଭା ବ୍ଲକ ଅନ୍ତର୍ଗତ ସାଇଦୁଲି ଗ୍ରାମ ସ୍ଥିତ ଗୋଷ୍ଠୀଗତ ଶୌଚାଳୟ ପରିଦର୍ଶନ କରି ସମ୍ପୃକ୍ତ କର୍ମକର୍ତା ତଥା ସ୍ୱୟଂ ସହାୟକ ସଦସ୍ୟା, ସ୍ଥାନୀୟ ହିତାଧିକାରୀ, ଜନସାଧାରଣଙ୍କ ସହିତ ଭାବ ବିନିମୟ କରିଥିଲେ। ସେହିପରି ଶୁକ୍ରବାର ଡୁଙ୍ଗୁରିପାଲୀ ବ୍ଲକ ରାମପୁର ପଂଚାୟତ ଗସ୍ତ କରି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତୋଦୟ ଗୃହ ଯୋଜନାର ସର୍ଭେ କାର୍ଯ୍ୟର ସମୀକ୍ଷା କରିଥିଲେ। ଉପରୋକ୍ତ ଗସ୍ତ ସମୟରେ ସମସ୍ତ ହିତାଧିକାରୀ ମାନଙ୍କ ସହିତ ବାର୍ତାଳାପ କରି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେ ଜିଲ୍ଲାର ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଖୁସି ବ୍ୟକ୍ତ କରିଥିବାବେଳେ, ନିଜନିଜ କାର୍ଯ୍ୟରେ ଉଚ୍ଚକୋଟୀର କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ନୋଡାଲ ଅଧିକାରୀଙ୍କ ଜିଲ୍ଲାର ବିଭିନ୍ନ ବ୍ଲକ ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର ସମେତ ସମ୍ପୃକ୍ତ ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନିଜନିଜ ଅଂଚଳର କାର୍ଯ୍ୟକାରୀ ପ୍ରକଳ୍ପ ତଥା ଯୋଜନାଗୁଡିକର ତଥ୍ୟ ପ୍ରଦାନ କରିଥିଲେ।

# ନିବୁଜ ଥିବା ସ୍କୁଲ ଗୃହରେ ପ୍ରତିଷ୍ଠା ହେଲା ଶିଳ୍ପ ଉଦ୍ୟାନ

ଖୋର୍ଦ୍ଧା, (ହି.ସ.): ସଶକ୍ତ ହେଉଛନ୍ତି ମହିଳା । ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଧିକରୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାର ନେଉଛନ୍ତି ନୂଆନୂଆ ପଦକ୍ଷେପ। ଏପରି ସ୍ଥିତିରେ ପ୍ରତି ବ୍ଲକରେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପ୍ରତିଷ୍ଠା କରିବା ପାଇଁ ନିଷ୍ପତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ଗ୍ରାମପଂଚାୟତର ଗେଡ଼ିଆପଲ୍ଲୀ ଗ୍ରାମରେ ୧ କୋଟି ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ବନ୍ଦ ପଡିଥିବା ସ୍କୁଲ୍ ଘରକୁ ଶିଳ୍ପ ଉଦ୍ୟାନରେ ପରିଣତ କରାଯାଇଛି।ଯେଉଁଠାରେ କି ଗୋଟିଏ ଛାତ ତଳେ ଅଗରବତୀ ତିଆରି ଠାରୁ ଆରମ୍ଭ କରି ସିଲେଇ କାମ କରି ସ୍ୱାବଲମ୍ବୀ ହୋଇ ପାରୁଛନ୍ତି ମହିଳାମାନେ। ଏଥିପାଇଁ ରାଜ୍ୟସରକାର ସହାୟତାର ହାତ ବଢ଼ାଇଥିବା ବେଳେ ଜିଲ୍ଲାପ୍ରଶାସନ ମଧ୍ୟ ସହଯୋଗ କରୁଛି । ଜିଲ୍ଲାର ପ୍ରଥମ ଶିଳ୍ପ ଉଦ୍ୟାନ ଭାବରେ ସ୍ଥାନ ପାଇଥିବା ବୋଲଗଡ଼ ଗେଡିଆପଲ୍ଲୀ ଗ୍ରାମୀଣ ଶିଳ୍ପ ଉଦ୍ୟାନରେ ଏବେ ବିଭିନ୍ନ କିସମର କାର୍ଯ୍ୟ କରୁଛନ୍ତି ମହିଳାମାନେ ।ଏପରିକି ରାଇସ୍ ପ୍ରସେସିଂ, ଅଗରବତୀ ତିଆରି, ଡାଲି ପ୍ରସେସିଂ, ମସଲା, ତେଲ, ମୁଢି ଭଳି ବିଭିନ୍ନ ଜିନିଷ ତିଆରି କରାଯାଉଛି। ଏହି ସବୁ ଜିନିଷର ବିକ୍ରି ପାଇଁ ଓରମାସ ସହାୟତାର ହାତ ବଢାଇଛି। ଏହି ପାର୍କରେ କେବଳ ଉତ୍ପାଦର ବିକ୍ରିବଟା ପାଇଁ ଭିତିଭୂମି ରହିବ ନାହିଁ ବରଂ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ବ୍ରାଣ୍ଡିଂ ସୁବିଧା ଯୋଗାଇ ଦିଆଯିବ। ମିଶନ ଶକ୍ତି ଏମଏସଏଇ ଶିଳ୍ପ ଏବଂ କୃଷି ବିଭାଗର ଏହି ପାର୍କରେ ରହିବ ଅଧିକ ଗୁରୁତ୍ୱ । ଆଗାମୀ ଦିନରେ ସମସ୍ତ ବର୍ଗର ବ୍ୟବସାୟୀଙ୍କ ପାଇଁ ବିଶେଷଜ୍ଞମାନେ ନିୟୋଜିତ ହେବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମଞ୍ଜୁଲତା ପଣ୍ଡା କହିଛନ୍ତି ଏହାଦ୍ୱାରା ଆମ ବ୍ଲକର ଉର୍ନତି ହେବ । ତେବେ ମହିଳାମାନେ ଏବେ ଗୋଟିଏ ଛାତ ତଳେ ଏକତ୍ର ହୋଇ କାମ କରିବାର ସୁଯୋଗ ପାଇବେ। ସେହିଭଳି ଯାଜ୍ଞସେନୀ ଗ୍ରୁପର ଏଲ. ଏସ. ପି ଜୟନ୍ତ କୁମାର ତ୍ରିପାଠୀ କହିଛନ୍ତି ଆମ ଗ୍ରୁପର ଭଲ କାମଦେଖି ସରକାର ଆମକୁ ଏକ କୋଟି ୪୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି।ସେହିପରି ଏଠାରେ ମୁଢି, ଡାଲି, ଅଟା, ତେଲ, ମସଲା, ଧୂପକାଠି, ବଡ଼ି, ଗୁପଚୁପ, ସିଲେଇ ର ସମସ୍ତ ଉପକରଣ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି । ଗୋଟିଏ ଛାତ ତଳେ ମା ମାନେ ଉପକୃତ ହୋଇପାରିବେ।

# ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଖଡ଼ିଆଳ, (ଡିକେ ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡ଼ିଆଳର ସର୍ବ ପୁରାତନ ପିଏମଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବହୁ ଆଡମ୍ବର ସହିତ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବର ସାଂସ୍କୃତିକ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଅଧକ୍ଷତା କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁରୁତ୍ୱ ପୂର୍ଣ୍ଣ ଟିପ୍ସ ପ୍ରଦାନ କରିଥିଲେ। ଛାତ୍ର ଅବସ୍ଥାରେ ପିଲାମାନେ ନିଷ୍ଠାପର ସାଧନା, କର୍ତ୍ତବ୍ୟ ପରାୟଣ ସହିତ ନମ୍ରତା ଆଚରଣ ପ୍ରତି ଦିନ କଲେ ନିଜ ଲକ୍ଷ ସ୍ଥଳକୁ ଅବଶ୍ୟ ପହଞ୍ଚି ପାରିବେ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ ବଳଭଦ୍ର ମହାନ୍ତି, ସମ୍ମାନିତ ବକ୍ତା ଭାବରେ ବିଶିଷ୍ଟ ଗବେଷକ ଫଣୀଦମ ସିଂଦେଓ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସଫଳତାର ସୋପାନ ରେ ପହଂଚିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ତଥ୍ୟ ଭିତ୍ତିକ ଉଦବୋଧନ ପ୍ରଦାନ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁଷ କୁମାର ସାହୁ ସର୍ବୋପରି ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ସମ୍ରାଟ ପାତ୍ର ଯୋଗଦେଇ ଉଦବୋଧନ ପ୍ରଦାନ କରିଥିଲେ। ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଜିଲ୍ଲାର ସର୍ବ ପ୍ରଥମ ତଥା ବହୁ ପୁରାତନ ବିଦ୍ୟାଳୟ ଅଟେ। ଏହି ଐତିହମୟ ବିଦ୍ୟାଳୟ ୧୯୪୩ ମସିହାରେ ତତ୍କାଳୀନ ଖଡ଼ିଆଳ ରାଜା ସାହେବଙ୍କ ନାମରେ ନାମିତ ହୋଇଛି। ବିଦ୍ୟାଳୟଟି ସର୍ବ ପ୍ରଥମ ଓ ପ୍ରାଚୀନ ପୁରାତନ ହୋଇଥିବାରୁ ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ ପିଏମଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ନାମିତ ହୋଇଛି। ଚଳିତ ବର୍ଷ ପ୍ରଥମ କରି ପିଏମଶ୍ରୀ ବିଦ୍ୟାଳୟ ଭାବରେ ବାର୍ଷିକ ଉତ୍ସବ ପାଳନ ହେଉଥିବାରୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକ ବେଶ ଖୁସି ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ଭବିଷ୍ୟତ ବର୍ତ୍ତମାନର ପୃଷ୍ଠାକୁ ଅନୁଧାନ କରି ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନେକ ଯଶ କୀର୍ତି ଅର୍ଜନ କରିପାରିଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଓ ଅଶୋକ କୁମାର ବେହେରା ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ପୁରସ୍କୃତ ହୋଇଥିବାରୁ ଏହା ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ବିଷୟ।

# ଆକାଶଙ୍କ ମାରାଥନ ଶିଳାନ୍ୟାସ

କୋରେଇ, (ହି.ସ.): କୋରାଇ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଆକାଶ ଦାସ ନାୟକ କୋରାଇ ବ୍ଲର ଗୋଳେଇପୁର ପଂଚାୟତରେ ରାଜ୍ୟ ସରକାରଙ୍କ ୭ଟି ବିଭାଗର ୭ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶୁକ୍ରବାର ଦିନ ଏକ ବିଶାଳ ମୋଟର ସାଇକେଲ ରାଲିରେ ସୋଲପଟା ଛକଠାରୁ ଆସି ରାମପୁର ଶଗଡ଼ି ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ୩ କୋଟି ୨୫ ଲକ୍ଷ ଟଙ୍କାର ପ୍ରକଳ୍ପ ଶାଳପଡ଼ା,ରାମପୁର ଶଗଡ଼ି, ଗୋଳେଇପୁର,ସୋତୀ, ଦାମୋଦରପୁର ଠାରୁ ନରପଦା ରାସ୍ତା ନିର୍ମାଣର ଶିଳାନ୍ୟାସ କରିଥିଲେ। ପରେ ବଡ଼ତ୍ରିଲୋଚନପୁର ଠାରେ ଜଳସମ୍ପଦ ବିଭାଗର ୮ କୋଟି ୪୭ ଲକ୍ଷ ଟଙ୍କାର ପ୍ରକଳ୍ପ ଖରସ୍ରୋତା ନଦୀର ବାମ ପାର୍ଶ୍ୱର ନଦୀ ବନ୍ଧର ସୁଦୃଢୀ କରଣର ଶିଳାନ୍ୟାସ କରିଥିଲେ। ପରେ ମସୁଦପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦର ନବୀକରଣ ଲାଗି ୧ କୋଟି ୫ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ଉକ୍ତ ଶିଳାନ୍ୟାସ ଉତ୍ସବରେ ଗୋଳେଇପୁର ସରପଂଚ ସସ୍ମିତା ମାଝୀ, ବରିଷ୍ଠ ନେତା ପିନାକ ରଂଜନ ଦାସ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ବ୍ରାହ୍ମଣୀ ଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ଗୌରପୁର ସରପଂଚ ସତ୍ୟନନ୍ଦ ମହାପାତ୍ର, ଜହ୍ନା ପଂଚାୟତ ସରପଂଚ ସଂଯୁକ୍ତା ସାହୁ, ନାରୀ ନେତ୍ରୀ ଜୟନ୍ତୀ ସାହୁ, କାର୍ତିକ ଚନ୍ଦ୍ର ସାହୁ, ହରେକୃଷ୍ଣ ସାହୁ, ଅଶୋକ କୁମାର ଦାସ, ପ୍ରଫୁଲ୍ଲ ମାଝୀ, ମିର୍ଜା ସବକତୁଲା ବେଗ, ଶେଖ କୁରବାନ , ଅବଦୁଲ ଜାହିର, ଲକ୍ଷ୍ମୀଧର କରଣ, ସୁର୍ଯ୍ୟମଣି ପଣ୍ଡା, ଅକ୍ଷୟ ନାୟକ, ସୁବାସ ପଣ୍ଡା, ଅଶୋକ ବାରିକ. କୁଳମଣୀ ସାହୁ, ବିଜୟ ଦତ, ଉଦୟ ପରିଡ଼ା, ପ୍ରହଲ୍ଲାଦ ପଣ୍ଡା, ଶାନ୍ତନୁ ପଣ୍ଡା, ରାହାସ ମହାନ୍ତି, ବସନ୍ତ କର, ଗୋପାଳ ସାହୁ,ସନ୍ତୋଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଗୋପ ଛକରେ ବ୍ୟାପକ ଆୟୋଜନ

କେନ୍ଦ୍ରାପଡ଼ା, (ହି.ସ.): ମହାକାଳପଡା ମା ଦରିଆ ରାମଚଣ୍ଡୀଙ୍କ ପୀଠ ପରିସରରେ ହେଉଥିବା ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାପାଇଁ ରାଜ୍ୟ ସରକାରଙ୍କ ପଂଚାୟତ ରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଆସିଥିବା ବେଳେ ତାଙ୍କୁ ସ୍ୱାଗତ କରିବା ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ଗୋପ ଛକଠାରେ ତୁଳସୀ କ୍ଷେତ୍ର ପାନୀୟ ଜଳ ଯୋଗାଣ ସଂଘ ପକ୍ଷରୁ ଉପ ସଭାପତି ମିଳନ କୁମାର ଓଝାଙ୍କ ନେତୃତ୍ୱରେ ସଂଘର କର୍ମକର୍ତା, ସଦସ୍ୟ ତଥା ସ୍ଥାନୀୟ ଅଂଚଳର ବହୁ ମହିଳା କର୍ମୀ ଓ ନାରୀନେତ୍ରୀ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଅପେକ୍ଷା କରିଥିଲେ । ରିପୋର୍ଟ ଲେଖା ହେଲା ବେଳକୁ ବହୁ ସଂଖ୍ୟକ ସ୍ଥାନୀୟ ଜନ ସାଧାରଣ ମନ୍ତ୍ରୀଙ୍କୁ ସାକ୍ଷାତ କରି ସ୍ଥାନୀୟ ଅଂଚଳର ସମସ୍ୟା ବିଷୟରେ ଅବଗତ କରାଇବା ପାଇଁ ପ୍ରସ୍ତୁତ ଥିବା ଦେଖିବାକୁ ମିଳୁଥିଲା। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ସଭାପତି ହରିଲାଲ ଅଗ୍ରୱାଲ, ସଂପାଦକ ଶୁଭେନ୍ଦୁ ରାଉତ, ଗୁଲନଗର ସରପଂଚଙ୍କ ପ୍ରତନିଧି କରୁଣାକର ସାହୁ, ଅମୃତ ମହାନ୍ତି, ଗୋପଛକ ସୀତାରାମ ବଣିକ ସଂଘ ସଭାପତି କାହ୍ନୁଚରଣ ଓଝା, ମନୋରଂଜନ ପଣ୍ଡା, ପ୍ରଭାକର ସ୍ୱାଇଁ, ଡମ୍ବରୁଧର ସାହୁ, ଅଶୋକ କୁମାର ଦାସ, ଜୟନ୍ତ ନାୟକ, ଅରୁଣ କୁମାର ରାୟ ଓ ଚିତ ରଂଜନ ନାୟକ ପ୍ରମୁଖ ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତ ଥିବା ଜଣାପଡିଛି ।

# ବୈତରଣୀ ନଦୀରେ ବୁଡି ଦୁଇ ନାବାଳକ ମୃତ

ଚମ୍ପୁଆ, (ହି.ସ.):ଚମ୍ପୁଆ ବ୍ଲକ୍ ସରେଇ କେଶରିକୁଣ୍ଡ ବୈତରଣୀ ନଦୀକୁ ଗାଧୋଇବାକୁ ଯାଇ ନଦୀରେ ବୁଡ଼ି ଦୁଇ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ନାବାଳକ ହେଲେ କେନ୍ଦୁଝର ଜିଲ୍ଲା ରୁଗୁଡି ଥାନା ଗୁଆଲି ର ମନୋହର ପୋଦ୍ଦାରଙ୍କ ପୁଅ ନୀତେଶ ପୋଦ୍ଦାର(୧୬) ଓ ବାରିଆ ଥାନା ଅନ୍ତର୍ଗତ କଂଚନଡୁମୁରିଆ ଗ୍ରାମର ମହୁର ମହାନ୍ତଙ୍କ ପୁଅ ପ୍ରିତମ ମହାନ୍ତ ୧୬)। ନୀତେଶ ସ୍ଥାନୀୟ କେରଳା ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର ଥିବା ବେଳେ ପ୍ରୀତମ ଚଳିତ ବର୍ଷ ବଡବିଲ କଳିଙ୍ଗ ହାଇସ୍କୁଲରୁ ମ୍ୟାଟ୍ରିକ ପରୀକ୍ଷା ଦେଇଥିଲେ। ଆଜି ଛୁଟି ଥିବାରୁ ଯୋଜନା କରି ମଧ୍ୟାହ୍ନରେ ଆଠ ଜଣ ସାଙ୍ଗ ସରେଇ କେଶରିକୁଣ୍ଡକୁ ଗାଧୋଇବାକୁ ଯାଇଥିଲେ। ନୀତେଶ ସ୍ଥାନୀୟ ଅଂଚଳରେ ମେସରେ ରହି ପାଠ ପଢୁଥିବା ବେଳେ ପ୍ରୀତମ ଦୁଇ ଦିନ ତଳେ ମହେଶ୍ୱରପୁର ସ୍ଥିତ ମାମୁଁ ଘରକୁ ବୁଲିବା ପାଇଁ ଆସିଥିଲେ। ପ୍ରିତମଙ୍କୁ ତାଙ୍କ ମାମୁଁ ପୁଅ ଭାଇ ମେସରେ ରହୁଥିବା ସାଙ୍ଗମାନଙ୍କ ସହ ଗାଧୋଇବାକୁ ସାଥିରେ ଡାକି ନେଇଥିଲେ। ଦିନ ପ୍ରାୟ ତିନି ଘଟିକା ସମୟରେ ଗାଧୋଇବାବେଳେ ସେମାନଙ୍କ ମଧ୍ୟରୁ ତିନି ଜଣ ସାଙ୍ଗ ବୁଡି ଯାଇଥିଲେ। ସାଙ୍ଗମାନେ ଜଣ କୁ ଉଦ୍ଧାର କରିଥିବା ବେଳେ ନୀତେଶ ଓ ପ୍ରୀତମ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ପରିବାରର ଏକ ମାତ୍ର ପୁତ୍ର ହୋଇଥିବା ବେଳେ ପରିବାର ଲୋକଙ୍କ କ୍ରନ୍ଦନରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ଓ ବିଦ୍ୟାଳୟ କର୍ତୃପକ୍ଷ ଡାକ୍ତରଖାନାରେ ପହଂଚି ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ପ୍ରଦାନ କରିଥିଲେ। ଅନ୍ୟପଟେ ଖବର ପାଇ ଚମ୍ପୁଆ ଥାନାଧିକାରୀ ଦେବକୀ ନାଏକ ଡ଼ାକ୍ତରଖାନାରେ ପହଂଚି ମୃତଦେହ ଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ

କେନ୍ଦ୍ରାପଡ଼ା, (ହି.ସ.): କେନ୍ଦ୍ରାପଡ଼ା ବ୍ଲକ ଅଧିନ ତୁଣ୍ଡୁପୁରରେ ଥିବା ତୁଣ୍ଡୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପାଇଁ ସ୍କୁଲ କମିଟିର ସଦସ୍ୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲ କମିଟିକୁ ଉପେକ୍ଷା କରିବା ସହ ମଧ୍ୟାହ୍ନ ଭୋଜନ, ୟୁଥ କ୍ଲବ, କମ୍ପୋଜିଟ ଅନୁଦାନ ଇତ୍ୟାଦି ସରକାରୀ ଅନୁଦାନ ରାଶିର ଖର୍ଚ୍ଚ ହିସାବ, ଶିକ୍ଷାଦାନରେ ଅବହେଳା କରିବା, ସ୍କୁଲ କମିଟିର ଅଧ୍ୟକ୍ଷଙ୍କ ମତାମତକୁ ଉପେକ୍ଷା କରିବା, ବୈଠକ ଛାଡ଼ି ପଳେଇବା, ବିଦ୍ୟାଳୟର କ୍ରୀଡ଼ା ଉତ୍ସବ, ବାର୍ଷିକ ଉତ୍ସବ ନକରିବା ଏହି ସବୁ ଅପ୍ରୀତିକର ବାତାବରଣ ଦେଖି ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା କ୍ରମଶଃ କମି କମିଆସୁଛି। ଏହିସବୁ କାରଣ ହେତୁ ତାଙ୍କୁ ସେଠାରୁ ବଦଳି କରିବା ପାଇଁ ସ୍କୁଲ କମିଟିର ସଦସ୍ୟ ମାନସ ରଂଜନ ପ୍ରଧାନ, ପ୍ରଦିପ କୁମାର ପଣ୍ଡା, ଶ୍ରୀନିବାସ ପ୍ରଧାନ, ଅଭୟ ବେହେରା, ରଶ୍ମିରେଖା ବିଶ୍ୱାଳ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ତାଙ୍କୁ ସେଠାରୁ ବଦଳି କରିବା ପାଇଁ ଦାବି କରିଛନ୍ତି।

# ଲଙ୍ଗଳପାକନା ଘାଟିରେ ଲୁହା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ଜୟପୁର, (ହି.ସ.): ଲଙ୍ଗଳପାକନା ଘାଟିରେ ଘଟିଲା ଅଘଟଣ । ଲୁହା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ । ଗାଡି ତଳେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ୩ ଘଂଟା କାଳ ପରିଶ୍ରମ ପରେ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ । ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ବୈପାରୀଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ହେଲପରଙ୍କୁ ଗୋବିନ୍ଦପାଲି ମେଡ଼ିକାଲକୁ ପଠା ଯାଇଛି । ଘଟଣାଟି ଘଟିଛି ୩୨୬ ନମ୍ବର ଜାତୀୟ ରାଜପଥ ବୈପାରୀଗୁଡା ଥାନା ଅନ୍ତର୍ଗତ ଲଙ୍ଗଳପାକନା ଘାଟିରେ ଲୁହା ବୋଝେଇ ଟ୍ରକଟି ରାଇଘର ଠାରୁ ତାଲିମନାଡୁ ଅଭିମୁଖେ ଯାଉଥିଲା । ଆଜି ସକାଳେ ଲଙ୍ଗଳପାକନା ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଖବର ପାଇ ଘଟଣାସ୍ଥଳରେ ବୈପାରୀଗୁଡା ଏବଂ ଜୟପୁର ଅଗ୍ନିଶମ ବାହିନୀ ପହଂଚି ଜେସିବି ମେସିନ ଏବଂ କଟର ସାହାଯ୍ୟରେ କାଟି ଗାଡି ତଳେ ଫସି ରହିଥିବା ଡ୍ରାଇଭରକୁ ଉଦ୍ଧାର କରାଯାଇଛି । ୩ ଘଂଟା ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ସ୍ଥାନୀୟ ପୋଲିସ ଏବଂ ବିଏସଏଫ କର୍ମୀ ସହଯୋଗ କରିଥିଲେ । ଲଙ୍ଗଳପାକନା ଘାଟିରେ ବାରମ୍ବାର ଏଭଳି ଅଘଟଣ ଘଟୁଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ କାର୍ତୃପକ୍ଷଙ୍କ ରାସ୍ତା କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଜିଏମୟୁରେ ବିଶ୍ୱ ଐତିହ୍ୟ ଦିବସ ପାଳିତ

ସମ୍ବଲପୁର, (ହି.ସ.): ଆଜି ସ୍ଥାନୀୟ ଅଗ୍ରଣୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଆଲୋଚନା ଚକ୍ରକୁ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ଼ ଅତୁଲ କୁମାର ପ୍ରଧାନ ଉଦ୍ଘାଟନ କରି ବିଶ୍ୱ ଐତିହ୍ୟ ଦିବସ ପାଳନର ରୂପରେଖ ଏବଂ ଲକ୍ଷ୍ୟ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ସେ ନିଜ ବକ୍ତବ୍ୟରେ ସମ୍ବଲପୁର ଅଂଚଳର ବିଭିନ୍ନ ସର୍ବେକ୍ଷଣରୁ ସଂଗ୍ରହିତ ଅନାଲୋଚିତ ତଥ୍ୟକୁ ନେଇ ଆମର ଐତିହ୍ୟକୁ ବଂଚାଇ ରଖି ତାହାକୁ ଭବିଷତ ପଢୀକୁ ଦେବାରେ ଅବଶକ୍ୟତା ଅଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ଐତିହାସିକ ଦୀପକ କୁମାର ପଣ୍ଡା ସମ୍ବଲପୁରର ବଳିଷ୍ଠ ଐତିହ୍ୟ ଏବଂ କୁଦପାଲିର ଅନାଲୋଚିତ ତଥ୍ୟକୁ ସାମ୍ନାକୁ ଆଣିଥିଲେ । ଶ୍ରୀ ପଣ୍ଡା କୁଦୋପାଲିର ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଅନାଲୋଚିତ ତଥ୍ୟ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗର ଅତିଥି ଅଧ୍ୟାପିକା ଅଞ୍ଜଳି ରାଣୀ, ଗବେଷକ ସମ୍ବିତ କୁମାର ମେସୁଆ, ସୁନୀଲ କୁମାର ଚାନ୍ଦ ଏବଂ ଶୁଚିସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ଅଭିଷେକ ମହାପାତ୍ର ପରିଚାଳନା କରିଥିବା ବେଳେ ଶେଷରେ ମୁକେଶ ଥାପା ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଲି ଖାଦାନରୁ ପୋକଲିନ ମେଶିନ ଜବତ

କେନ୍ଦ୍ରାପଡ଼ା, (ହି.ସ.): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ତହସିଲ ଅଂଚଳରେ ବେଆଇନ ବାଲି ଖାଦାନ ଚାଲୁଥିବାରୁ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଥିବାର ଜଣାପଡ଼ିବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ଏହି ବାଲି ଖାଦାନଗୁଡ଼ିକ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଚୋରାବାଲି ନେଉଥିବା ଗାଡ଼ି ଓ ପୋକଲିନ ମେସିନ୍‌କୁ ଜବତ କରି ଜରିମାନା ଆଦାୟ କରୁଥିବା ଜଣାପଡ଼ିଛି। ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ତୁଣ୍ଡୁପୁର ବାଲି ଖାଦାନରୁ ଚୋରା ବାଲି ଲୋଡ କରୁଥିବା ସମୟରେ ଏକ ପୋକଲିନ ମେସିନ୍‌କୁ ବିଳମ୍ବିତ ରାତିରେ ଜବତ କରି ପୋଲିସକୁ ହସ୍ତାନ୍ତର କରାଯାଇଛି। ଏହି ଚଢ଼ାଉ ସମୟରେ ଜିଲ୍ଲା ଖଣି ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଅଲଓଡିଶା ରିପୋଟରସ ଆସୋସିଏସନ ଆଠମଲ୍ଲିକ ଶାଖା ପକ୍ଷରୁ ବୈଠକ



ଆଠମଲ୍ଲିକ, (ଡିକେ ନ୍ୟୁଜ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ପରିସର ମଧ୍ୟରେ ବାବା ଧବଳେଶ୍ୱର ୱେବ ମିଡ଼ିଆ ମହାସଂଘର ସଭାପତି କରୁଣାକର ନାୟକଙ୍କ ଆହ୍ୱାନ କ୍ରମେ ଅଲଓଡିଶା ରିପୋଟର ଆସୋସିଏସନ ଆଠମଲ୍ଲିକ ଉପଖଣ୍ଡ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ସଭାପତି ବସନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ବୈଠକର ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମର୍ଦ୍ଧନା କରାଯାଇଛି। ସାମ୍ବାଦିକ କରୁଣାକର ନାୟକ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ଅଲଓଡିଶା ରିପୋର୍ଟରସ ଆସୋସିଏସନର ଲକ୍ଷ ଓ ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ସହିତ ୧୦ଟି ଦଫା କାର୍ଯ୍ୟକାରୀ କରିବାକୁ ଉକ୍ତ ସଂଘର ରାଜ୍ୟ ସଭାପତି ଡ଼କ୍ଟର ସୁଧାଂଶୁ ଶେଖର ରାଉତ ଅହରହ ସଂଗ୍ରାମ ଜାରି ରଖିବା ପ୍ରସଙ୍ଗକୁ ବୈଠକରେ ଉପସ୍ଥାପନା କରାଯାଇଥିଲା। ଏଥିରେ ସାମ୍ବାଦିକ ବଂଶୀଧର ସେଠି, ରମେଶ ଚନ୍ଦ୍ର ନାୟକ ଓ ଦୀପକ କୁମାର ନାୟକ ଭିନ୍ନ ଭିନ୍ନ ନିଜସ୍ୱ ମତ ରଖିଥିଲେ। ଆଠମଲ୍ଲିକରେ ଯେତେ ଗୁଡିଏ ସାମ୍ବାଦିକ ଭାଇମାନେ ଅଛନ୍ତି। ସମସ୍ତଙ୍କୁ ଯୋଡି ପୁନର୍ବାର ଆଉ ଗୋଟିଏ ବୈଠକ ବସି ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ଆଠମଲ୍ଲିକ ଓ କିଶୋରନଗରର ସଭାପତି ଚୟନ କରାଯିବ ତାହା ଉପରେ ଆଲୋଚନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବିଭିନ୍ନ ସମ୍ବାଦ ପତ୍ର ଗଣମାଧ୍ୟମ ପ୍ରତିନିଧି ଓ ଇଲୋକ୍ଟ୍ରୋନିକ ମିଡିଆ ବନ୍ଧୁମାନେ ଉପସ୍ଥିତ ରହି ଅଂଶ ଗ୍ରହଣ କରିଥିଲେ। ବୁଲୁ ଦଳେଇ, ସଞ୍ଜୟ ଟାଙ୍ଗୀ, ସୁବାସ ନାୟକ, ଅରୁଣ କୁମାର ନାୟକ, ଗୋବିନ୍ଦ ନାୟକ, ପ୍ରଶାନ୍ତ କୁମାର ନାୟକ, ହରେକୃଷ୍ଣ ନାୟକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସର୍ବ ଶେଷରେ ଧନଞ୍ଜୟ ନାୟକ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ସାହିତ୍ୟ ମହୋତ୍ସବ ସାଂସ୍କୃତିକ ଐତିହ୍ୟ ଓ ପ୍ରଗତିଶୀଳ ଆକାଂକ୍ଷାର ଏକ ଉତ୍ସବ: ରାଜ୍ୟପାଳ



ପୁରୀ, (ଡିକେ ନ୍ୟୁଜ): ଆଧ୍ୟାତ୍ମିକ ଭାବେ ପ୍ରତିଧ୍ୱନିତ ଏବଂ ସାଂସ୍କୃତିକ ସମୃଦ୍ଧ ପୁରୀ ସହରରେ ପୁରୀ ସାହିତ୍ୟ ମହୋତ୍ସବର ଉଦଘାଟନ କରିବା ଅତ୍ୟନ୍ତ ଆନନ୍ଦର ବିଷୟ। ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ଏହାର ପ୍ରଗତିଶୀଳ ଆକାଂକ୍ଷାର ଏହା ଏକ ଅନନ୍ୟ ଉତ୍ସବ ବୋଲି ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ପୁରୀ ସାହିତ୍ୟ ମହୋତ୍ସବକୁ ଉଦଘାଟନ କରି ରାଜ୍ୟପାଳ ଉପୋରକ୍ତ ମତ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ପୁରୀ କେବଳ ଏକ ଭୌଗୋଳିକ ସ୍ଥାନ ନୁହେଁ, ଏହା ଭାରତର କାଳଜୟୀ ଆଧ୍ୟାତ୍ମିକ ଏବଂ କଳାତ୍ମକ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ଏହି ମହୋତ୍ସବ ପରମ୍ପରା ଏବଂ ଆଧୁନିକତାର କେବଳ ସହ-ଅସ୍ତିତ୍ୱ ନୁହେଁ ବରଂ ଏକତ୍ର ପ୍ରଗତି କରିବାର ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଉପଯୁକ୍ତ ମଞ୍ଚ। ଏହା ସେମାନଙ୍କୁ ଜ୍ଞାନର ଗତିଶୀଳ ଉତ୍ସ ଭାବରେ ପୁନର୍ଜୀବିତ କରିବାକୁ ଚେଷ୍ଟା କରେ ଯାହା ଏକ ଦ୍ରୁତ-ବିକଶିତ ସମାଜକୁ ମାର୍ଗଦର୍ଶନ କରିବାରେ ସକ୍ଷମ। ଏକ ସମୟରେ ଯେତେବେଳେ ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ବିଶ୍ୱସ୍ତରୀୟ ପ୍ରଭାବ ଜନଚେତନାକୁ ପ୍ରାଧାନ୍ୟ ପ୍ରଦାନ କରେ ଏହାକୁ ମନେ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ସାଂସ୍କୃତିକ ଭିତ୍ତିଭୂମି ଦାୟିତ୍ୱପୂର୍ଣ୍ଣ ପ୍ରଗତି ପାଇଁ ଆବଶ୍ୟକୀୟ ଦିଗଦର୍ଶନ ପ୍ରଦାନ କରେ। ଏକ ଜାତି ତାର ଅତୀତକୁ ପ୍ରତ୍ୟାଖ୍ୟାନ କରି ଅଭିବୃଦ୍ଧି ପାଏନାହିଁ ବୋଲି ସ୍ୱୀକାର କରିବାକୁ ହେବ ବୋଲି ଉଲ୍ଲେଖକରି ଐତିହ୍ୟକୁ ସମସାମୟିକ ବର୍ଣ୍ଣନାରେ ବୁଣି ବିକାଶ ପାଇଥାଏ ବୋଲି କହିଥିଲେ। ଏଠାରେ ଲେଖକ, ଚିନ୍ତକ, ସ୍ଥପତି, କଳାକାର ଏବଂ ଯୁବପିଢ଼ିଙ୍କ ଉପସ୍ଥିତି ଏହି ଅନ୍ତର୍ଭୁକ୍ତିର ପ୍ରମାଣ ବୋଲି ରାଜ୍ୟପାଳ ଡ.କୁମ୍ଭପାଟି କହିବା ସହ ଆମର ଜାତୀୟ ବ୍ୟାଖ୍ୟାନକୁ ନିରନ୍ତର ସମୃଦ୍ଧ କରୁଥିବା ଐତିହ୍ୟକୁ ଆଗକୁ ବଢାଇବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଭଳି ଏକ ସ୍ମରଣୀୟ ମହୋତ୍ସବ ପାଇଁ ଆୟୋଜକ ତଥା ଅତିଥିମାନଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇବା ସହ ଏହି ମହୋତ୍ସବ ଆମ ମହାନ ସଂସ୍କୃତି, ଓଡ଼ିଶାର ସାହିତ୍ୟ, ପାରମ୍ପରିକ ଖାଦ୍ୟ, ପୂର୍ବ ସୁରୀ ମାନଙ୍କ ଅବଦାନ ସମ୍ପର୍କରେ ଅଧିକ ଆଦୃତି ହୋଇ ପାରିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର କହିଥିଲେ ଯେ ଶବ୍ଦ ହିଁ ବ୍ରହ୍ମ ଓ ବ୍ରହ୍ମ ହିଁ ଶବ୍ଦ।ଏହି ସାହିତ୍ୟ ମହୋତ୍ସବରେ ଉଚ୍ଚାରିତ ପ୍ରତିଟି ଶବ୍ଦ ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବ। ଆଦି ଶଙ୍କରାଚାର୍ଯ୍ୟ, ଗୁରୁ ନାନକ, ଚୈତନ୍ୟ, ସନ୍ଥ କବିର, ତୁଳସୀ ଦାସ, ରାମାନୁଜଙ୍କ ଭଳି ପ୍ରଖ୍ୟାତ ବ୍ୟକ୍ତିମାନେ ପୁରୀକୁ ଆସିଛନ୍ତି। ସେଥିପାଇଁ ମଠ ସଂସ୍କୃତି ମହାନ ହୋଇଛି। ଆଗାମୀ ତିନି ଦିନ ସାହିତ୍ୟ ସଂସ୍କୃତିର ଆଲୋଚନା, ପର୍ଯ୍ୟାଲୋଚନା ହେବା ସହ ଯୁବ ବର୍ଗଙ୍କୁ ଆଧ୍ୟାତ୍ମିକ ଓ ଆମ ମହାନ ସଂସ୍କୃତିର ଦିଗଦର୍ଶନ କରାଇବ ବୋଲି ସେ ମତ ଦେଇଥିଲେ। ପୁରୀ ସାହିତ୍ୟ ମହୋତ୍ସବର ଅଧ୍ୟକ୍ଷ ଓମ ପ୍ରିୟଦର୍ଶୀ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅନ୍ୟତମ ଅଧ୍ୟକ୍ଷ ଶିବମ ରଘୁବଂଶୀ ଉପସ୍ଥିତ ଥିଲେ। ସଦସ୍ୟ ସୌମେନ୍ଦ୍ର ଦାସ ଓ ପ୍ରଫେସର ସସ୍ମିତା ବନ୍ଦରନାୟକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅଧ୍ୟକ୍ଷ ଶଶାଙ୍କ ଶେଖର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳ ଓ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ତିନି ଦିନିଆ ସାହିତ୍ୟ ମହୋତ୍ସବର ଉଦଘାଟନ କରିଥିଲେ। ପ୍ରତିଷ୍ଠିତ ପ୍ରକାଶକମାନଙ୍କ ତରଫରୁ ମହୋତ୍ସବ ସ୍ଥଳରେ ପୁସ୍ତକ ମେଳାର ଆୟୋଜନ କରାଯାଇଛି।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାର ଶୁଭାରମ୍ଭ



ଯାଜପୁର, (ଡିକେ ନ୍ୟୁଜ୍): ଯାଜପୁର ଜିଲ୍ଲାରେ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା-ବାରାଣସୀ ଆଧ୍ୟାତ୍ମିକ ଯାତ୍ରାକୁ ଜିଲ୍ଲାପାଳ, ପି.ଅନ୍ୱେଷା ରେଡ୍ଡୀ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ, ପର୍ଯ୍ୟଟନ ବିକାଶ ଅଧିକାରୀ (ସ୍ୱାଧୀନ ଦାୟିତ୍ୱ), ଯାଜପୁର, ସୁଶ୍ରୀ ହିମାଳୟା ତ୍ରିପାଠୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାରେ ସମୁଦାୟ ୧୪୨ଜଣ ବରିଷ୍ଠ ତୀର୍ଥଯାତ୍ରୀ ଅଯୋଧ୍ୟା ଓ ବାରଣାସୀ ଯାତ୍ରା କରିଛନ୍ତି। ତୀର୍ଥଯାତ୍ରୀମାନେ ଶନିବାର ବାଲେଶ୍ୱର ରେଳ ଷ୍ଟେସନରୁ ଅଯୋଧ୍ୟା – ବାରଣାସୀ ଅଭିମୁଖେ ଯାତ୍ରା ପାଇଁ ବାଲେଶ୍ୱର ଅଭିମୁଖେ ଶୁକ୍ରବାର ଯାତ୍ରା କରିଥିଲେ। ସେମାନେ ଶୁକ୍ରବାର ରାତିରେ ବାଲେଶ୍ୱରର ପଦ୍ମାବତୀ ରିସର୍ଟରେ ରହିବେ। ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନଟି ଶନିବାର ସକାଳ ଘ ୧୧.୪୫ ମି.ରେ ବାଲେଶ୍ୱର ରେଳ ଷ୍ଟେସନରୁ ଛାଡିବ। ଏହି ଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ତୀର୍ଥଯାତ୍ରୀମାନେ ୨୩ ଏପ୍ରିଲ, ୨୦୨୫ରେ ବାଲେଶ୍ୱର ଫେରିବେ। ସେମାନେ ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ, ସେମାନଙ୍କୁ ବାଲେଶ୍ୱରରୁ ଫେରାଇ ଅଣାଯିବ ଏବଂ ଯାଜପୁରରେ ଥିବା ସେମାନଙ୍କର ଜନ୍ମସ୍ଥାନକୁ ପଠାଯିବ।

# ପଞ୍ଚାୟତ କାର୍ଯ୍ୟାଳୟର ଛାତ ଉପରୁ ସୋଲାର ପ୍ୟାନେଲ ଚୋରି ଅଭିଯୋଗ

ନାଉଗାଁ, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ଗ୍ରାମପଂଚାୟତ କାର୍ଯ୍ୟାଳୟର ଛାତ ଉପରୁ ସୋଲାର ପ୍ୟାନେଲ ଚୋରି ହୋଇଥିବା ନେଇ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତବାକ ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ରାଜିବ ଗାନ୍ଧୀ ସେବା କେନ୍ଦ୍ର ରହିଛି। ଏହି ସେବା କେନ୍ଦ୍ରର ଛାତ୍ର ଉପରେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ ଉତ୍ପାଦନକାରୀ ସୋଲାର ପ୍ୟାନେଲ ଲଗାଯାଇଥିଲା। ହେଲେ କେହି ଦୁର୍ବୃତ୍ତ ଲଗାଯାଇଥିବା ସୋଲାର ପ୍ୟାନେଲକୁ ଚୋରି କରି ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ତଦନ୍ତଜାରୀ ରହିଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି।

# ମା'ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ନାଉଗାଁ, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡାବରସ୍ଥିତ ମା'ସରସ୍ୱତୀ ଶିଶୁ ମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୁକାନ୍ତ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତାରଇ, ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରତାପ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଭାରତୀୟ ଗୁଇନ୍ଦା ସଂସ୍ଥାର ଅବସରପ୍ରାପ୍ତ ସହାୟକ କମିସନର ବିରଂଚି ନାରାୟଣ ମିଶ୍ର, ନାଉଗାଁ ପଂଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କା, ଡାବର ସମିତି ସଭ୍ୟ ସୁବଳ ବେହେରା, ସିନେ କଳାକାର ମିଟୁ ମିଥୁନ, ସମାଜସେବୀ ଗୌରାଙ୍ଗ ସ୍ୱାଇଁ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଂଜନ ମହାନ୍ତି, ସିଆରସିସି ଅକ୍ଷୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ସ୍କୁଲରେ ଶିକ୍ଷାଦାନ ସମୟରେ ଶିକ୍ଷକଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ପିଲାମାନଙ୍କୁ ଜଣେ ଉତମ ଚରିତ୍ରବାନ ମଣିଷ ଗଠନ ଦିଗରେ ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଶିଶୁ ମନ୍ଦିରର ସଂପାଦକ ଅଦୈତ କୁମାର ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ମନ୍ଦିରର ଗୁରୁମା ରୋଜାଲିନ୍ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅବସରପ୍ରାପ୍ତ ସୈନିକ ବଂଶୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବାର୍ଷିକ କ୍ରିଡା, ନୃତ୍ୟ ଗୀତ ଓ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱରା ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଭାପତି ନିତ୍ୟାନନ୍ଦ ଫାରକ,ଅଭିଭାବକ କସ୍ତୁରୀ ଚରଣ ବିଶ୍ୱାଳଙ୍କ ସମେତ ଶିଶୁମନ୍ଦିରର ଛାତ୍ରଛାତ୍ରୀ, ଗୁରୁମା ଓ ଗୁରୁଜୀ ଆଦି ପରିଚାଳନା କରୁଥିଲେ।

# କ୍ଷମତାର ଅପବ୍ୟବହାର କରି ନୌକାବିହାରରେ ଆଇଆଇସି ବାବୁ

ଅସ୍ତରଙ୍ଗ, (ଡିକେ ନ୍ୟୁଜ୍): କ୍ଷମତା ଅପବ୍ୟବହାର କଲେ ନୂଆଗଡ ଆଇଆଇସି ବାବୁ, ତଟ ସୁରକ୍ଷାରେ ନିୟୋଜିତ ଇଣ୍ଟରସେପ୍ଟ ବୋଟରେ ସମ୍ପର୍କୀୟଙ୍କୁ ନେଇ କଲେ ନୌକା ବିହାର। ଅସ୍ତରଙ୍ଗ ନୂଆଗଡ ସାମୁଦ୍ରିକ ଥାନାର କର୍ମଚାରୀମାନେ ଅନ୍ୟତ୍ର ଡ୍ୟୁଟିକୁ ଯାଇଥିବା ବେଳେ ମେରାଇନ ଥାନା ଆଇଆଇସି ଅଚ୍ୟୁତ ବେହେରା ନିଜ କ୍ଷମତାର ଅପବ୍ୟବହାର କରି ସ୍ଥାନୀୟ ଅଞ୍ଚଳର ବରଡ଼ି ଓ ଡମଶୁଣୁର ୨ ପରିବାରଙ୍କ ସହ ନିଜେ ଦେବୀ ନଦୀର ମୁହାଣ ନିକଟରେ ବିପଦଜନକ ଭାବେ ନୌକା ବିହାର କରୁଥିବାର ସଙ୍ଗିନୀ ଅଭିଯୋଗ ଦୃଷ୍ଟିକୁ ଆସିଛି। ଅଧିକାରୀଙ୍କ ନିର୍ଦ୍ଦେଶରେ ଇଣ୍ଟରସେପ୍ଟ ବୋଟର ଚାଳକ ଓ ୨ କର୍ମଚାରୀ ସେମାନଙ୍କୁ ବୋଟରେ ଭ୍ରମଣ କରାଇଥିବାର ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରଲ ହେବା ପରେ ଆଇଆଇସି ବାବୁଙ୍କର କାରନାମାକୁ ନେଇକି ଅସ୍ତରଙ୍ଗ ଅଞ୍ଚଳରେ ବେଶ ଚର୍ଚ୍ଚା ସୃଷ୍ଟି ହୋଇଛି। ଏପରିକି ଏହି ବୋଟରେ ୨ ପରିବାରର ସଦସ୍ୟ ଯେଉଁଥିରେ ନାବାଳିକା ଓ ଯୁବକ, ମହିଳାଙ୍କ ସମେତ ଆଇଆଇସି କୌଣସି ଲାଇଫଜ୍ୟାକେଟ ନପିନ୍ଧି ବୋଟରେ ଯାତ୍ରା କରୁଥିବା ଦେଖାଯାଇଛି। ସରକାର ତଟ ସୁରକ୍ଷା ପାଇଁ ବିଭିନ୍ନ ଉପକୂଳରେ ମେରାଇନ ଥାନା ପ୍ରତିଷ୍ଠା କରିବା ସହିତ ସମୁଦ୍ର ମଧ୍ୟ କିମ୍ବା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସନ୍ଦିଗ୍ଧ ବ୍ୟକ୍ତି, ସାମୁଦ୍ରିକ ବୋଟ, ଡ଼ଙ୍ଗା ଓ ଜାହାଜ ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ଭାବେ ଜଣେ ଜଣେ ଆଇଆଇସିଙ୍କ ସମେତ



୧୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ, ଇଣ୍ଟରସେପ୍ଟ ବୋଟ, କ୍ୟାପଟେନ ଓ ଅବସରପ୍ରାପ୍ତ ନୌବାହିନୀ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି। ଯେଉଁମାନେ ନିଜ ଜୀବନକୁ ବାଜି ଲଗାଇ ବିଭିନ୍ନ ସମୟରେ ସାମୁଦ୍ରିକ ପେଟ୍ରୋଲିଙ୍ଗ କରିଥାନ୍ତି, ସାମୁଦ୍ରିକ ପେଟ୍ରୋଲିଙ୍ଗ ବୋଟରେ ଘରୋଇ ଲୋକ ତଥା ନିକଟବର୍ତ୍ତୀ ସମ୍ପର୍କୀୟଙ୍କୁ ନେଇକି ଏହି ବୋଟରେ ନୌକା ବିହାର କରିବାକୁ କିଏ ଅନୁମତି ଦେଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ସମ୍ପର୍କରେ ଆଇଆଇସି ଅଚ୍ୟୁତ ବେହେରା କୌଣସି ସନ୍ତୋଷ ଜନକ ପ୍ରତିକ୍ରିୟା ଦେଇନଥିବା ବେଳେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଆମ୍ଭେ ବାଧ ହୋଇ ୨ ପରିବାରର ସମ୍ପର୍କୀୟଙ୍କୁ ବୋଟିଂ କରାଇଥଲୁ ବୋଲି କ୍ୟାପଟେନ ବିପ୍ରବର ସ୍ୱାଇଁ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ତେବେ ପ୍ରଶ୍ନ ଉଠୁଛି ନୌକା ବୋଟିଙ୍ଗ କରିଥିବା ଏହି ୨ ପରିବାର ସହ କି ପ୍ରକାର ସମ୍ପର୍କ ରହିଅଛି ? ଅନ୍ତରୀଣ ସୁରକ୍ଷା ସହ ଖେଳ ଖେଳିଥିବା ଆଇଆଇସିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜିବୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏଥିସହିତ ଅସ୍ତରଙ୍ଗ ଅଞ୍ଚଳର ଜଣାଶୁଣା ସମାଜସେବୀ ଦୁଷ୍ମନ୍ତ ପରିଡା ଏହି ଘଟଣା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସରକାରଙ୍କୁ ନିବେଦନ କରିଛନ୍ତି।

# ଫୋଟୋଗ୍ରାଫାର ଆସୋସିଏସନ୍ ଓ୍ୱାଲଫର ଚାରିଟେବୁଲ ଟ୍ରଷ୍ଟ ଲୋଗୋ ଉନ୍ମୋଚିତ

ସାନଖେମୁଣ୍ଡି, (ଡିକେ ନ୍ୟୁଜ୍): ଶୁକ୍ରବାର ପାଳସପୁର ସ୍ଥିତ ବୁଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଖେମୁଣ୍ଡି ଫୋଟୋଗ୍ରାଫାର ଆସୋସିଏସନ୍ ଓ୍ୱାଲଫର ଚାରିଟେବୁଲ ଟ୍ରଷ୍ଟର ସଭାପତି ବି.ସନ୍ତୋଷ କୁମାର ଆଚାରିଙ୍କ ଅଧ୍ୟକ୍ଷତାରେ ସମସ୍ତ ସଦସ୍ୟମାନଙ୍କ ଉପସ୍ଥିତରେ ଏକ ବନ୍ଧୁମିଳନ ସହିତ ଟ୍ରଷ୍ଟ ର ଲୋଗୋ ଉନ୍ମୋନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସମ୍ପାଦକ ସୁଶାନ୍ତ କୁମାର ବାଡ଼ତ୍ୟା ପୁର୍ବ ବିବରଣୀ ପଠନକରିଥିଲେ। ଟ୍ରଷ୍ଟର gov.Reg.no - ୪୦୬୩୨୫୦୦୪୯୩/୨୫ ବିଷୟରେ ସୂଚନା ଦେଇଥିଲେ। ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାମାନଙ୍କୁ ଉପଢଙ୍କନ ଦେଇ ସମ୍ବରଧନା କରାଯାଇଥିଲା। ଉକ୍ତ ବୈଠକରେ ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ – ସିମାଞ୍ଚଳ ବେହେର, ସୁବୋଧ କୁମାର ସ୍ୱାଇଁ, ଉପସଭାପତି- ସନ୍ତୋଷ କୁମାର ଗୌଡ଼, ଅଳୟ କୁମାର ଭୂୟାଁ, ସହ ସଂପାଦକ- ପାଣ୍ଡବ ରେଡି, କୋଷାଧକ୍ଷ- ଅରୁଣ କୁମାର ପାତ୍ର, ସଂଗଠନ ସଭ୍ୟ- ଟିକି, ଜୁନୁ ସ୍ତରୀୟ ଅଧକ୍ଷ ସଭ୍ୟମାନେ ତଥା- ଅଶୋକ କୁମାର ସାହୁ, ସଞ୍ଜିତା ବେହେରା, ଟୁକୁନା ଦୋର, ଅଶୋକ ପ୍ରଧାନ, ଦଣ୍ଡପାଣି ରାଓ, ରବି ରେଡୀ, ପଞ୍ଚାନନ ବେହେରା, ଲିଙ୍ଗରାଜ ରେଡି, ସାମ୍ବାଦିକ ତଥା ସଭ୍ୟ ନଗେଶୁରେଡି ଯୋଗଦେବା ଦେବା ସହିତ ଖେମୁଣ୍ଡୀ ଫୋଟୋ ଗ୍ରଫାର ଟ୍ରଷ୍ଟର ସମସ୍ତ ସଭ୍ୟ ଭାଇମାନେ ଉପସ୍ଥିତ ରହିଥିଲେ। ଭବିଷ୍ୟତରେ ଟ୍ରଷ୍ଟର କିପରି ଉନ୍ନତି ହୋଇପାରିବ ଓ ସମାଜର ସେବାରେ କିପରି ନିଓଜିତ ହୋଇପାରିବ ଏହାନେଇ ବିଶେଷ ଆଲୋଚନ ହୋଇଥିଲା ଓ ଟ୍ରଷ୍ଟ ସମସ୍ତ ସଭ୍ୟମାନଙ୍କୁ ଟ୍ରଷ୍ଟ ତଫରୁ ନିଜନିଜର ପରିଚୟପତ୍ର ଓ ସଦସ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ସ୍ୱର୍ଗ ରଥ ଗାଡି ସମର୍ପଣ କଲା ଇଣ୍ଡିଆନ ବାୟ ବାର୍ଥ୍



କେନ୍ଦୁଝର, (ଡିକେ ନ୍ୟୁଜ୍): ଜିଲ୍ଲାର ଅଗ୍ରଣୀ ସମାଜସେବୀ ସଂଗଠନ ଇଣ୍ଡିଆନ ବାୟ ବାର୍ଥ୍ ପକ୍ଷରୁ ଶୁକ୍ରବାର ଜେଏସଡବ୍ଲୁ ଫାଉଣ୍ଡେସନ ସହାୟତାରେ କେନ୍ଦୁଝର ଜିଲା ପାଇଁ ଏକ ସ୍ୱର୍ଗ ରଥ ଗାଡି ସମର୍ପଣ କରିଛନ୍ତି। ଏହାର ଉଦଘାଟନରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲାପାଳ ବିଶାଲ ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର କୁମାର ପୃଷ୍ଟି, ଜିଲ୍ଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତ, ଇଣ୍ଡିଆନ ବାୟ ବାର୍ଥ୍ ସଂଗଠନର ସହପ୍ରତିଷ୍ଠାତା ସତ୍ୟରଞ୍ଜନ ସାହୁ ସବୁଜ ପତାକା ଦେଖାଇ ଅନୁଷ୍ଠାନିକ ଭାବେ ଲୋକାର୍ପଣ ତଥା ଶୁଭାରମ୍ଭ କରିଥିଲେ। ସଂଗଠନର ଜିଲ୍ଲା ସଭାପତି ପ୍ରଭାସ କୁମାର ସାହୁ, ଉପଭାପତି ଅଭିଜିତ ମହାନ୍ତି, ସଂଯୋଜକ ମାନସ ରଞ୍ଜନ ସାହୁ ଓ ଶତାଧିକ ସମାଜସେବୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବରିଷ୍ଠ ବିଜେପି କର୍ମୀ ଓ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନର ପ୍ରମୁଖମାନେ ଉପସ୍ଥିତ ରହି ଶୁଭକାମନା ଜଣାଇଥିଲେ। ସଂଗଠନର ସହପ୍ରତିଷ୍ଠାତା ଇଂ.ସତ୍ୟରଞ୍ଜନ ସାହୁ କହିଛନ୍ତି ଏ ସଂଗଠନ ଓ ଏହାର ସେବାକୁ ଜିଲ୍ଲାବାସୀ ନିଜର ଭାବି ଗ୍ରହଣ କରିବେ ଏବଂ ଆବଶ୍ୟକ ସ୍ଥଳେ ସ୍ୱର୍ଗ ରଥ ଗାଡିର ୨୪ ଘଣ୍ଟିଆ ସେବାର ସୁବିଧା ନେବେ ବୋଲି ଆଶା ରଖିଛନ୍ତି।

# ଦକ୍ଷିଣାଞ୍ଚଳ ଆଇଜିଙ୍କ ପାରଳା ଆଦର୍ଶ ଥାନା ନିରୀକ୍ଷଣ

ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ଦକ୍ଷିଣାଞ୍ଚଳ ଆଇଜି ନୀତିନ୍ ଶେଖର ପାରଳାଖେମୁଣ୍ଡି ଆଦର୍ଶ ଥାନା ନିରୀକ୍ଷଣ କରିଥିଲେ। ମୁଖ୍ୟତଃ ଶିଶୁ, ମହିଳା ନିଖୋଜ ମାମଲାର ତୁରନ୍ତ ତଦନ୍ତ କରି ପର୍ଦ୍ଦାଫାସ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମାମଲାର ପରିଚାଳନା, ତଦନ୍ତକାରୀ ଅଧିକାରୀ ତଦନ୍ତ କ୍ରିୟାକୁ ଅଗ୍ରାଧିକାର ଦେବା, ସାଇବର କ୍ରାଇମ୍ ତଦନ୍ତ ତ୍ୱରାନିତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚୋରି, ଅପହରଣ ମାମଲା ଗୁଡିକୁ ବିଶେଷ ଗୁରୁତ୍ୱ ଦେଇ ଅଭିଯୁକ୍ତଙ୍କୁ ଧରିବା ପାଇଁ କହିଥିବା ଜଣାଯାଇଛି। ଆଇଜିଙ୍କ ନିରୀକ୍ଷଣ ବେଳେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କ ସମେତ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପାରାଦୀପରେ ବିଶାଳ ଶ୍ରମିକ ସୁରକ୍ଷା ସମାବେଶ



ପାରାଦୀପ, (ଡିକେ ନ୍ୟୁଜ୍): ଜୟଦେବ ସଦନ ସମ୍ମୁଖ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶରେ ପାରାଦୀପ ବନ୍ଦରରେ କାର୍ଯ୍ୟରତ କର୍ମଚାରୀ, ଡିଏଲଆର ଠିକା କର୍ମଚାରୀଙ୍କ ସମେତ ପାରାଦୀପରେ ଗଢି ଉଠିଥିବା ପିପିଏଲ, ଇଫକୋ, ଆଇଓସିଏଲ, ଏଏମଏନଏସ, ପିଆଇସିଟି ଆଦି ଛୋଟବଡ଼ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଯାହା ପାରାଦୀପରେ ଥିବା ବିଭିନ୍ନ ଶ୍ରମିକ ସଂଘ ନେତାମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ସମାବେଶର ଅବ୍ୟବହିତ ପୂର୍ବରୁ ଦୋଛକି ନିକଟରୁ ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରାରେ ହଜାର ହଜାର ଶ୍ରମିକ ନେତାମାନଙ୍କୁ ସଭାସ୍ଥଳୀ ନିକଟକୁ ପାଛୋଟି ନେଇଥିଲେ। ପାରାଦୀପ ପୋର୍ଟ ମଜଦୁର ସଂଘ ଓ ପୂର୍ବ ଉପକୂଳ ଶ୍ରମିକ ସଂଘ ମିଳିତ ଆନୁକୂଲ୍ୟରେ ଜୟଦେବ ସଦନ ସମ୍ମୁଖ ପଡିଆରେ ଆୟୋଜିତ ଏହି ସମାବେଶକୁ ସମ୍ବୋଧିତ କରି ଉଭୟ ସଂଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ କହିଥିଲେ ଯେ ପାରାଦୀପ ମୋର ଜନ୍ମ ଓ କର୍ମ ଭୂମି। ହେତୁ ପାଇବା ଦିନରୁ ମୁଁ ପାରାଦୀପରେ ବିଭିନ୍ନ ଶ୍ରମିକ ସଂଘ ନେତାମାନଙ୍କ କାର୍ଯ୍ୟ ଶୈଳୀ ଓ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଲଢେଇକୁ ଅତି ନିକଟରୁ ଦେଖିଆସିଛି। ସେଥିରୁ ହାସଲ କରିଥିବା ଅଭିଜ୍ଞତା ହିଁ ମୋତେ ଶ୍ରମିକମାନଙ୍କ ପାଇଁ ଲଢେଇ କରିବାକୁ ପ୍ରେରଣା ଯୋଗାଇଛି। ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶ୍ରମିକଙ୍କ ପାଇଁ ସାଲିସବିହୀନ ସଂଘର୍ଷ ଜାରି ରଖିଛି। ବିଭିନ୍ନ ଶିଳ୍ପ ସଂସ୍ଥାରେ ନିର୍ଯ୍ୟାତିତ ଓ ଶୋଷିତ ହୋଇଆସୁଥିବା ଶ୍ରମିକମାନଙ୍କ ପାଇଁ ଲଢେଇ କରି ସେମାନଙ୍କୁ ନ୍ୟାୟ ଦେବାରେ ସଫଳ ହୋଇପାରିଛି, ଯାହା ମୋର ଆତ୍ମବିଶ୍ୱାସ ଯେ ବୃଦ୍ଧି କରିଛି ତାହା ନୁହେଁ ବରଂ ପାରାଦୀପର ବିଭିନ୍ନ ଶ୍ରମିକ ସଂଗଠନ ଛାଡି ଆମ ସଂଘରେ ସାମିଲ ହେବା ପ୍ରକ୍ରିୟା ଜାରି ରହିଛି। ତେବେ ଶ୍ରମିକ ଭାଇମାନେ ଏକଜୁଟ ହୋଇ ରହିବା ପାଇଁ ସଂକଳ୍ପ ନେବାର ଆବଶ୍ୟକତା ରହିଛି। ଏକତା ବିନା ଶ୍ରମିକମାନେ ନିଜର ହକ ହାସଲ କରିବା ସମ୍ଭବ ନୁହେଁ। ବଳିଷ୍ଠ ନେତୃତ୍ୱ ଓ ଶ୍ରମିକମାନଙ୍କ ଏକତା ଯେକୌଣସି ଅସମ୍ଭବକୁ ସମ୍ଭବ କରିପାରେ। ତେଣୁ କାହାରି କାନକୁହା କଥା କିମ୍ବା ପ୍ରଲୋଭନର ବସବର୍ତ୍ତୀ ନହୋଇ ଶ୍ରମିକ ଭାଇମାନେ ଏକାଠି ରହିବା ପାଇଁ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଥିଲେ।

# ଆନ୍ତଃରାଜ୍ୟ ୫ ଏ' ସାଇଡ କନିଷ୍ଠ ବାଳିକା ବର୍ଗର ହକି ପ୍ରତିଯୋଗିତା ଉଦଘାଟିତ

ଝାରସୁଗୁଡା, (ଡିକେ ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ହକି ସଂଘ ଦ୍ୱାରା ଓଡ଼ିଶାରେ ପ୍ରଥମଥର ୫ ଏ' ସାଇଡ ୧୭ ବର୍ଷରୁ କମ ବାଳିକା ବର୍ଗର ଆନ୍ତଜିଲ୍ଲା ପ୍ରତିଯୋଗିତାକୁ ଝାରସୁଗୁଡା ଅତିରିକ୍ତ ଆରକ୍ଷୀ ଅଧିକାରୀ ମଧୁଷ୍ମିତା ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଉଦଘାଟନ ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ, ବେଦାନ୍ତ ଆଲୁମିନିଅମର ସିଏସଆର ମୁଖ୍ୟ ହର୍ମିତ ସେହେରା, ଏକତା ମହିଳା ସଂଘ ଇବ ଭେଲି ଏମସି ଏଲର ସଭାପତି ରେଣୁ ପାଣ୍ଡେ, ଭାରତୀୟ ମହିଳା ହକି ଦଳର ମୁଖ୍ୟ ଚୟନକର୍ତ୍ତା ସୁଭଦ୍ରା ପ୍ରଧାନ ମୁଖ୍ୟ ଆକର୍ଷଣ ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି ଉଦଘାଟନୀ ଘୋଷଣା କରିଥିଲେ। ଓଡିଶା ହକି ସଂଘର ଉପସଭାପତି ତଥା ୫ ଏ' ସାଇଡ ଆନ୍ତରାଜ୍ୟ ବାଳିକା ହକି ପ୍ରତିଯୋଗିତାର ସମ୍ପାଦକ ଜୀବନ ମହାନ୍ତି ବିବରଣୀ ଦେବା ସହ ଯୋଗ ଦେଇଥିବା ଆନ୍ତରାଜ୍ୟ ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବ୍ରଜରାଜନଗର ପିଏମ ଶ୍ରୀ ଓ ପିଏମ ବାଳିକା ବିଦ୍ୟାଳୟ ଏବଂ ଅରଡା ସୈନିକ ବିଦ୍ୟାଳୟର ବାଳିକାମାନଙ୍କ ଦ୍ୱାରା ନୃତ୍ୟ ପର୍ଯ୍ୟବେକ୍ଷଣ କରାଯାଇଥିଲା। ଆଜିର ପ୍ରଥମ ମ୍ୟାଚ ବିହାର ଏବଂ ସୁନ୍ଦରଗଡ ସାଇ ମଧ୍ୟରେ ଅନୁଷ୍ଠିତ ସୁନ୍ଦରଗଡ ସାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସମ୍ବଲପୁର ଏବଂ ଛତିଶଗଡ ମଧ୍ୟରେ ଅନୁଷ୍ଠିତ ହୋଇ ଛତିଶଗଡ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଢେଙ୍କାନାଳ ଏବଂ ଦିଲ୍ଲୀପ ତିର୍କୀ ସ୍ପୋର୍ଟ୍ସ ଏକାଡେମୀ ମଧ୍ୟରେ ହୋଇ ଦିଲ୍ଲୀପ ତିର୍କୀ ଏକାଡେମୀ ବିଜୟୀ ହୋଇଥିଲା। ପରବର୍ତ୍ତୀ ମ୍ୟାଚ ଆର.କେ ଏକାଡେମୀ ବିହାର ଓ ସୁନ୍ଦଗଡ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ହୋଇ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଥିଲା। କିନ୍ତୁ ଅନ୍ୟ ମ୍ୟାଚ ଗୁଡିକ ପ୍ରବଳ ବର୍ଷା ଏବଂ ପବନ ଯୋଗୁଁ ବାତିଲ କରାଯାଇଥିଲା। ଏହି ଖେଳ ଗୁଡିକ ଓଡିଶା ସ୍ୱୀକୃତି ପ୍ରାପ୍ତ ଖେଳ ପରିଚାଳକମାନଙ୍କ ଦ୍ୱାରା କରାଯାଇଥିଲା। ଟେକ୍ନିକାଲ କମିଟିର ମୁଖ୍ୟ କାଳୁଚରଣ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ମ୍ୟାଚ ଗୁଡିକ ପରିଚାଳନା କରାଯାଇଥିଲା।

# ମହେନ୍ଦ୍ରତନୟା ନଦୀରେ ବୁଡି ମହିଳାଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବୋମିକା ଗ୍ରାମ ଦେଇ ଯାଇଥିବା ମହେନ୍ଦ୍ରତନୟା ନଦୀରେ ବୁଡି ଜଣେ ୫୫ ବର୍ଷିୟା ମହିଳାଙ୍କ ମୃତ୍ୟୁ ଘଟିଥିବାର ଗୁରାଣ୍ଡି ଥାନା ସୂତ୍ରରୁ ଜଣାପଡିଛି। ମୃତ ମହିଳା ଜଣକ ବୋମିକା ଗ୍ରାମର ବୃନ୍ଦା ରାଉଳ ବୃନ୍ଦା ନଦୀରେ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ବେଳେ ପାଣିରେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରାଣ୍ଡି ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଘଟଣା ନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସୂଚନା ଦେଇଛନ୍ତି।

# ମରଣଯନ୍ତା ପାଲଟିଛି ଲାଞ୍ଜିଗଡ-ବେନଗାଁ ରାସ୍ତା



କଳାହାଣ୍ଡି, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡଠାରୁ ବେନଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲାଞ୍ଜିଗଡଠାରୁ ବାନୀଗାଁ, ବୀରସିଙ୍ଗେର, ପାଜିବାହାଲି, ପଦ୍ମଥୋପା ଦେଇ ବେନଗାଁକୁ ସଂଯୋଗ କରୁଥିବା ଏହି ୧୨ କିମି ବିଶିଷ୍ଟ ରାସ୍ତା ନିର୍ମାଣ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସତେ ଯେମିତି ଭୁଲିଯାଇଛି। ଲାଞ୍ଜିଗଡ ତଥା ଶିଳ୍ପାଞ୍ଚଳରୁ ଘାଟି ଅଞ୍ଚଳକୁ ସିଧାସଳଖ ଯୋଡୁଥିବା ଏହି ରାସ୍ତାର ଦୁରାବସ୍ଥା ଯୋଗୁଁ ଲୋକେ ଯାତାୟତ କରିବା ମୁସ୍କିଲ ହୋଇପଡିଛି। ଏପରିକି ଏହି ରାସ୍ତା ଦେଇ ଯାନବାହନ ସହିତ ରୋଗୀ ନେଇ ଯିବାଆସିବା କରିବାକୁ ଆମ୍ବୁଲାନ୍ସ ପାଇଁ ମଧ୍ୟ ଅସୁବିଧା ହେଉଛି। ଘାଟି ନିକଟରେ ରାସ୍ତା ସଂପୂର୍ଣ୍ଣ ଉଜୁଡି ଯାଇଥିବାବେଳେ ଏହାର ମରାମତି ମଧ୍ୟ କରାଯାଉ ନାହିଁ। ଲାଞ୍ଜିଗଡ ବ୍ଲକର ଘାଟି ଅଞ୍ଚଳରେ ଥିବା ବେନଗାଁ, ଲାଖବାହାଲି, ବିଜେପୁର, ପାହାଡ଼ପଦର, ମାଳିଯୁବାଙ୍ଗ ଆଦି ପଞ୍ଚାୟତର ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଲାଞ୍ଜିଗଡ ଶିଳ୍ପାଞ୍ଚଳ ସମେତ ହାଟ ବଜାର ଓ ଡାକ୍ତରଖାନା ପାଇଁ ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବାବେଳେ ରାସ୍ତା କିନ୍ତୁ ଲୋକଙ୍କୁ ଗମନାଗମନରେ ସୁବିଧା କରିବା ପରିବର୍ତ୍ତେ ବାଧା ସାଜି ଉଭା ହୋଇଛି। ଯାହାଫଳରେ ବିପଦସଂକୁଳ ଏହି ରାସ୍ତା ପାଇଁ ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ଶିବରଞ୍ଜନ ସାହୁ କରିଥିବାବେଳେ ତାଙ୍କର ରକ୍ଷଣାବେକ୍ଷଣ ଅବଧି ସରିନାହିଁ। କିନ୍ତୁ ନିମ୍ନମାନର ରାସ୍ତା କାମ ଯୋଗୁଁ ଏହି ରାସ୍ତା ଅଧା ଦିନରେ ଉଜୁଡି ଯାଇଥିବାବେଳେ ଏହାର ମରାମତି ଓ ରକ୍ଷଣାବେକ୍ଷଣକୁ ସେ ନଜର ଅନ୍ଦାଜ କରିଚାଲିଛନ୍ତି। ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବାରମ୍ବାର ତାଗିଦ କରୁଥିଲେ ହେଁ ସେ ଖାତିର କରୁନଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ପଚାରିବାରୁ ସେ ଠିକାଦାରଙ୍କ ଅବହେଳାକୁ ସ୍ୱୀକାର କରିବା ସହିତ ପ୍ରତି ଦୁଇମାସରେ ଆମେ ଫଟୋ ଉଠେଇ ରାସ୍ତା ଖରାପ ଅଛି ବୋଲି ରିପୋର୍ଟ ଦେଉଛୁ କିନ୍ତୁ ସେ ଆଦୌ ଖାତିର କରୁନାହାନ୍ତି ବୋଲି କହିଛନ୍ତି। ସେହିପରି ଠିକାଦାର ଶ୍ରୀ ସାହୁଙ୍କ ଦ୍ୱାରା ନିର୍ମିତ ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଅବଧି ଶେଷ ହୋଇନଥିବାରୁ ଏଥିପାଇଁ ତାଙ୍କୁ ପୁଣି ତାଗିଦ କରାଯିବ ବୋଲି ଶ୍ରୀ ଖଟୁଆ କହିଛନ୍ତି।

# ବିରିକୋଟକୁ ନୂତନ ବ୍ଲକ ଗଠନ ଦାବି ଜୋର ଧରିଲା



ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ଗଜପତି ଜିଲ୍ଲାର ବିରିକୋଟକୁ ନୂତନ ବ୍ଲକ ଗଠନ କରିବା ଲାଗି ଦାବି ଜୋରଦାର ହୋଇଛି। ବିରିକୋଟ ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଏନେଇ ଗୁରୁବାର ମୋହନା ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୋହନା ବ୍ଲକରେ ୩୯ଟି ପଞ୍ଚାୟତ ରହିଛି। ସେଥିରୁ ଅଡବା ଜୋନରେ ଥିବା ୧୦ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। କାରଣ ଦୁର୍ଗମ ଅଞ୍ଚଳରେ ଥିବା ଲୋକେ ଶିକ୍ଷା, ସ୍ୱାସ୍ଥ୍ୟସେବା, ବଜାର ସଉଦା ସହ ବିଭିନ୍ନ କାର୍ଯ୍ୟାଳୟକୁ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ବିରିକୋଟ ଠାରେ ଏହି ନୂତନ ବ୍ଲକ ସ୍ଥାପନ କଲେ ଜନସାଧାରଣ ସମସ୍ତ ସୁବିଧା ପାଇପାରିବେ ବୋଲି ଅଞ୍ଚଳବାସୀ ପ୍ରଶାସନକୁ ଦାବି ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗିତା ଉଦଘାଟିତ




କଳାହାଣ୍ଡି, (ଡିକେ ନ୍ୟୁଜ୍): ସ୍ଥାନୀୟ ତାରିଣୀ ମନ୍ଦିର ରୋଡ ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଠାରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଚେସ ପ୍ରତିଯୋଗିତା କଳାହାଣ୍ଡି ଚେସ ଏକାଡେମୀ ତରଫରୁ ଉଦଘାଟିତ ହୋଇଯାଇଛି। ଚଳିତ ଏପ୍ରିଲ ୧୮ ଓ ୧୯ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି ଏବଂ ଏହି ପ୍ରତିଯୋଗିତାରେ ସଫଳ ହୋଇଥିବ କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଏପ୍ରିଲ ୩୦ରେ ପୁରସ୍କୃତ କରାଯିବ ବୋଲି ଏକାଡେମୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ଼.ଶିବରାମ ନାୟକ ସୂଚନା ଦେଇଛନ୍ତି। କଲେଜ ଛକ ଏସିଆଇ ବ୍ରାଞ୍ଚ ମ୍ୟାନେଜର ସୁମିତ ନାଗ, ସିନିଅର ନେସନାଲ ଅରବିଟର ରବୀନ୍ଦ୍ର ସାହୁ, କିସ କଳାହାଣ୍ଡି ମୁଖ୍ୟ ଦୁଷ୍ମନ୍ତ ପ୍ରଧାନ, ଶିକ୍ଷାବିତ୍ ଅରୁଣ ପାଣିଗ୍ରାହୀ, କଳାହାଣ୍ଡି ଚେସ ସଂଘ ସଭାପତି ହେମନ୍ତ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହି ଚେସ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା, ନିଷ୍ପତ୍ତି ନେବା ଶକ୍ତି ବିକଶିତ ହେବା ସହ ଚେସ ଖେଳ ହେଉଛି ମସ୍ତିଷ୍କର ବ୍ୟାୟାମଶାଳ ବୋଲି ସମସ୍ତ ଅତିଥି ଗଣ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଚେସ ଏକାଡେମୀର ଅଧ୍ୟକ୍ଷ ଡ଼.ନାୟକ ସଭା ପରିଚାଳନା କରିଥିଲେ ଓ ଏକାଡେମୀର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆବାସ ଯୋଜନା ସର୍ଭେରେ ପାତରଅନ୍ତର ଅଭିଯୋଗ

## ବିଡ଼ିଓଙ୍କ ନିକଟରେ ଫେରାଦ ହେଲେ ନୂଆପଡା ଗ୍ରାମର ମହିଳା ହିତାଧିକାରୀ



ଧର୍ମଗଡ, (ଡିକେ ନ୍ୟୁଜ୍): ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ରାଜ୍ୟରେ ହିତାଧିକାରୀ ଚୟନ ପାଇଁ ପ୍ରତି ବ୍ଲକ ସ୍ତରରେ ଥିବା ଗ୍ରାମ ପଞ୍ଚାୟତ ଗୁଡିକରେ ପଞ୍ଚାୟତ କର୍ମଚାରୀମାନେ ହିତାଧିକାରୀ ଚୟନ ପାଇଁ ଘର ଘର ବୁଲି ସରକାରଙ୍କ ମାନଦଣ୍ଡରେ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ ଦୟ ଯୋଜନାରେ ସାମିଲ କରିବା ପାଇଁ ସର୍ଭେ କାର୍ଯ୍ୟ ଜାରି ରଖିଛନ୍ତି। ତେବେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଶିବାହଲ ପଞ୍ଚାୟତ ନୂଆପଡା ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ଏହି ଯୋଜନାରେ ପାତର ଅନ୍ତର ହେଉଥିବା ନେଇ କୋକସରା ବିଡ଼ିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ସୂଚନା ମତେ ଆବାସ ଘର ପାଇଁ ପ୍ରତି ପଞ୍ଚାୟତରେ ସର୍ଭେ ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ନୂଆପଡା ଗ୍ରାମରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇନାହିଁ, ଫଳରେ ଆବାସ ଘର ପାଇବାକୁ ଚାହିଁ ରହିଥିବା ଯୋଗ୍ୟ ହିତାଧିକାରୀମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ଏନେଇ ପଞ୍ଚାୟତ ସରପଞ୍ଚଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗୁରୁବାର ନୂଆପଡା ଗ୍ରାମର ଶୋଭାସିନୀ ଶବରଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ମହିଳାମାନେ ବିଡ଼ିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି କେବେ ଆବାସ ଯୋଜନାରେ ଘର ସର୍ଭେ କାର୍ଯ୍ୟ ନୂଆପଡା ଗ୍ରାମରେ ଆରମ୍ଭ ହେବ ଓ ସେମାନେ କେବେ ଏହି ଯୋଜନାରେରେ ସାମିଲ ହେବେ ବୋଲି ପ୍ରଶ୍ନ କରିଥିଲେ। କୋକସରା ବିଡ଼ିଓ ଡ଼.ହିମାଞ୍ଚଳ ମାଝୀ ମହିଳାଙ୍କ ଅଭିଯୋଗ ପରେ ତୁରନ୍ତ ପଞ୍ଚାୟତର ପିଇଓ ଓ କର୍ମଚାରୀଙ୍କୁ ନୂଆପଡା ଗ୍ରାମକୁ ପଠାଇ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେବାପରେ ମହିଳାମାନେ ଶାନ୍ତ ପଡିବା ସହ ବିଡ଼ିଓଙ୍କୁ ଧନ୍ୟବାଦ ଦେଇ ଗାଁକୁ ଫେରିଥିଲେ।

# ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ନିଜ ଗାଡିରେ ହସ୍ପିଟାଲ ପଠାଇଲେ ଜିଲ୍ଲାପାଳ

ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ଦୁର୍ଘଟଣାଗ୍ରସ୍ତ ଜଣେ ବାଇକ ଚାଳକଙ୍କୁ ନିଜ ଗାଡିରେ ନେଇ ହସ୍ପିଟାଲରେ ଭର୍ତ୍ତି କରିବା ସହ ତାଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ସୁବିଧା ଯୋଗାଇଛନ୍ତି ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ। ଜିଲ୍ଲାପାଳଙ୍କ ଏଭଳି ମାନବିକତା ଯୋଗୁଁ ସାଧାରଣରେ ଜିଲ୍ଲାପାଳଙ୍କୁ ବେଶ ପ୍ରଂଶସା କରାଯାଇଛି। ଘଟଣାରୁ ପ୍ରକାଶ, ଗୁରୁବାର ଜିଲ୍ଲାପାଳ ବିଜୟ କୁମାର ଦାଶ କୌଣସି କାମରେ ଯାଉଥିବା ବେଳେ ପାରଳାଖେମୁଣ୍ଡି ଉପକାରାଗାର ସମ୍ମୁଖରେ ଜଣେ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇ ଛଟପଟ ହେଉଥିବା ଦେଖିବାକୁ ପାଇଥିଲେ। ସେ ତୁରନ୍ତ ସେଠାରେ ପହଞ୍ଚି ଡ୍ରାଇଭର ଓ ସୁରକ୍ଷା କର୍ମୀଙ୍କ ସହାୟତାରେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ସହ ନିଜ ଗାଡିରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତୁରନ୍ତ ଆହତଙ୍କ ଚିକିତ୍ସା କରାଇଥିଲେ। ଦୁର୍ଘଟଣାରେ ଆହତ ବ୍ୟକ୍ତି ସ୍ଥାନୀୟ ଆଇସିଆଇ ବ୍ୟାଙ୍କର କର୍ମଚାରୀ ବୋଲି ଜଣାପଡିଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡ଼ାକ୍ତରଖାନା ପକ୍ଷରୁ କୁହାଯାଇଛି। ଏହି ଘଟଣା ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ମାନବିକତାର ଏକ ଉଦାହରଣ ଭାବରେ ଦେଖାଯାଉଛି। ଜିଲ୍ଲାପାଳଙ୍କ ମାନବିକତା ଓ ଆଦର୍ଶ ଯାହା ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଏଲନ ମସ୍କଙ୍କ ସହ...

ସୂତ୍ରଗୁଡ଼ିକ ଏହି ବିଷୟରେ ଅବଗତ, ସେମାନେ କହିଛନ୍ତି ଯେ ଆମେରିକୀୟ ଇଲେକ୍ଟ୍ରିକ ଗାଡ଼ି ନିର୍ମାତା କମ୍ପାନୀ ଚଳିତ ବର୍ଷର ତୃତୀୟ ତ୍ରୈମାସିକରେ ମୁମ୍ବାଇ, ଦିଲ୍ଲୀ ଏବଂ ବେଙ୍ଗାଲୁରୁରେ ବିକ୍ରୟ ଆରମ୍ଭ କରିବାକୁ ଯୋଜନା କରୁଛି। ଟେସଲାର ଭାରତରେ ପ୍ରତୀକ୍ଷିତ ଆଗମନ ନୂଆଦିଲ୍ଲୀ ଏବଂ ୱାଶିଂଟନ ମଧ୍ୟରେ ଆମଦାନୀ ଶୁଳ୍କ ଉପରେ ଚାଲିଥିବା ଆଲୋଚନା ସହ ମଧ୍ୟ ସମନ୍ୱୟ ରଖୁଛି, ଯାହା ଦେଶରେ ଏହି ଗାଡ଼ି ନିର୍ମାତା କମ୍ପାନୀର ଦୀର୍ଘମିଆଦୀ ରଣନୀତିକୁ ଗଢ଼ିବ। ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ମୋଦିଙ୍କ ୱାଶିଂଟନରେ ମସ୍କଙ୍କ ସହ ପୂର୍ବ ବୈଠକ ଦ୍ୱାରା ଟେସଲାର ଭାରତ ଯୋଜନାରେ ନୂତନ ଗତି ପ୍ରାପ୍ତି ପରେ ଆସିଛି। ତାପରେ କମ୍ପାନୀ ରିପୋର୍ଟ ଅନୁଯାୟୀ ଶୋରୁମ ଏବଂ ଡେଲିଭରୀ ସମ୍ବନ୍ଧୀୟ ଭୂମିକା ପାଇଁ ନିଯୁକ୍ତି ଆରମ୍ଭ କରିଛି।

## ଚନ୍ଦନ ଯାତ୍ରା ପାଇଁ...

ଅପରାହ୍ଣ ୪ଟାରେ ରଥ ଆଜ୍ଞାମାଳ ବିଜେ ସହ ବିମାନ ଉଠିବ। ରାତ୍ର ୧୦ଟାରେ ଚନ୍ଦନ ଠାକୁରଙ୍କ ବାହୁଡ଼ା ବିଜେ ନୀତି, ୧୧ଟାରେ ବଡ଼ସିଂହାର ବେଶ ଏବଂ ରାତ୍ର ୧୨ଟା ୩୦ରେ ରାତ୍ର ପହୁଡ଼ ହେବ। ତେବେ ଗତବର୍ଷ ନରେନ୍ଦ୍ର ପୁଷ୍କରିଣୀରେ ବାଣ ବିସ୍ଫୋରଣରେ ୧୭ଜଣ ଲୋକ ପ୍ରାଣ ହରାଇଥିବାରୁ ଚଳିତ ବର୍ଷ ନରେନ୍ଦ୍ର ପୁଷ୍କରିଣୀରେ ବାଣ ଫୁଟା ଉପରେ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଭକ୍ତଙ୍କ ସୁରକ୍ଷା ପାଇଁ ମଧ୍ୟ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପୁରୀ ଏସପି ଓ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ମେ ୫ ତାରିଖରେ ମହାପ୍ରଭୁଙ୍କ ନିଳାଦ୍ରୀ ମହୋଦୟ ନୀତି, ମେ ୧୧ ତାରିଖରେ ଅନୁଷ୍ଠିତ ହେବାକୁଥିବା ନୃସିଂହ ଜନ୍ମ ନୀତି ନିର୍ଘଣ୍ଟ ସହିତ ମେ ୧୯ରେ ଭଉଁରୀ ଯାତ୍ରା ପାଇଁ ନୀତି ନିର୍ଘଣ୍ଟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୁଡାନ୍ତ କରାଯାଇଛି।

## ଦ୍ୱିତୀୟଥର ପାଇଁ...

ବାହାରିଥିଲା ମା'ଙ୍କ ଘଟ। ଏହା ପରେ ପଣ୍ଡିତ ସାହି, ଖରଣ ସାହି, ଶଗଡ଼ିଆ ମାର୍ଥ ସାହି ପରିକ୍ରମା କରିଥିଲା। ପରେମା'ଙ୍କ ଘଟ ଶୋଭଯାତ୍ରା ପୁଣି କୋରିବାରି ସାହି, ଖାସ୍କାସାହି, ନଡିଆ ବଜାର ହୋଇ ଅସ୍ଥାୟୀ ପୀଠକୁ ବାହୁଡି ଥିଲା ଓ ମା'ଙ୍କ ଘଟ ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଘର ଆଗରେ ପାଣି କୁମ୍ଭ ରଖୁବା ସହ ମୁଖ୍ୟ ଘଟଧାରୀଙ୍କ ପାଦରେ ହଳଦୀ ଓ କର୍ପୁର ମିଶା ପାଣି ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ଡେପୁଟେସନରେ...

ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବରେ ନିଯୁକ୍ତ କରାଯାଇଛି। ସେ ୨୦୨୫ ଜୁନ୍ ୩୦ରେ ଅବସର ନେବାକୁ ଯାଉଥିବା ଆଇଏଏସ୍ ଅଧିକାରୀ ଉମଙ୍ଗ ନରୁଲାଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି। କେନ୍ଦ୍ର ମଧ୍ୟ ଓଡ଼ିଶା-କ୍ୟାଡର ଆଇଏଏସ୍ ଅଧିକାରୀ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କ ଡେପୁଟେସନ କାର୍ଯ୍ୟକାଳକୁ ନୂତନ ଦାୟିତ୍ୱ ସହିତ ବୃଦ୍ଧି କରିଛି। ୧୯୯୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ, ଯିଏ ବର୍ତ୍ତମାନ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟରେ ମହାନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି, ତାଙ୍କୁ ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟର ସଚିବ ଭାବରେ ନିଯୁକ୍ତ କରାଯାଇଛି। ଏସିସି ରଞ୍ଜନା ଚୋପ୍ରାଙ୍କୁ ଭାରତ ସରକାରଙ୍କ ସଚିବ ପଦ ଏବଂ ଦରମାରେ ସ୍ୱତନ୍ତ୍ର ସଚିବ ସ୍ତରରେ ଅତ୍ୟାଧୁନିକ ପଦୋନ୍ନତି ପ୍ରଦାନ କରିବାକୁ ମଧ୍ୟ ଅନୁମୋଦନ କରିଛି। ୧୯୯୪ ବ୍ୟାଚର ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀଙ୍କୁ ସଂସ୍କୃତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏବଂ ଆର୍ଥିକ ପରାମର୍ଶଦାତା ଭାବରେ ପଦୋନ୍ନତି ଦିଆଯାଇଥିଲା।

## ରୁଷ-ୟୁକ୍ରେନ ଯୁଦ୍ଧରେ...

ଦେଇଛନ୍ତି। ଗୁରୁବାର ଟ୍ରମ୍ପ କହିଥିଲେ ଯେ ତାଙ୍କର ଆଶା ଆସନ୍ତା ସପ୍ତାହରେ ଆମେରିକା ଓ କିଭ ମଧ୍ୟରେ ଗୋଟିଏ ଚୁକ୍ତି ହେବ। ଏହି ଚୁକ୍ତି ବଳରେ ଆମେରିକା ବେଶ ସହଜରେ ୟୁକ୍ରେନର ଖଣିଜ ଦ୍ରବ୍ୟକୁ ବ୍ୟବହାର କରିପାରିବ। ଫେବୃଆରୀମାସରେ ମଧ୍ୟ ଆମେରିକା ପକ୍ଷରୁ ୟୁକ୍ରେନ ସହ ମିନରାଲ୍ସ ଚୁକ୍ତି ହେବାର ଥିଲା। ଏଥିପାଇଁ ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି ଓଭାଲ ଅଫିସରେ ପହଞ୍ଚିଥିଲେ। ହେଲେ ବୈଠକରେ ଟ୍ରମ୍ପ ଓ ଉପ ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଜେଲେନସ୍କିଙ୍କ ଯୁକ୍ତି ତୀବ୍ର ରୂପ ନେଇଥିଲା। ଏଥିଯୋଗୁ ଆମେରିକା ଓ ୟୁକ୍ରେନ ମଧ୍ୟରେ ତିକ୍ତତା ବିଥିଲା। ତେବେ ପରବର୍ତ୍ତୀ ଅବସ୍ଥାରେ ପୁଣି ଦୁଇ ଦେଶ ଏକାଠି ହେବା ସହ ଆମେରିକାର ବୈଦେଶିକ ମନ୍ତ୍ରୀ ରୁବିଓ ପ୍ୟାରିସରେ ୟୁକ୍ରେନ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ଏଥିସହ ଦୁଇ ଦେଶ ମଧ୍ୟରେ ଚୁକ୍ତି ହେବାକୁ ବି ଯାଉଛି। ରାଷ୍ଟ୍ରପତି ଟ୍ରମ୍ପ ରୁଷ ଓ ୟୁକ୍ରେନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ମଧ୍ୟସ୍ଥତା କରୁଛନ୍ତି। କିନ୍ତୁ କିଛି ଦିନ ତଳେ ରୁଷ ସେନା ୟୁକ୍ରେନର ସୁମୀ ସହର ଉପରେ ମିସାଇଲ ମାଡ଼ କରିଥିଲା। ଏଥିରେ ୩୪ ଜଣଙ୍କ ମୃତ୍ୟୁ ହୋଇଥିଲା। ରୁଷର ଏପରି ମିସାଇଲ ମାଡ଼କୁ ଆମେରିକା ନିନ୍ଦା କରିଥିଲା। ଆକ୍ରମଣ କରି ରୁଷ ଭୁଲ କରିଥିବା ଆମେରିକା କହିଥିଲା।

## ଝଡ଼ବର୍ଷା ପାଇଁ...

ଢ଼େଙ୍କାନାଳ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗରି ଜିଲାରେ ମଧ୍ୟ ଶନିବାର ବର୍ଷା ହୋଇପାରେ। ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ସହ ବିଜୁଳି ଘଡ଼ଘଡ଼ି ବିପଦ ରହିଥିବାରୁ ଏହି ସବୁ ଜିଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକବାର ଭୁବନେଶ୍ୱରରେ ସର୍ବାଧିକ ୨୬.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ପୁରୀରେ ୨୬ ମିମି, ଢ଼େଙ୍କାନାଳରେ ୨୩.୮, ବାଲେଶ୍ୱରରେ ୧୮.୦, ବାରିପଦାରେ ୧୧.୦୦, ପାରଳାଖେମୁଣ୍ଡିରେ ୬.୬, କଟକରେ ୩.୨ ଏବଂ ଖୋର୍ଦ୍ଧାରେ ୨.୦ ମିମି ବର୍ଷା ରେକର୍ଡ ହୋଇଛି। ତେବେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନପାରେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସୋନିଆ ଓ ରାହୁଲ୍‌ଙ୍କ କୁଶ ପୁତ୍ତଳିକା ଜାଳିଲା ବିଜେପି ଯୁବମୋର୍ଚ୍ଚା



କେନ୍ଦୁଝର, (ଡିକେ ନ୍ୟୁଜ୍): ନ୍ୟାସନାଲ ହେରାଲ୍ଡ ସ୍କାମରେ ୬ ହଜାର କୋଟିର ଅର୍ଥ ଲୁଟରେ ସିଧା ସଳଖ ସଂପୃକ୍ତ ଥିବା କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଶୁକ୍ରବାର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ସବୀର ଦାଶଙ୍କ ନେତୃତ୍ୱରେ ଶତାଧିକ ଯୁବ କାର୍ଯ୍ୟକର୍ତ୍ତା କେନ୍ଦୁଝର ସହର ସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସହରର ସହିଦ୍ ସଦନ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଶତାଧିକ କର୍ମୀ ବାହାରି ଲାବଣ୍ୟ ଛକ ନିକଟସ୍ଥ କଂଗ୍ରେସ ଭବନ ସମ୍ମୁଖରେ ବିକ୍ଷୋଭ କରିଛି। ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର କେନ୍ଦୁଝର ଜିଲ୍ଲାର ସାଧାରଣ ସମ୍ପାଦକ ତଥା ଯୁବମୋର୍ଚ୍ଚା ପ୍ରଭାରୀ ଅନୁବ୍ରତ ବେହେରା, ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ପ୍ରକାଶ ମଲ୍ଲିକ, ଜିଲ୍ଲା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ପ୍ରେମ ପ୍ରକାଶ ମୁଣ୍ଡା ଏବଂ ରୁଦ୍ର ପ୍ରସାଦ ବେହେରା, ଯୁବନେତା ଜିଲ୍ଲା ଉପ ସଭାପତି ଆନିନ୍ଦ୍ୟ ବେହେରା, ଅଶ୍ୱିନୀ ମହାନ୍ତ, ସମ୍ପାଦକ ବିଷ୍ଣୁ ତ୍ରିପାଠୀ, ସଚ୍ଚିଦାନନ୍ଦ ବେହେରା, ରୁପେଶ ଚନ୍ଦ୍ର ରଣା, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଲକ୍ଷ୍ମଣ ରାଉତ, ଅସିତ ନନ୍ଦନ ମହାନ୍ତି, ନଗର ସଭାପତି ପଙ୍କଜ ଦିବେଦୀ, ଜଗମୋହନ କର, ସୁରଜ୍ ବାରିକ୍, ଜିଲ୍ଲା ଉପ ସଭାପତି ଗୋପୀନାଥ ରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାୟକ, ଶିବ କୁମାର ରାଠୋର, ବ୍ରଜକିଶୋର ରାୟଙ୍କ ସମେତ ସମସ୍ତ ମଣ୍ଡଳର ସଭାପତି ଏବଂ ଜିଲ୍ଲା ଯୁବ ନେତୃତ୍ୱମାନେ ସାମିଲ ହୋଇଥିଲେ।

# କଳାହାଣ୍ଡି ସ୍କୁଲ ଅଫ ଇଞ୍ଜିନିୟରିଙ୍ଗ ଏଣ୍ଡ ଟେକ୍ନୋଲୋଜିରେ ଅନିୟମିତତା ଅଭିଯୋଗ

ଭବାନୀପାଟଣା, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଉପକଣ୍ଠରେ ଥିବା ଉଦିତ ନାରାୟଣପୁର କଳାହାଣ୍ଡି ସ୍କୁଲ ଅଫ ଇଞ୍ଜିନିୟରିଙ୍ଗ ଏଣ୍ଡ ଟେକ୍ନୋଲୋଜି (କେଏସଇଟି)ରେ ଅନେକ ଅନିୟମିତତା ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏହି ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଅଜାଣତରେ ସେମାନଙ୍କ ନାମରେ ଶିକ୍ଷା ଋଣ ଉଠାଯାଇଥିବା ଅଭିଯୋଗ ହୋଇଛି। ଏପରିକି କେଏସଇଟିରେ ନାମ ଲେଖାଇ ଘରୁ ଯିବା ଆସିବା କରି (ଡେ ସ୍କୋଲାର) ପାଠ ପଢୁଥିବା ଛାତ୍ରମାନଙ୍କୁ ହଷ୍ଟେଲରେ ରହୁଥିବା ଦର୍ଶାଇ ଛାତ୍ରଛାତ୍ରୀମାନଙ୍କୁ ମିଳୁଥିବା ସରକାରୀ ସହାୟତା ଅର୍ଥକୁ ହଡପ କରିଥିବା ପୂର୍ବତନ ଛାତ୍ର ଲଳିତ ନାଏକ ଅଭିଯୋଗ କରିଛନ୍ତି। ସେଭଳି ଜୟଦେବ ବାଗ ନାମକ ଜଣେ ପୂର୍ବତନ ଛାତ୍ର ତାଙ୍କ ଅଜାଣତରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ନାମରେ ଶିକ୍ଷା ଋଣ ଉଠାଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରକାର ସହଯୋଗ କରୁନଥିବା ଅଭିଯୋଗ କରିଛନ୍ତି। ଏହି ସ୍କୁଲରେ ପାଠ ପଢି ପାସ କରିଥିବା କେତେକ ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି। ଆଦିବାସୀ ପିଲାମାନଙ୍କ ଉଚ୍ଚ ଶିକ୍ଷାପାଇଁ ସରକାର ଆର୍ଥିକ ସହାୟତା ଦେଉଛନ୍ତି। ହେଲେ କେଏସଇଟି ସ୍କୁଲରେ ପିଲାଙ୍କ ସରକାରୀ ସହାୟତା ଅର୍ଥକୁ ହଡପ କରୁଥିବା କେତେକ ଛାତ୍ର ଅଭିଯୋଗ କରିଛନ୍ତି। ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷାପାଇଁ ସରକାର ବାର୍ଷିକ ୩୬, ୫୦୦ ଟଙ୍କା ଦେଉଛନ୍ତି କିନ୍ତୁ କେଏସଇଟିରେ ଆଦିବାସୀ ଇଞ୍ଜିନିୟରିଙ୍ଗ ଡିପ୍ଲୋମା ପାଇଁ ବାର୍ଷିକ ୨୬,୫୦୦ ଟଙ୍କା ସ୍କୁଲ ଫିଜ ଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ସମସ୍ତ ୩୬,୫୦୦ ଟଙ୍କା ଉଠାଇଥିବା ଛାତ୍ରଛାତ୍ରୀମାନେ ଜାଣିପାରିଥିଲେ। ସମସ୍ତ ପିଲା ହଷ୍ଟେଲରେ ରହୁଥିବା ଦର୍ଶାଇ ସମସ୍ତ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ବ୍ୟାଙ୍କରୁ ନୋଟିସ ଓ କୋର୍ଟ ନୋଟିସ ଆସିବାପରେ ଛାତ୍ରଛାତ୍ରୀମାନଙ୍କ ନାମରେ ସ୍କୁଲ କର୍ତ୍ତୃପକ୍ଷ ଚଞ୍ଚକତା କରି ଶିକ୍ଷା ଋଣ ଉଠାଇଥିବା ଅଭିଭାବକମାନେ ଜାଣିପାରିଥିବା ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି କେଏସଇଟିରେ ଏଭଳି ଅନେକ ଅନିୟମିତତା ହେଉଥିଲେ ମଧ୍ୟ କିଭଳି ଉଚ୍ଚ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅପରପକ୍ଷେ କେଏସଇଟିର କେତେକ କର୍ମଚାରୀଙ୍କୁ ପୁରା ଦରମା ପ୍ରଦାନ କରାଯାଉନଥିବା ଭଳି ଅଭିଯୋଗ ମଧ୍ୟ ହେଉଛି। ଯାହାର ପ୍ରତିଫଳନ ସ୍ୱରୂପ ଏହି ଅନୁଷ୍ଠାନର ଜଣେ ସଫେଇ କର୍ମଚାରୀ ଦରମା ପାଇ ନଥିବା ଅଭିଯୋଗ କରି କେଏସଇଟିର ଗେଟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଏସମ୍ପର୍କରେ କେଏସଇଟିର ପ୍ରିନ୍ସପାଲ ଶୁଭଶ୍ରୀ ତ୍ରିପାଠୀ ଏବଂ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ମିଶ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୋଗକୁ ଭିତ୍ତିକରି ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡିବା ସହ ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷା ପାଇଁ ଆସୁଥିବା ସରକାରୀ ଅର୍ଥ କିଭଳି ଭାବେ କାହାଦ୍ୱାରା ବର୍ଷ ବର୍ଷ ଧରି ହଡପ କରାଯାଉଛି ତାହା ଜଣାପଡିବ। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହିଘାଟଣାକୁ ଗୁରୁତ୍ୱ ପ୍ରଦାନ କରି ଶୀଘ୍ର ତଦନ୍ତ କରିବାପାଇଁ ପୂର୍ବତନ ଛାତ୍ର ମହଲରେ ଦାବି ହେଉଛି।







# ସୁଟିଂ ବିଶ୍ୱକପ୍: ସୁରୁଚିଙ୍କୁ ଆଉ ଏକ ସ୍ୱର୍ଣ୍ଣ



ଲିମା, ୧୮।୪ (ହି.ସ): ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ସୁଟିଂ ବା ବନ୍ଧୁକ ଚାଳନା ବିଶ୍ୱକପରେ ୨ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ସୁରୁଚି ସିଂହ। କ୍ରମାଗତ ୨ୟ ଦିନରେ ସୁରୁଚିଙ୍କ ଏହା ୨ୟ ସ୍ୱର୍ଣ୍ଣ। ସୌରଭ ଚୌଧୁରୀଙ୍କ ସହ ମିଶି ସୁରୁଚି ମିଶ୍ରିତ ଦଳଗତ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଛନ୍ତି। ବୁଧବାର ରାତିରେ ହୋଇଥିବା ସ୍ୱର୍ଣ୍ଣପଦକ ମୁକାବିଲାରେ ସୁରୁଚି-ସୌରଭ ମୋଟ ୧୭ ପଏଣ୍ଟ ହାସଲ କରିଥିବା ବେଳେ ରୌପ୍ୟପଦକ ଜିତିଥିବା ଚୀନର କ୍ୱିଆନଜୁନ ୟାଓ ଓ କାଇ ହୁଙ୍କ ଯୋଡ଼ି ୯ ପଏଣ୍ଟ ପାଇଥିଲେ। ଏହି ଇଭେଣ୍ଟର କାଂସ୍ୟପଦକ ମୁକାବିଲାରେ ଭାରତର ଅନ୍ୟ ନାମୀ ଯୋଡ଼ି ମନୁ ଭାକର-ରବିନ୍ଦର ସିଂହ ପରାସ୍ତହୋଇ ପୋଡିୟମ୍ ଫିନିସରୁ ବଞ୍ଚିତ ହୋଇଥିଲେ। ୨ଟି ଅଲିମ୍ପିକ ପଦକ ବିଜୟିନୀ ମନୁ ଭାକର ଓ ରବିନ୍ଦର ଫାଇନାଲରେ ମାତ୍ର ୬ ପଏଣ୍ଟ ସ୍କୋର୍ କରିଥିବା ବେଳେ କାଂସ୍ୟ ପଦକ ଜିତିଥିବା ଚୀନ୍ ଯୋଡ଼ି ୧୬ ପଏଣ୍ଟ ସ୍କୋର୍ କରିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ସିଂହ ଓ ସୌରଭ ଚୌଧୁରୀ ମୋଟ ୫୮୦ ପଏଣ୍ଟ ସ୍କୋର୍ କରିଥିଲେ। ୫୮୫ ପଏଣ୍ଟ ସହ ଚୀନର ଯୋଡ଼ି କ୍ୱିଆନଜୁନ ୟାଓ ଓ କାଇ ହୁ ପ୍ରଥମ ସ୍ଥାନରେ ରହିଥିଲେ। ଫାଇନାଲରେ ଚୀନ ଯୋଡ଼ି ଏକଦା ୬-୨, ୮-୪ ପଏଣ୍ଟରେ ଆଗୁଆ ଥିଲେ ହେଁ ସୁରୁଚି-ସୌରଭ ଲଢ଼ୁଆ ପ୍ରତ୍ୟାବର୍ତ୍ତନ କରି ୧୭-୯ ପଏଣ୍ଟରେ ଜିତି ନେଇଥିଲେ। ହରିୟାଣାର ଝାଝାର ବାସିନ୍ଦା ୧୮ ବର୍ଷ ବୟସ୍କା ସୁରୁଚି ସିଂହ କ୍ରମାଗତ ୨ଟି ବିଶ୍ୱକପରେ ସ୍ୱର୍ଣ୍ଣପଦକ ଜିତି ପାରିଛନ୍ତି। ଗତ ସପ୍ତାହରେ ସେ ବ୍ୟୁନସ୍ ଆଇରିସ୍ ବିଶ୍ୱକପରେ ମଧ୍ୟ ସ୍ୱର୍ଣ୍ଣପଦକ ଜିତିଥିଲେ। ସୂଚନାଯୋଗ୍ୟ ବୁଧବାର ସକାଳେ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ସୁରୁଚି ସ୍ୱର୍ଣ୍ଣପଦକ ଜିତି ପାରିଥିଲେ। ଫାଇନାଲରେ ଭାରତର ସୁଟିଂ ତାରକା ମନୁ ଭାକରଙ୍କୁ ସୁରୁଚି ପରାସ୍ତକରି ସ୍ୱର୍ଣ୍ଣ ଜିତିଥିଲେ।

## ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଆୟୋଜନ ନେଇ ୭ ଦେଶ ଆଗ୍ରହୀ, ଦୌଡ଼ରେ ଭାରତ



ନୂଆଦିଲ୍ଲୀ, ୧୮।୪ (ହି.ସ): ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗ୍ଲାସଗୋରେ ଆୟୋଜିତ ହେବ। ପରବର୍ତ୍ତୀ ସଂସ୍କରଣ ଗୁଡ଼ିକ ଆୟୋଜନ ନେଇ ବିଶ୍ୱର ୪ଟି ମହାଦେଶରୁ (ଏସିଆ, ଆଫ୍ରିକା, ଆମେରିକା ଓ ଓସେନିଆ) ୭ଟି ଦେଶ ଆଗ୍ରହ ପ୍ରକାଶ କରିଛନ୍ତି। ଭାରତ, କାନାଡ଼ା ନାଇଜେରିଆ ୨୦୩୦ କ୍ରୀଡ଼ା ଆୟୋଜନ ନେଇ ଆଗ୍ରହୀ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫ୍ୟୁଚର କମିଟିକୁ ଜଣାଇଛି। ସେମିତି ୨୦୩୪ ସଂସ୍କରଣ ନ୍ୟୁଜିଲାଣ୍ଡ ଆୟୋଜନ କରିବାକୁ ଆଗ୍ରହୀ ରହିଛି। ୨୦୧୦ କ୍ରୀଡ଼ା ଦିଲ୍ଲୀରେ ଆୟୋଜିତ ହୋଇଥିଲା। ପୁଣି ଦୁଇ ଦଶନ୍ଧି ପରେ ହୁଏତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତକୁ ଫେରିପାରେ। ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ନେଇ ଭାରତୀୟ ଅଲିମ୍ପିକ୍ସ ସଂଘ ଏବଂ କେନ୍ଦ୍ର ସରକାର ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଅହମ୍ମଦାବାଦରେ କ୍ରୀଡ଼ା ଆୟୋଜନ କରାଯିବା ସଂପର୍କରେ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇ ସାରିଛି।

# ପୁଣି ଖେଳାଯିବ ଟି୨୦ ମୁମ୍ବାଇ ଲିଗ୍: ରୋହିତ ହେବେ ବ୍ରାଣ୍ଡ ଆମ୍ବାସାଡର

ମୁମ୍ବାଇ, ୧୮।୪ (ହି.ସ): ଭାରତର ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ରୋହିତ ଶର୍ମା ଟି୨୦ ମୁମ୍ବାଇ ଲିଗରେ ବ୍ରାଣ୍ଡ ଆମ୍ବାସାଡର ହେବାକୁ ଯାଉଛନ୍ତି। କୋଭିଡ୍ ମହାମାରୀ ପୂର୍ବରୁ ଏହି ଲିଗ୍ ୨୦୧୮ ଓ ୨୦୧୯ରେ ଦୁଇଥର ଖେଳାଯାଇଛି। ରୋହିତ ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଥିଲେ ମଧ୍ୟ ଆଇପିଏଲରେ ଖେଳୁଛନ୍ତି। ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟର, ଅଜିଙ୍କ୍ୟ ରାହାନେ, ଶିବମ ଦୁବେ, ତୁଷାର ଦେଶପାଣ୍ଡେ ପ୍ରମୁଖ ମୁମ୍ବାଇର କେତେଜଣ ଲୋକପ୍ରିୟ ଖେଳାଳି ରହିଛନ୍ତି। ଟେଷ୍ଟ ଓପନ ଯଶସ୍ୱୀ ଜୟସ୍ୱାଲ କିଛିଦିନ ତଳେ ଗୋଆରେ ଯୋଗଦେଇଛନ୍ତି। ଏହି ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ଆଇପିଏଲ୍ ସହିତ ସମ୍ପୃକ୍ତ। ଆଇପିଏଲ୍ ଶେଷ ନ ହେବା ପର୍ଯ୍ୟନ୍ତ ଇଭେଣ୍ଟ ଆରମ୍ଭ ନ କରିବା ଲାଗି ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମସିଏ) ସ୍ଥିର କରିଛି। ଏହି ଖେଳାଳିମାନେ ଟି୨୦ ମୁମ୍ବାଇ ଲିଗରେ ଖେଳିବେ ବୋଲି ଆଶା କରାଯାଉଛି। ମାତ୍ର ସେମାନଙ୍କୁ ବାଧ କରାଯିବ ନାହିଁ। ଇଭେଣ୍ଟରେ ଅଂଶଗ୍ରହଣ ଦ୍ୱାରା କେବଳ ମୁମ୍ବାଇ କ୍ରିକେଟର ବିକାଶ ଘଟିବ ନାହିଁ ବରଂ ଖେଳାଳି ଓ ଲିଗ୍ ଉପକୃତ ହେବେ ବୋଲି ଏମସିଏର ଜଣେ ଅଫିସିଆଲ କହିଛନ୍ତି। ଶୁକ୍ରବାର ଇଭେଣ୍ଟ ସମ୍ପର୍କରେ ଘୋଷଣା କରାଯିବ। କାର୍ଯ୍ୟକ୍ରମରେ ରୋହିତ ଉପସ୍ଥିତ ରହିବେ ବୋଲି ଆଶା କରାଯାଉଛି। ଖବର ଅନୁସାରେ ପ୍ରତିଯୋଗିତାରେ ଏମସିଏ ଆଇକନ ଖେଳାଳିମାନଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏ ଦେବ। ଇଭେଣ୍ଟରେ ଅଂଶ ଗ୍ରହଣ କରିବା ଲାଗି ୨,୮୦୦ରୁ ଅଧିକ ଖେଳାଳି ଆଗ୍ରହ ପ୍ରକାଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେବେ। ଦୁଇଟି ନୂଆ ଦଳ ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଅନ୍ୟ ୬ଟି ଦଳ ହେଲେ ନର୍ଥ ମୁମ୍ବାଇ ପାନ୍ଥର୍ସ, ଏଆରସିଏସ୍ ଅନ୍ଧେରୀ, ଟ୍ରିମ୍ଫ ନାଇଟ୍ସ, ମୁମ୍ବାଇ ନର୍ଥ ଇଷ୍ଟ, ନମୋ ବାନ୍ଦ୍ରା ବ୍ଲାଷ୍ଟର୍ସ, ଇଗଲ ଥାନେ ଷ୍ଟ୍ରାଇକର୍ସ ଓ ଆକାଶ ଟାଇଗର୍ସ, ମୁମ୍ବାଇ ୱେଷ୍ଟର୍ନ ସବଅର୍ବସ।

# ପୁଣି ସ୍ୱର୍ଣ୍ଣ ପଦକ ଜିତିଲେ ଗୋଲ୍ଡେନ୍ ବୟ ନୀରଜ ଚୋପ୍ରା



ନୂଆଦିଲ୍ଲୀ, ୧୮।୪ (ହି.ସ): ଗୋଲ୍ଡେନ ବୟ ନୀରଜ ଚୋପ୍ରା ପୁଣି ଦେଖାଇଲେ କମାଲ। ଭାରତ ପାଇଁ ଦୁଇଟି ଅଲିମ୍ପିକ ପଦକ ଆଣି ସାରିଥିବା ନୀରଜ ବୁଧବାର ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସାଉଥ୍ ଆଫ୍ରିକାର ପେଟଚେଫଷ୍ଟ୍ରୁମରେ ପଟ୍ ଇନଭେଟସନାଲ ଟ୍ରାକ୍ ଟୁର୍ଣ୍ଣାମେଣ୍ଟ ଜିତି ଗୋଲ୍ଡ ମେଡାଲ ନିଜ ନାଁରେ ସେ କହିଛନ୍ତି। ଏହି ଇଭେଣ୍ଟରେ ନୀରଜ ୮୪.୫୨ ମିଟର ଜାଭେଲିନ୍ ଥ୍ରୋ କରି ପ୍ରଥମ ସ୍ଥାନରେ ରହିଥିଲେ। ଏହା ସହ ନିଜର ନାଁରେ କରିଥିଲେ ସ୍ୱର୍ଣ୍ଣପଦକ। ଏହି ଟୁର୍ଣ୍ଣାମେଣ୍ଟ ଜିତିବା ପରେ ନିରଜଙ୍କ ଆତ୍ମବିଶ୍ୱାସ ଡାଇମଣ୍ଡ ଲିଗ୍ ଟୁର୍ଣ୍ଣାମେଣ୍ଟ ପାଇଁ ବଢିବ। ନୀରଜ ସାଉଥ୍ ଆଫ୍ରିକାରେ ଜାଭେଲିନ୍ ଥ୍ରୋୟର ଡି ସ୍ମିଟ୍‌ଙ୍କଠାରୁ ଖୁବ୍ ଆଗରେ ରହିଥିଲେ। ସେ ୮୨.୪୪ ମିଟର ପର୍ଯ୍ୟନ୍ତ ଥ୍ରୋ କରିଥିଲେ। ନିରଜ ୬ ଖେଳାଳିଙ୍କ ଭିତରେ ଚାଲିଥିବା ଫାଇନାଲ ମ୍ୟାଚରେ ଟପ୍ ପୋଜିସନରେ ଥିଲେ। ନୀରଜ ସେଠାରେ ୮୪.୫୨ ମିଟର ପର୍ଯ୍ୟନ୍ତ ଜାଭେଲିନ୍ ଥ୍ରୋ କରିଥିଲେ। ଯଦିଓ ତାଙ୍କର ବ୍ୟକ୍ତିଗତ ବେଷ୍ଟ ଥ୍ରୋ ରହିଛି ୮୯.୯୪ ମିଟର। ସ୍ମିଟ୍ ନିଜର ବେଷ୍ଟ ଥ୍ରୋ ୮୩.୨୯ ମିଟର ପାଖାପାଖି ପହଞ୍ଚିଥିଲେ। ଏହି ଇଭେଣ୍ଟରେ ତୃତୀୟ ନମ୍ବରରେ ଡଙ୍କନ ରବର୍ଟସନ୍ ଥିଲେ, ଯିଏକି ୭୧.୨୨ ମିଟର ଥ୍ରୋ କରିଥିଲେ। ନୀରଜଙ୍କ ଆଗାମୀ ବଡ଼ ଇଭେଣ୍ଟ ୧୬ ମଇରେ ଦୋହା ଡାଇମଣ୍ଡ ଲିଗରେ ରହିଛି। ସେଠାରେ ତାଙ୍କୁ କଡା ଚ୍ୟାଲେଞ୍ଜର ସମନା କରିବାକୁ ପଡିବ। ୨୦୨୪ ପ୍ୟାରିସ୍ ଅଲିମ୍ପିକରେ ନୀରଜ ୮୯,୪୫ ମିଟର ଥ୍ରୋ ସହ ବ୍ରୋଞ୍ଜ ପଦକ ଜିତିଥିଲେ। ସେଭଳି ପାକିସ୍ତାନର ଅର୍ଶଦ ନଦମୀ ୯୨.୯୭ ମିଟର ନୂଆ ଅଲିମ୍ପିକ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଯେତେ ସିଜିନ୍ ପାଖେଇ ଆସୁଛି ସମସ୍ତଙ୍କ ନଜର ନିରଜଙ୍କ ଉପରେ ରହିବ। କ'ଣ ନଦୀମ ରେକର୍ଡକୁ ଚ୍ୟାଲେଞ୍ଜ ଦେଇପାରିବେ କି ନାହିଁ। ଆଜିକାଲି ନୀରଜ ନିଜର ନୂଆ କୋଚ୍ ଚେକ୍ ଗଣରାଜ୍ୟର ଜାନ୍ ଜେଲେଜନିଙ୍କ ତତ୍ତ୍ୱାବଧାନରେ ପୋଟଚେଫଷ୍ଟ୍ରୁମରେ ପ୍ରାକ୍ଟିସ୍ କରୁଛନ୍ତି।

# ୨୬ରେ ଡାଇମଣ୍ଡ ଲିଗ୍: ଭାଗନେବେ ସାବଲେ

ନୂଆଦିଲ୍ଲୀ, ୧୮।୪ (ହି.ସ): ଜାତୀୟ ରେକର୍ଡଧାରୀ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବଲେ ଏପ୍ରିଲ ୨୬ରେ ଚାଇନାର ଜିଆମେନଠାରେ ହେବାକୁଥିବା ସିଜନ ଓପନିଂ ଡାଇମଣ୍ଡ ଲିଗ୍ ମିଟିଂରେ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱର ଆଗଧାଡ଼ି ଆଥଲେଟମାନେ ଭାଗ ନେବେ। ସେମାନଙ୍କ ମଧ୍ୟରେ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ମରକ୍କୋର ସୋଫିଆନେ ଏଲ୍ ବାକାଲି ରହିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ଓ ୱାର୍ଲଡ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା କେନିଆର ଆବ୍ରାହମ କିବିଓତ ମଧ୍ୟ ଏଥିରେ ଭାଗନେବେ। ଏହି ଷ୍ଟିପଲଚେଜର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାବଲେଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଡାଇମଣ୍ଡ ଲିଗ୍ ଫାଇନାଲ ପରେ ସାବଲେ ପ୍ରଥମ ଥର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଗତଥର ସେ ୮ ମିନିଟ ଓ ୧୭.୦୯ ସେକେଣ୍ଡ ଟାଇମିଂରେ ୯ମ ସ୍ଥାନରେ ରହିଥିଲେ। ୮:୦୯.୯୧ ଟାଇମିଂ ସହ ଜାତୀୟ ରେକର୍ଡ କରିଥିବା ୩୦ ବର୍ଷୀୟ ସାବଲେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୮:୧୪.୧୮ ଟାଇମିଂ ସହ ୧୧ଶ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ଟାଇମିଂକୁ ଭିତ୍ତିକରି ସାବଲେ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ସେ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ କୋଚିରେ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ଚାମ୍ପିୟନଶିପରେ ଭାଗ ନେଇପାରିବେ ନାହିଁ, ଯାହାକି ଆସନ୍ତା ମାସରେ କୋରିଆରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ପାଇଁ ଫାଇନାଲ ସିଲେକ୍ସନ ଇଭେଣ୍ଟ। ସୂଚନାଯୋଗ୍ୟ, ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏସିଆନ ଚାମ୍ପିୟନଶିପରେ ଭାଗ ନେବାଲାଗି ମନୋନୀତ ହେବାକୁ ଚାହୁଁଥିବା ଆଥଲେଟମାନଙ୍କ ଲାଗି ଫେଡେରେଶନ କପରେ ଅଂଶଗ୍ରହଣ ବାଧ୍ୟତାମୂଳକ କରିଛି। ତେବେ ଯେଉଁମାନେ ଅନୁମତି ନେଇ ବିଦେଶରେ ଟ୍ରେନିଂ ନେଉଥିବେ କିମ୍ବା କୌଣସି ପ୍ରତିଯୋଗିତାରେ ଭାଗ ନେଉଥିବେ ସେମାନଙ୍କ ଲାଗି ଏହି ନିୟମ କୋହଳ କରାଯାଇଛି।

# ଫ୍ରେଞ୍ଚ ଓପନରେ ସମ୍ମାନିତ ହେବେ ନାଡାଲ

ପ୍ୟାରିସ,୧୮।୪ (ହି.ସ): ଆସନ୍ତା ମେ' ୨୫ ତାରିଖରେ ଫ୍ରେଞ୍ଚ ଓପନ ତଥା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଦିନ ଅବସରପ୍ରାପ୍ତ ୧୪ ଥରର ଚାମ୍ପିୟନ ରାଫେଲ ନାଡାଲଙ୍କୁ ସମ୍ମାନିତ କରାଯିବ। ରାଫାଲଙ୍କ ଫ୍ରେଞ୍ଚ ଓପନ ଇତିହାସରେ ଅନେକ କୃତିତ୍ୱ ରହିଛି। ଏଥିଯୋଗୁ ତାଙ୍କ ସମ୍ମାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ତାଙ୍କୁ ସ୍ୱତନ୍ତ୍ର ଓ ଅସାଧାରଣ ଭାବେ ସମ୍ମାନିତ କରିବାକୁ ଚାହୁଁ। ଆମେ ତାଙ୍କୁ ଗତବର୍ଷ ସମ୍ମାନିତ କରିବାକୁ ଚାହୁଁଥିଲୁ। କିନ୍ତୁ ସେ ସେହି ସମୟରେ ମନା କରିଥିଲେ। କାରଣ ତାହା ତାଙ୍କର ଅନ୍ତିମ ରୋଲାଣ୍ଡ ଗାରୋସ ଥିଲା ବୋଲି ସେ ନିଶ୍ଚିତ ନ ଥିଲେ। ବର୍ତ୍ତମାନ ସେ ଅବସର ନେଇସାରିଛନ୍ତି ଏବଂ ସେ ଏବେ ଏହାକୁ ଖୁସିରେ ଗ୍ରହଣ କରିବେ ବୋଲି ଫ୍ରେଞ୍ଚ ଓପନ ଡାଇରେକ୍ଟର ଆମେଲିଏ ମାଉରେସମୋ କହିଛନ୍ତି। ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ଗତ ବର୍ଷ ଡିସେମ୍ବରରେ ଅବସର ଘୋଷଣା କରିଥିଲେ। ତାଙ୍କ ନାମରେ ସର୍ବାଧିକ ୧୪ଥର ଫ୍ରେଞ୍ଚ ଓପନ ଜିତିବାର ରେକର୍ଡ ରହିଛି। ସେ ଅନ୍ତିମ ଥର ୨୦୨୪ରେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ଏହି ସଂସ୍କରଣରେ ଆଲେକ୍ସଜାଣ୍ଡର ଭେରେଭେଙ୍କଠାରୁ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ।

# ଅଡୁଆରେ ସନ୍ନି ଦେଓଲଙ୍କ 'ଜାଟ୍': ତାରକାଙ୍କ ବିରୋଧରେ ଏତଲା




ନୂଆଦିଲ୍ଲୀ, ୧୮।୪ (ହି.ସ): ଅଡୁଆରେ ବଲିଉଡ଼ ଫିଲ୍ମ 'ଜାଟ୍'। ଫିଲ୍ମରେ ଧାର୍ମିକ ଭାବନାକୁ କ୍ଷୁର୍ଣ୍ଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଖ୍ରୀଷ୍ଟଧର୍ମୀ ସମ୍ପ୍ରଦାୟ ଫିଲ୍ମ ବିରୋଧରେ ବିରୋଧ ପ୍ରଦର୍ଶନ କରିଛନ୍ତି। ଫିଲ୍ମ ଅଭିନେତା ସନ୍ନି ଦେଓଲ, ରଣଦୀପ ହୁଡ୍ଡା ଓ ବିନୀତ କୁମାର ସିଂହଙ୍କ ନାମରେ ଏତଲା ହୋଇଛି। ବିଏନ୍‌ଏସ ଧାରା ୨୯୯ରେ ମାମଲା ରୁଜୁ ହୋଇଛି। ଗୁଡ୍ ଫ୍ରାଇଡ଼େ ଏବଂ ପବିତ୍ର ଇଷ୍ଟ ଭଳି ଦିନରେ ଫିଲ୍ମ ରିଲିଜକୁ ନେଇ କ୍ଷୁବ୍ଧ ହୋଇଥିଲେ ଖ୍ରୀଷ୍ଟଧର୍ମୀ। ସନ୍ନି ଦେଓଲ ଏବଂ ରଣଦୀପ ହୁଡ୍ଡାଙ୍କ ଅଭିନୀତ ବଲିଉଡ଼ ଫିଲ୍ମ 'ଜାଟ୍' ବିବାଦରେ ଫସିଛି। ଫିଲ୍ମରେ ଦେଖାଯାଇଥିବା ଏକ ଦୃଶ୍ୟକୁ ନେଇ ଖ୍ରୀଷ୍ଟଧର୍ମୀ ସମ୍ପ୍ରଦାୟ କ୍ଷୋଭ ପ୍ରକାଶ କରିଥିଲେ। ଫିଲ୍ମରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଥିଲେ। ଜଲନ୍ଧର ଥାନା ସଦରରେ ଫିଲ୍ମର ଷ୍ଟାର ସନ୍ନି ଦେଓଲ, ରଣଦୀପ ହୁଡ୍ଡା, ବିନୀତ କୁମାର ସିଂହ, ନିର୍ଦ୍ଦେଶକ ଗୋପିଚନ୍ଦ ମାଲିନିନି ଏବଂ ନିର୍ମାତା ନବୀନ ମାଲିନିନିଙ୍କ ନାମରେ ବିଏନ୍‌ଏସ ଧାରା ୨୯୯ରେ (ଧାର୍ମିକ ଭାବନାକୁ ଆଘାତ ଦେବା) ମାମଲା ରୁଜୁ ହୋଇଛି। ଅଭିଯୋଗକାରୀ ହେଲେ ଜଲନ୍ଧରର ଫୋଲଡିବାଲ ଗ୍ରାମବାସୀ ବିକଲ୍ପ ଗୋଲ୍ଡୀ କହିଛନ୍ତି ଏପ୍ରିଲ ୧୦ରେ ପ୍ରେକ୍ଷାଳୟରେ ଫିଲ୍ମ 'ଜାଟ୍' ରିଲିଜ ହୋଇଥିଲା। ଏହାର ଏକ ଦୃଶ୍ୟରେ ରଣଦୀପ ହୁଡ୍ଡାଙ୍କୁ ଚର୍ଚ୍ଚ ଭିତରେ ପବିତ୍ର ପଲପିଟ ନିକଟରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଯେଉଁଠି ଯୀଶଶ୍ କ୍ରାଇଷ୍ଟ କ୍ରାସ ଫଟୋ ରହିଛି। ଏହି ଦୃଶ୍ୟରେ ଚର୍ଚ୍ଚ ଭିତରେ ଗୁଣ୍ଡାଗର୍ଦ୍ଦି ଏବଂ ଧମକାଇବା ପରି ସିନ୍ ଦର୍ଶାଇଥିଲା। ଫିଲ୍ମରେ ପ୍ରଭୁ ଯୀଶୁ ସମ୍ପର୍କିତ ଦୃଶ୍ୟକୁ ନକଲ କରାଯାଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କୁ ଅପମାନିତ କରାଯାଇଛି। 'ଜାଟ୍' ଷ୍ଟାରଙ୍କ ନାମରେ ବିଏନ୍‌ଏସ ଧାରା ୨୯୯ରେ ମାମଲା ରୁଜୁ ହୋଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ବିରୋଧ ଜୋରଦାର ହେବ ବୋଲି କହିଛନ୍ତି ଅଭିଯୋଗକାରୀ। ତେବେ ଏ ନେଇ 'ଜାଟ୍' ନିର୍ମାତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ଝିଅର ନାମକରଣ କଲେ ରାହୁଲ-ଆଥିୟା



ମୁମ୍ବାଇ, ୧୮।୪ (ହି.ସ): ଆଥିୟା ଶେଟ୍ଟୀ ଏବଂ କେଏଲ ରାହୁଲଙ୍କ ଘରେ ଖୁସି ଆସିଛି। ଆଥିୟା ୨୪ ମାର୍ଚ୍ଚରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଝିଅର ଜନ୍ମ ପରଠାରୁ ସମସ୍ତେ ଆଥିୟା ଏବଂ କେଏଲ ରାହୁଲଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ସେମାନେ ମଧ୍ୟ ସେହି ନନ୍ହି ପରୀର ଝଲକ ଦେଖିବାକୁ ଚାହୁଁଥିଲେ। ଏବେ କେଏଲ ରାହୁଲ ତାଙ୍କ ଝିଅର ନାମ ସହିତ ପ୍ରଶଂସକମାନଙ୍କୁ ତାଙ୍କର ଏକ ଝଲକ ଦେଇଛନ୍ତି। କେଏଲ ରାହୁଲ ସୋସିଆଲ ମିଡିଆରେ ତାଙ୍କ ଝିଅ ଏବଂ ପତ୍ନୀ ଆଥିୟାଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ଝିଅଟି ରାହୁଲଙ୍କ କାନ୍ଧରେ ଶୋଇଥିବାର ଦେଖାଯାଉଛି। ତାଙ୍କ ମୁହଁ ଏପର୍ଯ୍ୟନ୍ତ ଦେଖାଯାଇ ନାହିଁ। ରାହୁଲ ତାଙ୍କ ଝିଅର ନାମ 'ଇଭାରା' ରଖିଛନ୍ତି। ଫଟୋ ସେୟାର କରିବା ସମୟରେ ସେ ଲେଖିଛନ୍ତି ଆମର ଶିଶୁକନ୍ୟା, ଆମର ସବୁକିଛି, ଇଭାରା - ଭଗବାନଙ୍କ ଉପହାର। କେଏଲ ରାହୁଲଙ୍କ ପୋଷ୍ଟରେ ଅନେକ ବଲିଉଡ ସେଲିବ୍ରିଟି କମେଣ୍ଟ କରୁଛନ୍ତି। ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ପ୍ରଥମେ କମେଣ୍ଟ ଦେଇଥିଲେ। ସେ ଫଟୋରେ ଏକ ହାର୍ଟ ଇମୋଜି ପୋଷ୍ଟ କରିଛନ୍ତି। ମଲାଇକା ଆରୋରା ହାର୍ଟ ଏବଂ ଦୁଷ୍ଟ ଆଖି ଇମୋଜି ପୋଷ୍ଟ କରିଛନ୍ତି। ଏହି ସମୟରେ, ସାଉଥ୍ କୁଇନ୍ ସାମନ୍ଥା ରୁଥ ପ୍ରଭୁ ମଧ୍ୟ ହାର୍ଟ ଇମୋଜି ପୋଷ୍ଟ କରିଛନ୍ତି। ଶୋଭିତା ଧୁଲିପାଲା ଲେଖିଛନ୍ତି ଏହା ସବୁକିଛି। ଜଣେ ପ୍ରଶଂସକ ଲେଖିଛନ୍ତି ନାମଟି ବହୁତ ସୁନ୍ଦର ସାର୍। କେଏଲ ରାହୁଲଙ୍କ ଏହି ପୋଷ୍ଟ ଭାଇରାଲ ହେବାରେ ଲାଗିଛି। କିଛି ମିନିଟ ମଧ୍ୟରେ, ଲକ୍ଷ ଲକ୍ଷ ଲୋକ ଏହାକୁ ପସନ୍ଦ କରିଛନ୍ତି। କେଏଲ ରାହୁଲ ଆଜି ତାଙ୍କ ଜନ୍ମଦିନ ପାଳନ କରୁଛନ୍ତି ଏବଂ ସେ ତାଙ୍କ ଜନ୍ମଦିନରେ ହିଁ ପ୍ରଶଂସକମାନଙ୍କୁ ଏହି ସରପ୍ରାଇଜ ଦେଇଛନ୍ତି। ତାଙ୍କ ପୋଷ୍ଟରେ ଅନେକ ଲୋକ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ମଧ୍ୟ ଦେଉଛନ୍ତି। ସୂଚନାଯୋଗ୍ୟ, କେଏଲ ରାହୁଲ ଏବଂ ଆଥିୟା ସେଟ୍ଟୀ ୨୦୨୩ ମସିହାରେ ବିବାହ କରିଥିଲେ।

# 'ନୋ ଏଣ୍ଟ୍ରି-୨'ରେ ବିପାଶାଙ୍କ ପତ୍ତା କାଟିଲେ ତମନ୍ନା

ମୁମ୍ବାଇ, ୧୮।୪ (ହି.ସ): ଫିଲ୍ମ 'ନୋ ଏଣ୍ଟ୍ରି-୨'ରେ ଅନ୍ୟତମ ମୁଖ୍ୟ କଳାକାର ଭାବେ ନଜର ଆସିବେ ତମନ୍ନା ଭାଟିଆ। ଫିଲ୍ମରେ ଅର୍ଜୁନ କପୁର, ବରୁଣ ଧୱନ ଓ ଦିଲଜିତ ଦୋସାଂଝ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତେବେ ନିର୍ମାତା ଅଦ୍ୟାବଧି କୌଣସି ଲିଡ୍ ଲେଡିଙ୍କ ନାଁ ଘୋଷଣା କରିନାହାନ୍ତି। ଗତ ବର୍ଷ ଏପ୍ରିଲ ୪ରେ ବୋନି କପୁର ଫିଲ୍ମର ସିକ୍ୱେଲ ଘୋଷଣା କରିଥିଲେ। କେବଳ ପୁରୁଷ କଳାକାର ଓ ନିର୍ଦ୍ଦେଶକ ଅନୀସ ବଜମୀଙ୍କ ନାଁ ଘୋଷଣା କରିଥିଲେ। ବଲିଉଡ୍ ୱେବସାଇଟ୍ ପିପିଂ ମୁନରେ ଏକ ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ ଉଲ୍ଲେଖ ହୋଇଛି, ଫିଲ୍ମ 'ନୋ ଏଣ୍ଟ୍ରି'ରେ ବିପାଶା ବସୁ ଯେଉଁ ଭୂମିକାରେ ଅଭିନୟ କରିଥିଲେ, ସିକ୍ୱେଲରେ ସେହିଭଳି ଭୂମିକାରେ ନଜର ଆସିବେ ତମନ୍ନା। ମୂଳ ଫିଲ୍ମ ୨୦୦୫ ମସିହାରେ ମୁକ୍ତିଲାଭ କରିଥିଲା। ମୁଖ୍ୟ ଭୂମିକାରେ ଥିଲେ ସଲମାନ ଖାନ୍ ଓ ଅନିଲ କପୁର। ପୂର୍ବରୁ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା, ଏହାର ସିକ୍ୱେଲ ପାଇଁ ନିର୍ମାତା ମାନୁଷୀ ଛିଲ୍ଲର ଓ ଅଦିତି ରାଓ ହାଇଦରୀଙ୍କ ସହ ସମ୍ପର୍କ କରିଥିଲେ। କିନ୍ତୁ ଅଦ୍ୟାବଧି ଏନେଇ କିଛି ସ୍ପଷ୍ଟ ଖବର ଆସିନାହିଁ। ଇତିମଧ୍ୟରେ ନିର୍ଦ୍ଦେଶକ ଅନୀସ ବଜମୀ ବର୍ଷ ଆରମ୍ଭରେ ଏକ ଇନ୍‌ଷ୍ଟା ପୋଷ୍ଟ ଶେୟାର କରିଥିଲେ। 'ନୋ ଏଣ୍ଟ୍ରି-୨'ର ସୁଟିଂ ପାଇଁ ସେ ସ୍ଥାନ ଖୋଜୁଥିବା କହିଥିଲେ। ଗ୍ରୀକର କିଛି ଫଟୋ ଶେୟାର କରି 'ନୋ ଏଣ୍ଟ୍ରି-୨'ର ପାଗଳାମି ପାଇଁ ନୂଆ ରୋମାଞ୍ଚକର ସ୍ଥାନ ଖୋଜୁଥିବା କ୍ୟାପ୍ସନ ଲେଖିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik